୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୭୦ ● ୨୦ ଜୁଲାଇ ୨୦୨୬ ସୋମବାର ● ଭୁବନେଶ୍ୱର ● Vol-33 ● Issue-170 ● 20th July 2026, Monday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27



୬ ଟୋକିଓରେ ଇତିହାସ ରଚିଲେ ପିଭି ସିନ୍ଧୁ

ପ୍ରଥମ ଭାରତୀୟ ମହିଳା ଭାବେ ଜିତିଲେ ଜାପାନ ଓପନ

## ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ଦର୍ଶନ ଆରମ୍ଭ

# ଶ୍ରଦ୍ଧାଳୁ ପାଇଲେ ଆଡ଼ପ ଅବଢ଼ା

ପୁରୀ,୧୯।୭

ନ୍ୟୁଜ୍‌ବ୍ୟୁରୋ

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ରବିବାର ଚତୁର୍ଥ ଦିବସ। ରବିବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିର ଆଡ଼ପ ଦର୍ଶନ। ରବିବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ବନକଲାଗି ନୀତି ଅନୁଷ୍ଠିତ ହୋଇଛି। ତେଣୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଠିଆ ହୋଇ ଅଧିକାଂଶ ଭକ୍ତ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଶନିବାର ଗୋଟି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରିବା ପରେ ସମସ୍ତ ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କର ଅନେକ ଗୁଡ଼ିଏ ନୀତି କାନ୍ତି ଥିବାରୁ ପହୁଡ଼ କରାଯାଇନଥିଲା। ତେବେ ରବିବାର ସକାଳ



୯ଟା ୫୫ରେ ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସକାଳୁ ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ଼ରେ ଦୀର୍ଘ ସମୟ ଅପେକ୍ଷା କରି ଭକ୍ତ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଉଭୟ ସାହାଣ ମେଲା ଓ ପରିମାଣିକ ଟିକେଟ ଦର୍ଶନ ଚାଲିଥିଲା। ସୁଆର ମହାସୁଆର ନିଯୋଗ ପକ୍ଷରୁ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଧୂପରେ ଆଡପ ଅବଢ଼ା ପ୍ରସ୍ତୁତ ହୋଇଥିଲା ବୋଲି କହିଛନ୍ତି ସେବାୟତ।

ଶ୍ରୀବିଗ୍ରହଙ୍କ ମଇଲମ, ତଡପ ଲାଗି, ଅବକାଶ ପୂଜା ପରେ ଅଧର ପୋଛା ନୀତି ସମ୍ପନ୍ନ ହୋଇଥିଲା। ଦଉମହାପାତ୍ର ସେବାୟତଙ୍କ ଦ୍ୱାରା ଏହି (ପୃଷ୍ଠା ୭ରେ)

### ଗୁଣ୍ଡିଚା ମନ୍ଦିରରେ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର,୧୯।୭

ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ପୋଲିସ ଡିଜି ୱାଇ.ବି ଖୁରାନିଆ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ରବିବାର ଦିନ ରଥଯାତ୍ରା ୨୦୨୬ ଅବସରରେ ଗୁଣ୍ଡିଚା ମନ୍ଦିରରେ ସୁରକ୍ଷା, ଯାତାୟାତ ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି।

ଡିଜିପିଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଆଇଜିପି (ସିଆର) ମନ୍ଦିର ପରିସରକୁ ପରିଦର୍ଶନ କରି ଚାଲୁଥିବା ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେମାନେ କ୍ଷେତ୍ରସ୍ତରର କର୍ମଚାରୀଙ୍କ ସହ ଆଲୋଚନା କରି ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରିଥିଲେ।

ରଥଯାତ୍ରା ସମୟରେ ସମସ୍ତ ନିୟମିତ ଆଚାର-ଉତ୍ସବ ସୁରକ୍ଷିତ, ସୂଚାରୁ ଓ ଶୃଙ୍ଖଳାବଦ୍ଧ ଭାବେ ସମ୍ପନ୍ନ (ପୃଷ୍ଠା ୭ରେ)

## ଜମ୍ମୁରେ ବନ୍ୟା ବିପ୍ଳବ

# ୧୭ ମୃତ, ଅନେକ ନିଖୋଜ

ଶ୍ରୀନଗର,୧୯।୭

ଜମ୍ମୁ-କାଶ୍ମୀରର ପୁଞ୍ଚ ଏବଂ ରାଜୌରୀ ଜିଲ୍ଲାରେ ଆକସ୍ମିକ ବନ୍ୟା ଏବଂ ବାଦଲଫଟା ବର୍ଷା ଯୋଗୁଁ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ସବୁଠାରୁ ଅଧିକ ପୁଞ୍ଚ ଓ ରଜୌରୀ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଛି। ପୁଞ୍ଚର ସୁରନକୋଟର ଏକ ଗାଁରୁ ତିନୋଟି ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ରାଜୌରୀ ଜିଲ୍ଲାରୁ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଆକସ୍ମିକ ବନ୍ୟା ଯୋଗୁଁ ପ୍ରାଣହାନୀ ଘଟିଥିବା ଜିଲ୍ଲା ପ୍ରଶାସନ ସୂଚନା ଦେଇଛି। ରାଜୌରୀ ଜିଲ୍ଲାର ବେଲା କଲୋନୀରେ ପ୍ରବଳ ବର୍ଷା ରେକର୍ଡ ହେବା ପରେ ଆକସ୍ମିକ ବନ୍ୟା ଏବଂ ବାଦଲଫଟା ବର୍ଷା ଯୋଗୁଁ ଗାଡ଼ି ମୋଟର, କାର୍ ଓ ଅନ୍ୟାନ୍ୟ ଭିତ୍ତିଭୂମି ଭାସି ଯାଇଛି। ସମଗ୍ର ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ବନ୍ୟା କ୍ଷୟକ୍ଷତି ଆକଳନ କରୁଛି ପ୍ରଶାସନ। ଖରାପ ପାଗ ଏବଂ ଆକସ୍ମିକ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ଜମ୍ମୁ-କାଶ୍ମୀର ସରକାର ହାଇ ଆଲର୍ଟ ଜାରି କରିଛନ୍ତି। ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ, ଜମ୍ମୁର କିଛି ଅଞ୍ଚଳ, ବିଶେଷ କରି ରାଜୌରୀ ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ସେ ନଜର ରଖିଛନ୍ତି। ସେ ଏକ୍ସରେ ପୋଷ୍ଟ କରି କହିଛନ୍ତି,



'ବର୍ଷା ଏବଂ ଆକସ୍ମିକ ବନ୍ୟା ଯୋଗୁଁ ସମ୍ପତ୍ତି ହରାଇଥିବା କିମ୍ବା କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ଏବଂ ସହଯୋଗ କରିବା ପାଇଁ ସରକାର ସମ୍ଭବ ସମସ୍ତ ପଦକ୍ଷେପ ନେବେ। ପାଣିପାଗ ବିଭାଗ ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନା ଏବଂ ଜମ୍ମୁ ଡିଭିଜନର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାଉଣ୍ଡ ଜିରୋରେ ସ୍ଥିତିର ବ୍ୟକ୍ତିଗତ ତଦାରଖ କରିବା ପାଇଁ ମୁଁ ରବିବାର ଅପରାହ୍ନରେ ଦିଲ୍ଲୀରୁ ଜମ୍ମୁ ଅଭିମୁଖେ ବିମାନ ଯାତ୍ରା କରିଥିଲି।' ଜମ୍ମୁ-କାଶ୍ମୀରର ଗ୍ରୀଷ୍ମକାଳୀନ ରାଜଧାନୀ ଶ୍ରୀନଗରରେ ସକାଳୁ ପ୍ରବଳ ବର୍ଷା ହୋଇଥିବା ବେଳେ ଉପତ୍ୟକାର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଆଇଏମଡି ଜୁଲାଇ ୧୯ରୁ ୨୩ ମଧ୍ୟରେ ପାଞ୍ଚ ଦିନ ପାଇଁ ଖରାପ ପାଗର ପୂର୍ବାନୁମାନ କରିଛି। ପିର ପାଞ୍ଜାଲ ପାର୍ବତ୍ୟ ମାଳା ଏବଂ କାଶ୍ମୀରର ଉଚ୍ଚ ସ୍ଥାନଗୁଡ଼ିକରେ ଭୂସ୍ଖଳନ, କାଦୁଅ ଧସିବା, ପଥର ଖସିବା ଏବଂ ଆକସ୍ମିକ ବନ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଅନନ୍ତନାଗ, ପହଲଗାମ, କୁଲଗାମ, ସୋପିଆନ, ଗୁଲମାର୍ଗ, ସୋନମାର୍ଗ-ଜୋଜିଲା ଅକ୍ଷ, ବାନ୍ଦିପୋରା-ରାଜଦାନ ପାସ ଏବଂ କୁପୱାଡ଼ା-ସାଧନା ପାସ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ପାଣିପାଗ ସତର୍କ ସୂଚନା ମଧ୍ୟରେ ପ୍ରଶାସନ ରବିବାର ଠାରୁ କାଶ୍ମୀରରେ ଅମରନାଥ ଯାତ୍ରା ସ୍ଥଗିତ ରଖିଛି ଏବଂ ଯାତ୍ରୀମାନଙ୍କୁ ପ୍ରଶାସନିକ ଘୋଷଣା ପାଳନ କରିବାକୁ କହିଛି। ଏଥିସହିତ କୁପୱାଡ଼ାର ଜିଲ୍ଲା ପ୍ରଶାସନ କେରାନ, କର୍ଣ୍ଣାହ, ମାଛିଲ, ବୁଦ୍‌ନାମଲ, ଜୁମୁଗୁଣ୍ଡ, (ପୃଷ୍ଠା ୭ରେ)

### ହୀରାକୁଦ ଜଳଭଣ୍ଡାରରେ ଖୋଲିଲା ୪ ଗେଟ୍

ସମ୍ବଲପୁର,୧୯।୭

ନ୍ୟୁଜ୍‌ବ୍ୟୁରୋ

ରବିବାର ପୁଣି ଖୋଲିଲା ହୀରାକୁଦ ଗେଟ୍। ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଲଗାତାର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଜଳଭଣ୍ଡାର ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବାମ ପାର୍ଶ୍ୱରେ ୩ଟି ଏବଂ ଡାହାଣ ପାର୍ଶ୍ୱରେ ଗୋଟିଏ ଗେଟ୍ ଖୋଲିଛି। ଦ୍ୱିତୀୟ ପର୍ଯ୍ୟାୟ ମହାନଦୀକୁ ବନ୍ୟାଜଳ ଛଡ଼ାଯାଇଛି।

### ଆଜିର ମୁଖ୍ୟ ଖବର

- ଜୋର୍ଡାନରେ ଆମେରିକୀୟ ବେସ୍ ଉପରେ ଇରାନର ଆକ୍ରମଣରେ ଦୁଇ ଆମେରିକୀୟ ସୈନିକଙ୍କ ମୃତ୍ୟୁ।
- ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ, ଆଗାମୀ ଚାରି ଦିନ ପାଇଁ ସ୍ୱତନ୍ତ୍ର ସତର୍କତା।
- ପାଣିପାଗ ଚେତାବନୀ ଯୋଗୁଁ ଅମରନାଥ ଏବଂ ମାତା ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ।
- ଝଡ଼, ବଜ୍ରପାତ ଓ ପବନର ସମ୍ଭାବନା ନେଇ ଆସନ୍ତା ୨୨ ତାରିଖ ସକାଳ ଠାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ଓଡ଼ିଶାର କେତେକ ଜିଲ୍ଲାକୁ ଚେତାବନୀ।

## ଭାରତ-ବାଂଲାଦେଶ ସୀମାରେ ସୀମା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଅମିତ ଶାହ

କୋଲକାତା,୧୯।୭

ଭାରତ-ବାଂଲାଦେଶ ସୀମା ସୁରକ୍ଷାକୁ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗ ଗସ୍ତ ଅବସରରେ ଏକ ଦେଶୀୟ ରେଡିଓ-ଭିତ୍ତିକ ସୀମା ସୁରକ୍ଷା ପ୍ରଣାଳୀର ଗ୍ରାଉଣ୍ଡ ରିଭ୍ୟୁ କରିଛନ୍ତି। ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବା ପରେ ଗୃହମନ୍ତ୍ରୀଙ୍କର ସୀମାନ୍ତ ଅଞ୍ଚଳକୁ ଏହା ପ୍ରଥମ ଗସ୍ତ। ଅତ୍ୟାଧୁନିକ ସ୍ମାର୍ଟ ଫେନ୍ସିଂ ବ୍ୟବସ୍ଥା ଦ୍ୱାରା ଯଦି କେହି ସୀମା ବାଡ଼ ସହ କୌଣସି ପ୍ରକାରର ହସ୍ତକ୍ଷେପ କରେ, ତେବେ ଏହା ସଙ୍ଗେ ସଙ୍ଗେ ସୀମା ସୁରକ୍ଷା ବାହିନୀ (ବିଏସଏଫ)ର ଯବାନମାନଙ୍କୁ ସତର୍କ ସୂଚନା ଦେବା ସହ ଏକ ପୂର୍ବ-ରେକର୍ଡିଂ ଚେତାବନୀ



ବାର୍ତ୍ତା ପ୍ରସାରଣ କରିବ, ଯାହାଦ୍ୱାରା ଯବାନମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

ଏହା ବ୍ୟତୀତ ନଦୀ କିମ୍ବା ଜଟିଳ ଭୌଗୋଳିକ ସୀମା, ଯେଉଁଠି ବାଡ଼ ପକାଇବା ସମ୍ଭବ ନୁହେଁ, ସେଠା ପାଇଁ (ପୃଷ୍ଠା ୭ରେ)

## ପରୀକ୍ଷା ବ୍ୟବସ୍ଥା ଉପରେ ଭାଙ୍ଗିଛି ଭରସା : ସଂସଦରେ ଆଲୋଚନା ଓ ସଂସ୍କାର ପାଇଁ ଦାବି କଲେ ନବୀନ

ଭୁବନେଶ୍ୱର,୧୯।୭

ନ୍ୟୁଜ୍‌ବ୍ୟୁରୋ

ଦେଶର ଶିକ୍ଷା ବ୍ୟବସ୍ଥା ଓ ପରୀକ୍ଷା ପ୍ରକ୍ରିୟାର ବିଶ୍ୱସନୀୟତାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ଏହି ପ୍ରସଙ୍ଗକୁ ସଂସଦରେ ସର୍ବୋଚ୍ଚ ପ୍ରାଥମିକତାର ସହ ଉଠାଇ ବିସ୍ତୃତ ଆଲୋଚନା କରିବା ପାଇଁ ନବୀନ ଦାବି କରିଛନ୍ତି। ଏହା ସହ ପରୀକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ସେ



ଦାବି କରିଛନ୍ତି। ସେହିପରି, ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ସରକାର ତୁରନ୍ତ ସକାରାତ୍ମକ ସଂଳାପ ଆରମ୍ଭ କରନ୍ତୁ ବୋଲି ମଧ୍ୟ ସେ ଆହ୍ୱାନ ଦେଇଛନ୍ତି।

ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ (ପୃଷ୍ଠା ୭ରେ)

### ରାଜ୍ୟରେ ନୀଳ ଅର୍ଥନୀତିକୁ ଗୁରୁତ୍ୱ

### ୨୫ ହଜାର କୋଟି ଟଙ୍କାର ମାଛ ରପ୍ତାନୀ ଲକ୍ଷ୍ୟ

ବ୍ରହ୍ମପୁର,୧୯।୭

ନ୍ୟୁଜ୍‌ବ୍ୟୁରୋ

ଦେଶରେ ନୀଳ ଅର୍ଥନୀତିର ବିକାଶ ଉପରେ ଅଧିକ ଗୁରୁତ୍ୱାରୋପ କରାଯାଉଛି। 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ପୂର୍ତ୍ତି ପାଇଁ ନୀଳ ଅର୍ଥନୀତି କ୍ଷେତ୍ରରେ ଅଗ୍ରଗତି ଦ୍ୱାରା ଦେଶକୁ ଆଗକୁ ନେବା ପାଇଁ ଆହ୍ୱାନ ରହିଛି। ଏହି କ୍ଷେତ୍ରରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜର ମତ ରଖିଛନ୍ତି। ପୂର୍ବରୁ ଗଭୀର ସମୁଦ୍ର ମଧ୍ୟରେ ମାଛ ଧରିବା ପାଇଁ ଯେଉଁ କଟକଣା ରହିଥିଲା ତାହା ବର୍ତ୍ତମାନ କାର୍ଯ୍ୟକାରୀ କରାଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡାସ୍ଥିତ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଓ ଜାତୀୟ ମତ୍ସ୍ୟ ଉନ୍ନୟନ ପରିଷଦ ପକ୍ଷରୁ ଦୁଇ ଦିନିଆ ଜାତୀୟ କନକ୍ଳେଭ ଆୟୋଜିତ ହୋଇଯାଇଛି। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିନିଧିମାନେ ନିଜର ଅଭିନବ ଉପାୟରେ ପ୍ରସ୍ତୁତ କରିଥିବା ମାଛରେ ମୂଲ୍ୟଯୁକ୍ତ ଦ୍ରବ୍ୟକୁ ବିଶେଷଜ୍ଞଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କିପରି ପୂର୍ବରୁ ୧୨ ନଟିକାଲ ମାଇଲ୍ ଅର୍ଥାତ୍ ୨୦ ରୁ ୨୨ କିଲୋମିଟର ମଧ୍ୟରେ ଯେଉଁ ମାଛ ଧରିବାକୁ ମତ୍ସ୍ୟଜୀବୀଙ୍କୁ ଅନୁମତି ଥିଲା ବର୍ତ୍ତମାନ ତାହାକୁ ପରିବର୍ତ୍ତନ କରାଯାଇଛି ବୋଲି କହିଥିଲେ। ମତ୍ସ୍ୟ କ୍ଷେତ୍ରର ଉନ୍ନତି ପାଇଁ (ପୃଷ୍ଠା ୭ରେ)

## ନାଗାଲାଣ୍ଡରେ ଭୟଙ୍କର ଭୂସ୍ଖଳନ : ୮ ମୃତ

କୋହିମା,୧୯।୭

ନାଗାଲାଣ୍ଡରେ ଭୟଙ୍କର ଭୂସ୍ଖଳନ। ପ୍ରବଳ ବର୍ଷା ଯୋଗୁଁ ମୋନ୍ ଜିଲ୍ଲାରେ ବଡ଼ ଧରଣର ଭୂସ୍ଖଳନ ହୋଇଛି। ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ୧୨ ଜଣ ଆହତ ହୋଇଛନ୍ତି। ମୃତଦେହ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରବିବାର ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହାସହ ଭୂସ୍ଖଳନ ଯୋଗୁଁ ବହୁ କ୍ଷତି ଘଟିଛି। ବନ୍ୟା ଏବଂ ଭୂସ୍ଖଳନରେ ଅନେକ ଘର ଭାସିଯାଇଛି, ରାସ୍ତା ଅବରୋଧ ହୋଇଛି ଏବଂ ଅନେକ ଲୋକ ଏବେ ବି ଭଗ୍ନାବଶେଷ ତଳେ ପୋତି ହୋଇ ରହିଛନ୍ତି। ମୋନ୍ ଜିଲ୍ଲା ଡେପୁଟି କମିଶନର ଭେନ୍ନେୟ କୋନ୍ୟାକ୍ କହିଛନ୍ତି ଯେ, ଏପର୍ଯ୍ୟନ୍ତ ଚାରି ଜଣଙ୍କ ମୃତଦେହ



ଉଦ୍ଧାର କରାଯାଇଛି। ଅନ୍ୟ ଚାରି ଜଣ ଏବେ ବି ଭଗ୍ନାବଶେଷ ତଳେ ଚାପି ହୋଇ ରହିଛି। ସେ କହିଛନ୍ତି, 'ମୋନ୍ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଗାତାର ପ୍ରବଳ ବର୍ଷା ଯୋଗୁଁ ହୋଇଥିବା ଭୂସ୍ଖଳନରେ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ହେଉଛି ମୋନ୍ ସହର ଏବଂ ଟିଜିଟ୍। ପ୍ରାୟ ରାତି ୧ଟା ବେଳେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା ଏବଂ ଆମେ ସକାଳ ପ୍ରାୟ ୬-୭ଟା ବେଳେ ଭୂସ୍ଖଳନର ରିପୋର୍ଟ ପାଇଥିଲୁ।'

## ମହାପ୍ରଭୁଙ୍କ ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାରର ଗଣତି-ମଣତି ଶେଷ

### ୯ଟି ରତ୍ନ ଅଳଙ୍କାରର ହେଲା ଯାଞ୍ଚ

ପୁରୀ,୧୯।୭

ନ୍ୟୁଜ୍‌ବ୍ୟୁରୋ

ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହେଉଥିବା ଦୁର୍ଲଭ ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ଅଳଙ୍କାର ଓଲାଗି ପରେ ରବିବାର କରାଯାଇଥିଲା ଗଣତି ମଣତି। ଦିନ ୧୧ଟା ୩୬ ମିନିଟ୍‌ରେ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ସୁନା ଚିତା, ରାହୁ ରେଖା, ରୂପା ରସିକ ଶୁଆ ଥଣ୍ଟିଆର ଗଣତି ମଣତି କରା ଯାଇଛି। ଖଟଶେଜ ଘରେ କରାଯାଇଥିଲା ସମସ୍ତ କାର୍ଯ୍ୟ। ଝୋବାର ଗଣତି ମଣତି କାର୍ଯ୍ୟ



ହୋଇନାହିଁ। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ୯ଟି ଦୁର୍ଲଭ ଶ୍ରୀଅଙ୍ଗ ଲାଗି ଅଳଙ୍କାର ଗଣତି ଓ ମେଳକ (ପୃଷ୍ଠା ୭ରେ)

### ଏକାଳ ପଖାଳ



ସଂସଦେ ବସିବ ଅଧିବେଶନ
ବିରୋଧୀ ଘଷିବେ ନଖ
ବାଧା ଦେବାକୁ ସବୁ ଯୋଜନା
ନାଟକ ଭାଇନା ଦେଖ
ଶିଖ ରାଜନୀତି ଶିଖ
ନେତା କ୍ୟାରିଅର ସବୁଠୁ ବଢ଼ିଆ
ସବୁ କିଛି ଖିଆ ପୋକ।

## ଓଡ଼ିଶାରେ ୧୩% ଛାତ୍ରଛାତ୍ରୀ ଅଧାରୁ ଛାଡୁଛନ୍ତି ପାଠପଢ଼ା



ଭୁବନେଶ୍ୱର,୧୯।୭

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ୨୦୨୫-୨୬ ଶିକ୍ଷା ବର୍ଷରେ ମାଧ୍ୟମିକ ସ୍ତରରେ (ନବମରୁ ଦ୍ୱାଦଶ ଶ୍ରେଣୀ) ପାଠପଢ଼ା ଛାଡ଼ିବା ହାର ୧୩.୭% ରହିଛି। ଜାତୀୟ ସ୍ତରରେ ଏହି ହାର ୯.୭ ପ୍ରତିଶତ ଥିବାବେଳେ ରାଜ୍ୟର ସ୍ଥିତି ଚିନ୍ତାଜନକ। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ପାଠପଢ଼ା ଛାଡ଼ିବା ହାର ରାଜ୍ୟରେ ୨.୨% ଥିଲାବେଳେ ଜାତୀୟ ହାର ୩.୬% ରହିଛି। ପ୍ରାଥମିକ ସ୍ତରରେ ଅର୍ଥାତ ପ୍ରାକ୍-ପ୍ରାଥମିକରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ପାଠପଢ଼ା ହାର ୦.୨% ରହିଛି। ଏହି ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମୋଟ ୬୧ ହଜାର ୫୯୪ ବିଦ୍ୟାଳୟ ରହିଥିବାବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭୭ ଲକ୍ଷ ୮୮ ହଜାର ୫୬୭ ଏବଂ ଶିକ୍ଷକଙ୍କ ସଂଖ୍ୟା ୩ ଲକ୍ଷ ୪୧ ହଜାର ୯୦୯ ରହିଛି।

ପ୍ରାଥମିକ (୧-୫)ଶ୍ରେଣୀରେ ଡ୍ରପ୍ ଆଉଟ୍ ହାର ରହିଛି ୦.୨%। ସେଥିରୁ ଛାତ୍ରଙ୍କ ଡ୍ରପ ଆଉଟ ୦.୩% ଓ ଛାତ୍ରୀଙ୍କ ଡ୍ରପ ଆଉଟ ହାର ୦.୨% ରହିଛି। ଉଚ୍ଚ ପ୍ରାଥମିକ (୬-୮) ସ୍ତରରେ ଡ୍ରପ୍ ଆଉଟ୍ ହାର ୨.୨% ଥିବାବେଳେ ସେଥିରୁ ଛାତ୍ରଙ୍କ ହାର ୨.୫% ଏବଂ ଛାତ୍ରୀଙ୍କ ହାର ୧.୯% ରହିଛି। ମାଧ୍ୟମିକ (ପୃଷ୍ଠା ୭ରେ)

## ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଟାଇମ୍ ଲାଗି ଆରମ୍ଭ ହେଲା 'ହ୍ୱାଇଟ୍ ରାବିଟ୍'

ନୂଆଦିଲ୍ଲୀ,୧୯।୭

କେନ୍ଦ୍ର ସରକାର ସଠିକ ସମୟ ନିର୍ଦ୍ଧାରଣ ପ୍ରଯୁକ୍ତି ଆଧାରିତ 'ହ୍ୱାଇଟ୍ ରାବିଟ୍' ଡେମୋନଷ୍ଟ୍ରେସନ ନେଟୱାର୍କ ଆରମ୍ଭ କରିଛନ୍ତି। ଭାରତ ସରକାର କହିଛନ୍ତି ଯେ ଏକ ରାଷ୍ଟ୍ର ଏକ ସମୟ ଲକ୍ଷ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ବିକଶିତ ଏହି ନେଟୱାର୍କ ସାରା ଦେଶରେ ନାନୋସେକେଣ୍ଡରୁ ବି କମ୍ ସମୟରେ ସଠିକ ସମୟ ଦର୍ଶାଉଛି। ଏହା ଦ୍ୱାରା ଅର୍ଥ, ଦୂରସଞ୍ଚାର ଓ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଲାଗି ଏବେ ବିଦେଶୀ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଜିପିଏସ୍) ନିର୍ଭରତା ସମାପ୍ତ ହୋଇଯିବ। ହ୍ୱାଇଟ୍ ରାବିଟ୍ ଟେକ୍ନୋଲଜି ଏକ ଆଡଭାନ୍ସଡ୍ ଟେକ୍ନୋଲଜି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ହଜାରହଜାର ଯୋଡି ହୋଇ ରହିଥିବା ଉପକରଣ ମଧ୍ୟରେ



ଏକ ନାନୋ ସେକେଣ୍ଡରୁ ବି କମ୍ ସମୟରେ ସଠିକ ତାଳମେଳ ସ୍ଥାପନା କରିବା। କେନ୍ଦ୍ରୀୟ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଗତ ସପ୍ତାହରେ ବେଙ୍ଗାଲୁରୁସ୍ଥିତ ରିଜିଓନାଲ ରେଫରେନ୍ସ ଷ୍ଟାଣ୍ଡାର୍ଡ ଲାବରେଟରୀ (ଆରଆରଏସଏଲ)ରେ ଏହି ନେଟୱାର୍କକୁ ପ୍ରାରମ୍ଭ କରିଥିଲେ। ଏହି ପ୍ରକଳ୍ପ ଖାଉଟି ବ୍ୟାପାର ବିଭାଗ, ସିଏସଆଇଆର, ରାଷ୍ଟ୍ରୀୟ (ପୃଷ୍ଠା ୭ରେ)





# ସମାଜ ସେବା ପାଇଁ ସଂଘମିତ୍ରା ଗ୍ରୁପ ସମ୍ମାନିତ

ବରଗଡ, ନ୍ୟୁଜ୍ ବ୍ୟୁରୋ

ପଦ୍ମପୁରର ସ୍ୱେଚ୍ଛାସେବୀ ସଂଗଠନ ସହଯୋଗ ର ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ଅଜଣା ରୋଗୀଙ୍କୁ ରକ୍ତ ଦାନ ଅଜଣା ଲୋକଙ୍କ ମୃତ୍ୟୁ ପରେ ଶବଦାହ ଆଦି ନିଃସ୍ୱାର୍ଥପର ସେବା କରିଆସୁଥିବା ସଂଘମିତ୍ରା ଗ୍ରୁପ କୁ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମାନିତ କରିଥିଲେ। ସହଯୋଗ ସ୍ୱେଚ୍ଛାସେବୀ ସଂଗଠନର ତୃତୀୟ ବାର୍ଷିକ ଉତ୍ସବ ଅବସରରେ ବରିହା ଅନ୍ୟାନ୍ୟ ସଂଗଠନ ସମେତ ସଂଘମିତ୍ରା ଗ୍ରୁପ କୁ ସମ୍ମାନିତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସଂଘମିତ୍ରା ପଟେଲ, କରଣ ପଟେଲ ସୁଲଚନା ମାହାନା, ଚରଣୀ ସାହୁ ଓ ଆହୁରି ଅନେକ ଯୋଗଦେଇଥିଲେ।



# ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ଗ୍ରାମପଞ୍ଚାୟତ ସ୍ତରୀୟ କୋର କମିଟି ସଦସ୍ୟ/ ସଦସ୍ୟା ଓ ସରକାରୀ ଅଧିକାରୀ ମାନଙ୍କ ସହ ବ୍ଲକ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଉତ୍ତରୀୟ ପ୍ରଦାନ କରିଥିବା ବେଳେ ପ୍ରୋଜେକ୍ଟର ତାଲିମ୍ ପ୍ରଶିକ୍ଷକ ଜିତେନ୍ଦ୍ର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ବୈଠକ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଯୋଗଦେଇ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ, ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସାଲଗେ ଟୁଡୁ ଯୋଗଦେଇ ଗେଣ୍ଡୁ ଫୁଲ, ଗୁଲାପ ଫୁଲ ଚାଷ, ହଳଦୀ, ପିଆଜ ଛତୁ ଚାଷ ଫାରମର ଆଇଡି ସହିତ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅରୁଣ କୁମାର ସାହୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଇନସୁରାନ୍ସ, ସବସିଡି ଏବଂ ବିଭିନ୍ନ ଯୋଜନା ଉପରେ ମତ ରଖିଥିଲେ। କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସାଗର ଚନ୍ଦ୍ର ସାହୁ ମୁଖ୍ୟମନ୍ତ୍ରୀ ମତ୍ସ୍ୟ ପୋଖରୀ ଯୋଜନା,ଫାର୍ମ ପଣ୍ଡ ସରକାରୀ ସହାୟତା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସମେତ ମହାକୁର ଭି ବି ଜି ରାମଜୀ ଯୋଜନା ଉପରେ ମତ ରଖିଥିଲେ, ଓଡିଶା ଜୀବନଜୀବିକା ମିଶନର ବି ପି ଏମ ମନୋଜ ବାଘ ଆର୍ଥିକ ଓ ସାମାଜିକ ଅନ୍ତର୍ଭୁକ୍ତି କରଣ, ସ୍ୱୟଂ ସହାୟକ ଗୋଷ୍ଠି ଗଠନ ସୁବିଧା ସୁଯୋଗ,ଜେଣ୍ଡର ସି ଆର ପି ମାଧ୍ୟମରେ କରାଯାଉ ଥିବା ପାରିବାରିକ ହିଂସା, ଘରୋଇ ହିଂସା, ତାଲିମ୍ ବିଷୟରେ ଆଲୋଚନା କରିଥିଲେ। ଶେଷରେ କ୍ଷେତ୍ରକର୍ମୀ ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଯୁବ ସମାଜକୁ ପରାମର୍ଶ

ଉମରକୋଟ, ନ୍ୟୁଜ ବ୍ୟୁରୋ

ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ଥାନା ଅଧିକାରୀ ଯୁଗଳ ଶବର। ସନମାନନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବି ପ୍ରଶାନ୍ତ କୁମାର ସାହୁ, ପ୍ରତିଷ୍ଠିତ ସମାଜ ସେବୀ ମୋନଜ କୁମାର ପାତ୍ର, ସାମ୍ବାଦିକ ଦେବୀ ପ୍ରସାଦ ବେହେରା, ନବରଙ୍ଗପୁର ଜିଲ୍ଲା ପ୍ରତିନିଧି କିରଣ କୁମାର ପଟ୍ଟନାୟକ, କାହ୍ନୁ ନଦିଆ, ସାମ୍ବାଦିକ ସନ୍ତୋଷ ଦଳେଇ, ବନପାଳ ଅକୁଳ ବୈରାଗୀ, ଉମରକୋଟ ବିଦ୍ୟୁତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ୱରୂପ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଭାବରେ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ କୁମାର ଠାକୁର ଏବଂ ଉପସଭାପତି ଭାବରେ ପ୍ରଦୀପ କୁମାର ବୋରମନ ଯୋଗ ଦେଇ ଥିଲେ। ଅନୁଷ୍ଠାନର ସହକାରୀ ତାଲିମ ଅଧିକାରୀ ବାବୁ କୁମାର ଦଲାଇ ଏବଂ ବରିଷ୍ଠ ପ୍ରଶିକ୍ଷକ ସୌରଭ ମିଶ୍ର ମଞ୍ଚ ପରିଚାଳନା କରିବା ସହିତ ଯୁବ ସମାଜକୁ ବୃକ୍ଷରୋପଣର ଉପକାରିତା ସମ୍ବନ୍ଧରେ ଆଲକୋପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର ଛାତ୍ରୀ ବୃକ୍ଷ ରପଣ କାର୍ଯ୍ୟରେ ଯୋଗ ଦେଇଥିଲେ। ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରଦୋଶ କୁମାର ମୋହାପାତ୍ର, ସିଂରାଇ ମୁର୍ମୁ, ଆଶିଷ କୁମାର ନାଇକ, ଜାନୁରମ ସୋରେନ, ଦୀପକ ସାମନ୍ତ, ଭୁବନେଶ୍ୱରୀ ନାୟକ, ସୁଦାମ ବେଶ୍ରା, ସୁଦିପ ସୋରିଙ୍ଗ, ଶ୍ରୀମତୀ ସଞ୍ଜୁକ୍ତା ଡାକୁଆ, ବାଲାଜୀ ବେହେରା, କିଶୋର ଚନ୍ଦ୍ର ମାଝି, ଟଙ୍କଧର ଖମାରି ଏବଂ ଅନ୍ୟମାନେ ସହୋଯଗ କରିଥିଲେ। ଏହି ବାବଦରେ ୧୦୦ରୁ ଅଧିକ ବୃକ୍ଷ ଚାରା ରପଣ କରାଯାଇଥିଲା ଏବଂ ପରିବେଶ ସୁରକ୍ଷା ଜୀବନ ରକ୍ଷା କରିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ।



# ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ପ୍ରଶିକ୍ଷଣ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ଜନଗଣନା ୨୦୨୭ ପାଇଁ ସୁବର୍ଣ୍ଣପୁର ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅତିରିକ୍ତ ଜିଲ୍ଲପାଳ ଅଞ୍ଜଳୀନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ଼. ଅଭୟ ନାରାୟଣ ନାୟକ, ଜିଲ୍ଲା ସଂଯୋଜକ ଶିଭମ ଯୟଶ୍ୱାଳ ଓ ଅନ୍ୟାନ୍ୟ ସମ୍ବଳ ବ୍ୟକ୍ତିତ୍ୱମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ତହସିଲରୁ ଆସିଥିବା ତହସିଲଦାର, ରାଜସ୍ୱ ନିରୀକ୍ଷକ ରାଜସ୍ୱ ପର୍ଯ୍ୟବେକ୍ଷକ, ଅତିରିକ୍ତ ତହସିଲଦାର, ଅତିରିକ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ପୌରପରିଷଦ ଓ ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଉପସ୍ଥିତିରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭାରପ୍ରାପ୍ତ ଜନଗଣନା ଅଧିକାରୀ ସତ୍ୟବ୍ରତ ସାହୁ ଏହି ପ୍ରଶିକ୍ଷଣ ଶିବିରକୁ ସଂଯୋଜନା କରିଥିଲେ। ଜନଗଣନା-୨୦୨୭କୁ ସଫଳ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ଓ ଏହାର ବ୍ୟବହାରର ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ମୋଟ ୧୨୦ ଜଣ ଅଂଶଗ୍ରହଣ କରିଥିଲେ। ଜୁଲାଇରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଜିଲ୍ଲାବ୍ୟାପୀ ସର୍ଭେକୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସର୍ଭେ ସମୟରେ ପ୍ରତ୍ୟେକ ଗ୍ରାମ, ବସ୍ତି ଏବଂ ସହରାଞ୍ଚଳର ସାମାଜିକ, ଆର୍ଥିକ ଓ ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା, ପାନୀୟ ଜଳ ସଂଯୋଗ ଏବଂ ସେହି ଅଞ୍ଚଳରେ ଉପଲବ୍ଧ ଓ ଅନୁପଲବ୍ଧ ବିଭିନ୍ନ ମୌଳିକ ସୁବିଧା ସମ୍ପର୍କିତ ତଥ୍ୟ କିପରି ସଂଗ୍ରହ କରାଯିବ, ସେ ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା। ଜନଗଣନା ହେଉଛି ଏକ ପ୍ରାମାଣିକ ଦଲିଲ; ଯେଉଁଥିରେ ଜିଲ୍ଲାର ପ୍ରଶାସନିକ ବିବରଣୀ, ଗ୍ରାମ ଓ ସହରର ତାଲିକା, ଜନସଂଖ୍ୟା ସମ୍ବନ୍ଧୀୟ ତଥ୍ୟ, ସାକ୍ଷରତା, କାର୍ଯ୍ୟ ନିୟୋଜନ, ମୌଳିକ ସୁବିଧା ଓ ଅନ୍ୟାନ୍ୟ ପରିସଂଖ୍ୟାନ ରହିଥାଏ। ଏହି ହ୍ୟାଣ୍ଡବୁକ୍ ପ୍ରଶାସନ, ଯୋଜନା ପ୍ରସ୍ତୁତି, ଗବେଷଣା ଓ ନୀତି ନିର୍ଦ୍ଧାରଣ ପାଇଁ ଅତ୍ୟନ୍ତ ଉପଯୋଗୀ। ଜନଗଣନା ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କୁ ହ୍ୟାଣ୍ଡବୁକ୍ ପ୍ରସ୍ତୁତିର ପଦ୍ଧତି, ତଥ୍ୟ ସଂଗ୍ରହ, ପ୍ରଶାସନିକ ସୀମା, କୋଡିଂ ପ୍ରଣାଳୀ, ତଥ୍ୟ ଯାଞ୍ଚ ଏବଂ ଡିଜିଟାଲ୍ ତଥ୍ୟ ପରିଚାଳନା ସମ୍ବନ୍ଧରେ ସଠିକ୍ ଜ୍ଞାନ ପ୍ରଦାନ କରିବା ପାଇଁ ଏବେ ପ୍ରଶିକ୍ଷଣ ଦିଆଯାଉଛି। ଜନଗଣନା-୨୦୨୭ରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଡିଜିଟାଲ୍ ତଥ୍ୟ ସଂଗ୍ରହ ଏବଂ ଅନଲାଇନ୍ ପରିଚାଳନା ପ୍ରଣାଳୀର ଗୁରୁତ୍ୱ ବଢ଼ିଛି। ତେଣୁ ପ୍ରଶିକ୍ଷଣ ମାଧ୍ୟମରେ ଅଧିକାରୀ ଓ କର୍ମଚାରୀମାନେ ସହଜରେ ତଥା ନିର୍ଭୁଲ ଭାବେ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତ କରିପାରିବେ।

# ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଣ୍ଟ ବ୍ୟବହାର କରି ଜାଲିଆତି : ଦୁଇ ଗିରଫ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ସମ୍ପତି ବିବାଦରେ ପୋଲିସକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଜାଲ୍ ଆରଏଡବ୍ଲୁ ଏବଂ ଆଇବି ଡକ୍ୟୁମେଂଟ ବ୍ୟବହାର କରି ଜାଲିଆତି ଏବଂ ଛଦ୍ମବେଶ ପାଇଁ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ପୋଲିସ ବି.ଏନ୍.ପୁର ପୋଲିସ ମାମଲା ନଂ. ୩୬୫ ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୬(୩), ୩୩୭, ୩୩୮ ଏବଂ ୩(୫) ଅନୁଯାୟୀ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ୫୩ ବର୍ଷ ବୟସ୍କ ଦୁର୍ଗା ପ୍ରସାଦ ବ୍ରହ୍ମା, ମଦନ ମୋହନ ବ୍ରାହ୍ମଣଙ୍କ ପୁଅ, ପଣ୍ଡା ଶାସନମ୍, ବ୍ରାହ୍ମଣତରିଆ, ପିଏସ୍ ପଲାସା, ଜିଲ୍ଲା ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶର ନିବାସୀ ଏବଂ ପ୍ରଦୀପ କୁମାର ମଣ୍ଡଳ, ୫୮ ବର୍ଷ ବୟସ୍କ, ସ୍ୱର୍ଗତ ରାମ ଚନ୍ଦ୍ର ମଣ୍ଡଳଙ୍କ ପୁଅ, ନିଗମ ନଗର, ଲେନ୍ ୦୩, ଆଙ୍କୁଲି, ବ୍ରହ୍ମପୁର, ପିଏସ୍ ବୈଦ୍ୟନାଥପୁର ନିବାସୀ। ଉଭୟ ଅଭିଯୁକ୍ତ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀ ଯେଉଁମାନେ ସେମାନଙ୍କ ଚାକିରି ସମୟରେ ପରସ୍ପରକୁ ଜାଣିଥିଲେ।ପ୍ରଦୀପ କୁମାର ମଣ୍ଡଳଙ୍କ ଆଙ୍କୁଲିରେ ତାଙ୍କ ପୈତୃକ ସମ୍ପତିକୁ ନେଇ ଦୀର୍ଘ ଦିନ ଧରି ବିବାଦ ଥିଲା। ୨୦୧୧ ମସିହାରେ, ତାଙ୍କ ଭାଇଭଉଣୀ - ଅରବିନ୍ଦ କୁମାର ମଣ୍ଡଳ, ପବିତ୍ର କୁମାର ମଣ୍ଡଳ, ପ୍ରମୋଦ କୁମାର ମଣ୍ଡଳ, ବ୍ରଜ ବନ୍ଧୁ ମଣ୍ଡଳ ଏବଂ ତାଙ୍କ ମାଆ ନିର୍ମଳା ମଣ୍ଡଳ ତାଙ୍କ ସମ୍ମତି ବିନା ସେମାନଙ୍କର ସମ୍ପତି ବିକ୍ରି କରିଥିଲେ। ସେ ଏହି ସମ୍ପର୍କରେ ଏକ ସିଭିଲ୍ ମୋକଦ୍ଦମା ଦାୟର କରିଥିଲେ। ୨୦୨୫ ମସିହାରେ, ପ୍ରଦୀପ କୁମାର ମଣ୍ଡଳ ବ୍ରହ୍ମପୁର ତହସିଲଦାରଙ୍କ ଦ୍ୱାରା ଜାରି କରାଯାଇଥିବା ତାଙ୍କ ମାଆଙ୍କ ଆଇନଗତ ଉତରାଧିକାରୀ ପ୍ରମାଣପତ୍ରର ଏକ ପ୍ରମାଣିତ କପି ପାଇଥିଲେ। ପ୍ରମାଣପତ୍ରରେ ତାଙ୍କ ଭାଇଭଉଣୀ ଏବଂ ଜଣେ ନିରୁପମା ନାୟକଙ୍କ ନାମ ଉଲ୍ଲେଖ ଥିଲା କିନ୍ତୁ ତାଙ୍କ ନାମ ଉଲ୍ଲେଖ ନଥିଲା।ତାଙ୍କ ପରିବାର ସଦସ୍ୟଙ୍କୁ ଚାପ ପକାଇବା ଏବଂ ତାଙ୍କ ସପକ୍ଷରେ ସମ୍ପତି ମାମଲା ସମାଧାନ କରିବା ପାଇଁ, ଦୁଇ ଅଭିଯୁକ୍ତ ଷଡ଼ଯନ୍ତ୍ର କରିଥିଲେ ଏବଂ ଗବେଷଣା ଏବଂ ବିଶ୍ଳେଷଣ ୱିଙ୍ଗ ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ ଦ୍ୱାରା ଜାରି କରାଯାଇଥିବା ଜାଲ୍ କାଗଜପତ୍ର ପ୍ରସ୍ତୁତ କରିଥିଲେ, ଯାହା ନକଲି ସରକାରୀ ମୋହର ସହିତ ପୂର୍ଣ୍ଣ ହୋଇଥିଲା। ସେମାନେ ଅନ୍ୟ ଜାଲ୍ ପରିଚୟ ପତ୍ର ଏବଂ ଆଇବି ଏବଂ ଆରଏଡବ୍ଲୁ ଦ୍ୱାରା ଜାରି କରାଯାଇଥିବା ଏକ ଜାଲ୍ ଛୁଟି ପ୍ରମାଣପତ୍ର ମଧ୍ୟ ପ୍ରସ୍ତୁତ କରିଥିଲେ। ସେମାନେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଆରଏଡବ୍ଲୁ ଏବଂ ଆଇବିର ଅଧିକାରୀ ବୋଲି ପରିଚୟ ଦେଇଥିଲେ। ତଦନ୍ତ ସମୟରେ, ଦୁହିଁଙ୍କ ଠାରୁ ସେବା ସମ୍ବନ୍ଧୀୟ କାର୍ଡ,- ଜାଲ୍ ଆରଏଡବ୍ଲୁ ମୁଭମେଣ୍ଟ ଅର୍ଡର ନମ୍ବର ୧୦୮୧/ଆର୨/୩୬୯/୨୦୨୬ ଏବଂ ଜାଲ୍ ଆଇବି ପ୍ରତିନିଧିତ୍ୱ ପତ୍ର ରେଫରେନ୍ସ ନମ୍ବର ୦୦୮୪୨୧ଏଆଇ, ପ୍ରଦୀପ କୁମାର ମଣ୍ଡଳଙ୍କ 'ଅଭିନବ ଚୌଧୁରୀ, ଏଡିଜି ୟୁନିଟ୍-୭ ସିଏଲୟୁ' ନାମରେ ଜାଲ୍ ଛୁଟି ପ୍ରମାଣପତ୍ର, ଆଇନଗତ ଉତରାଧିକାରୀ ପ୍ରମାଣପତ୍ରର କପି (କେସ୍ ନମ୍ବର ଇ-ଏଲଏଚସି/ ୨୦୨୫/୧୦୮୮) ଜବତ କରାଯାଇଥିଲା। ବି.ଏନ୍.ପୁର ପୋଲିସ ଷ୍ଟେସନର ଏଏସଆଇ ଅନନ୍ତ ନାରାୟଣଙ୍କ ଲିଖିତ ରିପୋର୍ଟ ଆଧାରରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଭାରତୀୟ ନ୍ୟାୟ ସଂହିତାର ଆବାହିତ ଧାରା ଅନୁଯାୟୀ ପ୍ରାଥମିକ ପ୍ରମାଣ ପ୍ରତିଷ୍ଠିତ ହୋଇଛି। ସେମାନଙ୍କୁ କୋର୍ଟକୁ ପଠାଯାଇଛି। ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଚାଲିଛି।

# ବୃକ୍ଷରୋପଣ ସହ ପରିବେଶ ସୁରକ୍ଷାର ବାର୍ତ୍ତାପ୍ରଦାନ

ବରଗଡ଼ , ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କଠଉମାଲସ୍ଥିତ ବିରେନ୍ଦ୍ର କୁମାର ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବର ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଭାବନା ସେଠଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସଭାପତି ପ୍ରଣୟ କୁମାର ସାହୁ, ସମ୍ପାଦକ ଦେବେନ୍ଦ୍ର ଯୋଷୀ, ଯୁକ୍ତ-୩ ରେଡକ୍ରସ୍ କାଉନସେଲର ରୀତା ପ୍ରଧାନଙ୍କ ସମେତ ଅଜିତ ପଟେଲ, ପରେଶ ପଟେଲ, ଅଲି ମହାପାତ୍ର, ଦସ୍ମିତା ମଲ୍ଲିକ ଓ ତୁଳସୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ପରିବେଶ ସନ୍ତୁଳନ ରକ୍ଷାରେ ବୃକ୍ଷର ଅପରିହାର୍ଯ୍ୟ ଭୂମିକା, ଜଳବାୟୁ ପରିବର୍ତ୍ତନ ମୁକାବିଲା ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ବୃକ୍ଷରୋପଣ ପ୍ରତି ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଅଧ୍ୟାପକ-ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ। ପରିଶେଷରେ ଅଧ୍ୟାପକ ପରେଶ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



## ବୌଦ୍ଧ ଜିଲ୍ଲା ପରିଷଦ ସମୀକ୍ଷା ବୈଠକ

# ସାଢେ ୭ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ




ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟସ୍ଥ ପଞ୍ଚାୟତ ଭବନରେ ପରିଷଦର ଜୁଲାଇ ମାସର ସମୀକ୍ଷା ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଭାସଚନ୍ଦ୍ର ଦଣ୍ଡସନା ସମସ୍ତଙ୍କୁ ସ୍ୱାଗତ କରି ବୈଠକ ପରିଚାଳନା କରିଥିଲେ। ଉକ୍ତ ବୈଠକରେ ସମସ୍ତ ବିଡ଼ିଓ, ମହାତ୍ମା ଗାନ୍ଧୀ ନରେଗା ତଥା ଭିବିଜି ରାମଜୀ ସହ ସମ୍ପୃକ୍ତ ଥିବା ସମସ୍ତ ବିଭାଗର ଅଧିକାରୀବୃନ୍ଦ କୃଷି, ଉଦ୍ୟାନ କୃଷି, ଜଳ ବିଭାଜିକା, ଜଙ୍ଗଲ ଓ ପରିବେଶ ବିଭାଗ, କାଡ଼ା ଡିଭିଜନ, ଗ୍ରାମ୍ୟ ଓ ଜଳ ପରିମଳ, ମିଶନ ଶକ୍ତି ଇତ୍ୟାଦି ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ୨୦୨୬/୨୭ ଆର୍ଥିକ ବର୍ଷରେ ଜୁନ୍ ମଧ୍ୟରେ ଭିବିଜି ରାମଜୀ, ପଞ୍ଚାୟତି ରାଜ, ଗ୍ରାମ୍ୟ ଗୃହନିର୍ମାଣ, ଅଙ୍ଗନୱାଡ଼ି କେନ୍ଦ୍ର, ମିଶନ ଶକ୍ତି କେନ୍ଦ୍ର, ବିକଶିତ ଗାଁ, ବିକଶିତ ଓଡ଼ିଶା, ବନ ସୁରକ୍ଷା ସମିତି ଆଦି ସ୍କିମର ପ୍ରଗତି ସମ୍ବନ୍ଧରେ ସମୀକ୍ଷା ହୋଇଥିଲା। ନୂତନ ଭାବରେ ଲାଗୁ ହୋଇଥିବା ଭିବିଜି ରାମଜୀ ଅଧିନିୟମ ଅଧୀନରେ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପାଦନ ପରିଚାଳନା ପଦ୍ଧତି ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ଏହି ଯୋଜନାରେ ଜୁନ୍ ମାସ ପର୍ଯ୍ୟନ୍ତ ସାତ ଲକ୍ଷ ଷାଠିଏ ହଜାର ଶ୍ରମଦିବସ ସୃଷ୍ଟି ପାଇଁ ଲକ୍ଷଧାର୍ଯ୍ୟ ହୋଇଥିବା ବେଳେ ମାତ୍ର ୮୧,୦୮୨ ଶ୍ରମଦିବସ ଯାହାକି ଧାର୍ଯ୍ୟଲକ୍ଷର ୨୪ ପ୍ରତିଶତ ଲକ୍ଷ ହାସଲ ହୋଇଛି। ବାକି ଥିବା ୫,୭୮,୯୧୮ ଶ୍ରମଦିବସ ସୃଷ୍ଟି ପାଇଁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜୁଲାଇ ପାଇଁ ୧,୦୧,୦୦୦ ଶ୍ରମଦିବସ ଧାର୍ଯ୍ୟ ହୋଇଥିବାବେଳେ ଏହି ଲକ୍ଷ୍ୟ ହାସଲ ପାଇଁ ଏବଂ ଯୁକ୍ତଧାରା ପୋର୍ଟାଲରେ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ପ୍ରାପ୍ତ କରାଇବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ତୋଦୟ ଗୃହ ଯୋଜନାରେ ଆବଣ୍ଟିତ ଗୃହଗୁଡିକର ଶୀଘ୍ର ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ପଦକ୍ଷେପ ନିଆଯିବ। ଓଡ଼ିଶା ଜିବିକା ମିଶନରେ ଅଧିକ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବ୍ୟାଙ୍କ ସହ ଯୋଡ଼ିବା, ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଅଧିକ ଗ୍ରାମକୁ ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରିବା, ଶତ ପ୍ରତିଶତ ଆବର୍ଜନା ସଂଗ୍ରହ ଆଦି ବିଷୟରେ ସମୀକ୍ଷା କରାଯାଇ ବିଭାଗଗୁଡ଼ିକୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଅଧୀନରେ ବାକି ରହିଯାଇଥିବା ୩୪ ଗୋଟି ପ୍ରକଳ୍ପର ଆକଳନ, ମୂଲ୍ୟାଙ୍କନ, ଖର୍ଚ୍ଚ ପ୍ରତିଶତ ବୃଦ୍ଧି କରିବା, ୨୭ ଗୋଟି ଅଙ୍ଗନବାଡ଼ି କେନ୍ଦ୍ର, ୫ ଟି ମିଶନ୍ ଶକ୍ତି ସୌଧ ଓ ୫ ଟି ବଜାର ଗୃହ ଶୀଘ୍ର ନିର୍ମାଣ ଆରମ୍ଭ କରିବା ପାଇଁ ଜିଲ୍ଲାପାଳ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ସମସ୍ତ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ଶକ୍ତି ଗୃହଗୁଡିକ ଶିଘ୍ର ନିର୍ମାଣ କାର୍ଯ୍ୟ ସମାପନ କରି ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଯୋଗାଇଦେବା ଏବଂ ବନ ସୁରକ୍ଷା ସମିତି ଗୃହ ଶୀଘ୍ର ନିର୍ମାଣ କରି ସେମାନଙ୍କୁ ଯୋଗାଇଦେବା ପାଇଁ ନିଷ୍ପତ୍ତି ନିଆଗଲା। ସମସ୍ତ ପ୍ରକଳ୍ପ ଗୁଡିକ ଉପଯୁକ୍ତ ଗୁଣବତ୍ତା ସହିତ ସମୟ ସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ୨୦୦ରୁ ଉର୍ଦ୍ଧ୍ୱ ଫଳ ଓ ଔଷଧୀୟ ବୃକ୍ଷରୋପଣ

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆ ତରଫରୁ ସେକ୍ଟର ୨୧ ସ୍ଥିତ ଗୋପବନ୍ଧୁ ହୋମିଓପାଥିକ ମେଡ଼ିକାଲ କଲେଜ ଠାରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ କଲେଜର ଛାତ୍ରୀ ଆଦ୍ୟା ଅଭୟିନୀ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନ ସଂରକ୍ଷକ ରବିକାନ୍ତ ମୀନା, ସମ୍ମାନିତ ଅତିଥି ଭାବେ ପାନପୋଷ ରେଞ୍ଜର୍ ଶୁଚିସ୍ମିତା ଦାସ ରାଉଣ୍ଡ ଟେବୁଲ୍ ୩୦୭ର ଅଧକ୍ଷ ସିନ୍ ଆନନ୍ଦ, ଲେଡିଜ ସର୍କଲ ୧୭୨ର ତନିଶା ଆନନ୍ଦ, ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡ ମହମ୍ମଦ ଅବଦୁଲ କରିମ୍, ବରିଷ୍ଠ ଅଧାପକ ଡା. ଅନିଲ କୁମାର ମିଶ୍ର, ଡା ଅଜୟ କୁମାର ବିଶ୍ୱାଳ, ହାପି ମୋମେଣ୍ଟସ ଇଣ୍ଡିଆର ମହିଳା ଅଧକ୍ଷା ଗ୍ରେସୀ ଡେଭିଡ ଓ କୁଞ୍ଜବିହାରୀ ରାଉତ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା, ପ୍ରଦୁଷଣ ରୋକିବା ପାଇଁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ, ବୃକ୍ଷ କିପରି ମା' ପରି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥି, ଅଧାପକ ଓ ଛାତ୍ରଛାତ୍ରୀ ମାନେ ପ୍ରାୟ ୨୦୦ଟି ବିଭିନ୍ନ ଫଳନ୍ତି, ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମେମୋଣ୍ଟୋ ଦିଆଯାଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ସୁଶ୍ରୀ ଧନଲକ୍ଷ୍ମୀ ବେହେରା,ଡା ଦିବାକର ଦଳେଇ, ଡା ଅଶ୍ୱିନୀ ସାହୁ, ଅଲକାନନ୍ଦା ସ୍ୱାଇଁ, ଲେଡିଜ ସର୍କଲ ୧୨୦ର ଶୀତଲ ବାଗାଡିଆ, ନୀଲମ ଆନନ୍ଦ, ଛାତ୍ର ସଂଘ ସଭାପତି ମୁକେଶ କୁମାର ମଲ୍ଲିକ, ଅମିତ କୁମାର ବେହେରା, ମନିଷା ମାହେଶ୍ୱରୀ, ରାଉଣ୍ଡ ଟେବୁଲ୍ ୧୯୪ର ଗୌରବ ବାଗାଡିଆ, ଜଙ୍ଗଲ ବିଭାଗ ତରଫରୁ ବିଜୟ କଲେତ, ଗୀତା ଏକ୍କା ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ବୃକ୍ଷରୋପଣ ସହ ସହଯୋଗ କରିଥିଲେ।



# ବିଦ୍ୟାଳୟ ଭିତ୍ତିଭୂମୀ ଓ ଶିକ୍ଷକ ସମସ୍ୟା ସମାଧାନ ନେଇ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ସଦର ମହାରାଜା ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସୋନପୁର ତଥା ଓଡିଶା ରାଜ୍ୟ ସାମାଜିକ ସମୀକ୍ଷା ଉତ୍ତରଦାୟୀତ୍ୱ ଓ ସ୍ୱଚ୍ଛତା ସମିତି ତରଫରୁ ସମଗ୍ର ଶିକ୍ଷାର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ଶିବିର ସୋନପୁର ଉପ ଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଜନଶୁଣାଣିର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ବ୍ଲକ ସାମାଜିକ ସମୀକ୍ଷକ ସୁଦାମ ଗାଇଗରିଆ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ହୋଇଥିବା ୬୦ ଗୋଟି ବିଦ୍ୟାଳୟର ରିପୋର୍ଟ ଉପସ୍ଥାପନା କରିଥିଲେ ଏଥିରେ ବିଦ୍ୟାଳୟରେ ଭିତ୍ତିଭୂମି ଅଭାବର ଶିକ୍ଷକ ସମସ୍ୟା, ବିଭିନ୍ନ ପାଣ୍ଠିର ବିନିଯୋଗ ବିଷୟରେ ମୋଟ ୧୨୮ ଗୋଟି ସମସ୍ୟା ଉଲ୍ଲେଖ କରାଯାଇଥିଲା, ଏହାର ଉତ୍ତର ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ପ୍ରଦାନ କରିଥିଲେ, ଉପସ୍ଥିତ ପରିଚାଳନା କମିଟି ସଭାପତିମାନେ ବିଭିନ୍ନ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସମୀକ୍ଷକ ହୃଷିକେଶ ମହାକୁର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ଭୋଇ, କୃଷ୍ଣଚନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ।




# ଗାୟତ୍ରୀ ଗେଷ୍ଟହାଉସ୍ ଲିଜ୍ ବାତିଲ୍ କଲା ବିଏମ୍ସି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବହୁ ବିବାଦ ପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନିକଟରେ ଥିବା ପୌର ଗେଷ୍ଟ ହାଉସରେ ଚାଲିଥିବା ଗାୟତ୍ରୀ ଗେଷ୍ଟ ହାଉସ୍‌କୁ ଖାଲି କରିବାକୁ ବ୍ରହ୍ମପୁର ମହାନଗର ନିଗମ ତରଫରୁ ନୋଟିସ୍ ଜାରି କରାଯାଇଛି। ୫ ବର୍ଷୀୟା ଲିଜ୍ ବାତିଲ୍ ପାଇଁ ମହାନଗର ନିଗମର ସ୍ୱତନ୍ତ୍ର କର୍ପୋରେସନ୍ ବୈଠକରେ ନିଷ୍ପତ୍ତି ପରେ ଏହି ନୋଟିସ୍ ଜାରି ହୋଇଛି। ଲିଜ୍ ଅବଧି ନ ବଢ଼ାଇବା ପାଇଁ ପ୍ରାୟତଃ ସମସ୍ତ କର୍ପୋରେଟର ବୈଠକରେ ଦାବି କରିଥିଲେ। ଏହାକୁ ନେଇ ଗରମାଗରମ ଆଲୋଚନା ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମେୟର ସଂଘମିତ୍ରା ଦଳେଇ ଏବଂ କମିଶନର ଏ. ଏସ. ରେଡ୍ଡୀଙ୍କ ସମେତ ମହାନଗର ନିଗମର ଅନ୍ୟ ଅଧିକାରୀ ଏବଂ କର୍ପୋରେଟରମାନେ ଉପସ୍ଥିତଥିଲେ। ଗାୟତ୍ରୀ ଗେଷ୍ଟ ହାଉସ୍ ଲିଜ୍ ଅବଧିକୁ ଆଉ ବୃଦ୍ଧି କରାନଯାଇ ଲିଜ୍‌କୁ ବାତିଲ କରାଯାଇଛି। ଏ ସଂକ୍ରାନ୍ତରେ ବିଏମ୍ସି ପକ୍ଷରୁ ସମ୍ପୃକ୍ତ ସଂସ୍ଥାକୁ ନୋଟିସ୍ ଜାରି ହୋଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମୁଖ୍ୟ ରାସ୍ତାରେ ଅବସ୍ଥିତ ପୌର ଅତିଥି ଗୃହର ପରିଚାଳନା ପାଇଁ ୧୬ ଜାନୁଆରୀ ୨୦୨୦ରେ ବ୍ରହ୍ମପୁର ମହାନଗର ନିଗମ ଓ ଗାୟତ୍ରୀ ଟେକ୍ନୋ ସଲ୍ୟୁସନ୍ସର ପରିଚାଳନା ସହଯୋଗୀ ସୁଭଦ୍ରା ସାହୁଙ୍କ ମଧ୍ୟରେ ଲିଜ୍ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ପାଂଚ ବର୍ଷର ଏହି ଲିଜ୍ ଅବଧି କୋଭିଡ୍-୧୯ ଓ ଗେଷ୍ଟ ହାଉସ୍‌ର ସଂସ୍କାର କାମ ପାଇଁ ଦିଆଯାଇଥିବା ସମୟ ବୃଦ୍ଧିକୁ ମିଶାଇ ୩୧ ଜୁଲାଇ ୨୦୨୬ ରେ ଶେଷ ହେବ। ଲିଜ୍ ଅବଧି ବୃଦ୍ଧି ପାଇ ଲିଜ୍‌ଧାରୀ ପକ୍ଷରୁ ୪ ଡ଼ିସେମ୍ବର ୨୦୨୪ରେ ଦାଖଲ ହୋଇଥିବା ଆବେଦନକୁ କର୍ପୋରେସନ୍‌ର ବୈଠକରେ ବିଚାର କରାଯାଇଛି। ବିସ୍ତୃତ ଆଲୋଚନା ପରେ କର୍ପୋରେସନ୍ ପକ୍ଷରୁ ଲିଜ୍‌ର ଅବଧିକୁ ଆଉ ପାଂଚ ବର୍ଷ ପାଇଁ ବୃଦ୍ଧି କରାଯିବ ନାହିଁ ବୋଲି ସର୍ବସମ୍ମତି ନିଷ୍ପତି ନିଆଯାଇଥିଲା। ଫଳରେ ଚଳିତ ଲିଜ୍ ଅବଧି ଶେଷ ହେବା ପରେ ବର୍ତ୍ତମାନର ଲିଜ୍‌ଧାରୀଙ୍କ ଅଧୀନରେ ପୌର ଅତିଥି ଗୃହର ପରିଚାଳନା ଜାରି ରହିବ ନାହିଁ। ମହାନଗର ନିଗମର ଏହି ନିଷ୍ପତି ପରେ ଆଗାମୀ ଦିନରେ ଅତିଥି ଗୃହର ପରିଚାଳନା ପାଇଁ ନୂଆ ଲିଜ୍ ପ୍ରକ୍ରିୟା କିମ୍ବା ଅନ୍ୟ କୌଣସି ବ୍ୟବସ୍ଥା ଗ୍ରହଣ କରାଯିବ କି ନାହିଁ ସେନେଇ ଉତ୍ସୁକତା ସୃଷ୍ଟି ହୋଇଛି। ତେବେ ବୈଠକରେ ପରବର୍ତୀ ପଦକ୍ଷେପ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ମହନାଗର ନିଗମ ନିଜେ ଏହାକୁ ଚଳାଇବା ସହିତ ଆଉଟସୋର୍ସରେ କର୍ମଚାରୀଙ୍କୁ ନିଯୁକ୍ତି କରିବାକୁ ଅଧିକାଂଶ କର୍ପୋରେଟର ମତ ରଖିଥିଲେ। ସୂଚନାଯୋଗ୍ୟ ଯେ, ପୌର ଅତିଥି ଗୃହକୁ ଗାୟତ୍ରୀ ଗେଷ୍ଟ ହାଉସ୍‌କୁ ପ୍ରଦାନ ପରଠୁ ନାନା ବିବାଦ ସୃଷ୍ଟି ହୋଇଥିଲା। ବିଶେଷ କରି ଗେଷ୍ଟ ହାଉସ୍‌ରେ ଅନଧିକୃତ ନିର୍ମାଣ, ବାର୍ ଖୋଲି ମଦ ବିକ୍ରିକୁ ଅଧିକାଂଶ କର୍ପୋରେଟର ବିରୋଧ କରିଆସୁଥିଲେ। ବିଗତ ଦିନରେ କର୍ପୋରେସନ୍ ବୈଠକରେ ମଧ୍ୟ ଏହାକୁ ନେଇ ଅନେକ ଉତେଜନାମୂଳକ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥିଲା।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜୁଲାଇ ୨୦୨୬ ସୋମବାର





# ସର୍ବଭାରତୀୟ ନିଟ୍ ୟୁଜି ପରୀକ୍ଷାରେ ଆଶିର୍ବାଦଙ୍କ ଉଲ୍ଲେଖନୀୟ ସଫଳତା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍-୨୦୨୬ରେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବଡ଼ବଜାରର ପୁଅ ଆଶୀର୍ବାଦ ତ୍ରିପାଠୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସେ ସମଗ୍ର ଭାରତରେ ୧୨୩୭ ତମ ରେଙ୍କ ଅଧିକାର କରି ଜିଲ୍ଲାବାସୀଙ୍କୁ ଗର୍ବିତ କରିଛନ୍ତି । ଆଶୀର୍ବାଦ ମୋଟ ୭୨୦ ମଧ୍ୟରୁ ୬୫୩ ମାର୍କ ପାଇଛନ୍ତି । ତାଙ୍କ ପିତା ଶ୍ରୀ ନନ୍ଦକିଶୋର ତ୍ରିପାଠୀ ଜଣେ ଓକିଲ ଏବଂ ମାତା ଶ୍ରୀମତୀ ରଞ୍ଜିତା ତ୍ରିପାଠୀ ଗୃହିଣୀ । ସେ ବରିଷ୍ଠ ଆଇନଜୀବୀ ହରି ନାରାୟଣ ତ୍ରିପାଠୀ ଓ ଆଇ ଶୋଭାଗିନୀ ତ୍ରିପାଠୀଙ୍କ ନାତି ହୋଇଥିବା ବେଳେ କାକା ରାଜ କିଶୋର ତ୍ରିପାଠୀ ଜଣେ ଯୁବ ସାମ୍ବାଦିକ ଓ ଖୁଡି ରଶ୍ମିତା ମିଶ୍ର ଅଟନ୍ତି । ଆଶୀର୍ବାଦ ବଲାଙ୍ଗୀରର ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ଯୁବୋଦୟରେ ଶିକ୍ଷା ଲାଭ କରୁଥିଲେ । କଠିନ ପରିଶ୍ରମ ଓ ଶିକ୍ଷକମାନଙ୍କ ମାର୍ଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କହିଛନ୍ତି ।

ତାଙ୍କର ଏହି ସଫଳତା ପାଇଁ ପରିବାର ଲୋକ, ଶିକ୍ଷକ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲରୁ ଆଶିର୍ବାଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଶୀର୍ବାଦ ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ସେ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ପ୍ରଥମ କ୍ଲାସ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଥିଲେ । ପ୍ରଥମେ ସୋନପୁର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ ସ୍କୁଲରେ ପାଠ୍ୟକ୍ରମ ଆରମ୍ଭ କରିଥିବା ଆଶିର୍ବାଦ ମାଟ୍ରିକରେ ୯୫.୫୦ ପ୍ରତିଶତ ମାର୍କ ରଖିବା ସହ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲେ । ବଲାଙ୍ଗୀର ଯୁବୋଦୟ କଲେଜରେ ଯୁକ୍ତ ୨ ପାଠ୍ୟକ୍ରମରେ ମଧ୍ୟ ସେ ୯୪ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଥିଲେ । ସେହିପରି ସେ ଚଳିତ ବର୍ଷ ଅନୁଷ୍ଠିତ ହୋଇଥିବା ଜେଇଇ ମେନ୍ ପରୀକ୍ଷାରେ ମଧ ୯୮ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

# ଅମୃତ ଭାରତ ଯୋଜନାରେ ନବକଳେବର ପାଇଲା ବରପାଲି ରେଳ ଷ୍ଟେସନ

## ଏକାଧିକ ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ସାଂସଦଙ୍କୁ ସ୍ମାରକପତ୍ର

**ବରଗଡ, ନ୍ୟୁଜ ବ୍ୟୁରୋ**




ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୨୨.୨୮ କୋଟି ଟଙ୍କା ବ୍ୟୟରେ ପୁନଃନିର୍ମିତ ବରପାଲି ରେଳ ଷ୍ଟେସନର ଲୋକାର୍ପଣ ଗୁରୁବାର ଉତ୍ସାହର ସହ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବଲାଙ୍ଗୀର ଓ କେସିଙ୍ଗା ରେଳ ଷ୍ଟେସନର ମଧ୍ୟ ଲୋକାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ସମ୍ବଲପୁର ରେଳ ମଣ୍ଡଳର ଡିଆରଏମ ସୁବାସ ଚନ୍ଦ୍ର ଚୌଧୁରୀ, ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ସତପଥି, ଅତିରିକ୍ତ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ପଦ୍ମଶ୍ରୀ ଭାଗବତ ପ୍ରଧାନ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସଂଯୋଜିକା ମୁଗ୍ଧା ଦାଶଙ୍କ ସମେତ ବହୁ ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ନବୀକରଣ ହୋଇଥିବା ବରପାଲି ଷ୍ଟେସନରେ ଆଧୁନିକ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ, ପାର୍କିଂ ସୁବିଧା, ଦିବ୍ୟାଙ୍ଗ-ବନ୍ଧବ ବ୍ୟବସ୍ଥା, ୧୨ ମିଟର ପ୍ରସ୍ଥର ଫୁଟ୍ ଓଭରବ୍ରିଜ୍, ଉନ୍ନତ ଆଲୋକୀକରଣ, ସିସିଟିଭି ନଜରଦାରି, ଡିଜିଟାଲ ସୂଚନା ବୋର୍ଡ ଓ ପବ୍ଲିକ ଆଡ୍ରେସ୍ ସିଷ୍ଟମ୍ ପରି ଆଧୁନିକ ସୁବିଧା ଉପଲବ୍ଧ କରାଯାଇଛି । ଏହା ଦ୍ୱାରା ବରପାଲି ସମେତ ବରଗଡ଼, ବିଜେପୁର, ପଦ୍ମପୁର, ଗାଇସିଲେଟ, ଡୁଙ୍ଗୁରୀପାଲି, ରାମପୁର ଓ ସୁବର୍ଣ୍ଣପୁର ଅଞ୍ଚଳର ଯାତ୍ରୀମାନେ ସିଧାସଳଖ ଉପକୃତ ହେବେ । ଏହି ଅବସରରେ ସାଂସଦ ପ୍ରଦୀପ ପରୋହିତ କହିଥିଲେ ଯେ, ଅମୃତ ଭାରତ ଷ୍ଟେସନ ଯୋଜନା ପଶ୍ଚିମ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶରେ ଏକ ଐତିହାସିକ ପଦକ୍ଷେପ । ବରପାଲି, ବଲାଙ୍ଗୀର ଓ କେସିଙ୍ଗା ଷ୍ଟେସନର ଆଧୁନିକୀକରଣ ଯାତ୍ରୀ ସେବାକୁ ଅଧିକ ସୁଗମ କରିବା ସହ ସ୍ଥାନୀୟ ବ୍ୟବସାୟ, କୃଷି, ପର୍ଯ୍ୟଟନ ଓ ଶିକ୍ଷା କ୍ଷେତ୍ରର ବିକାଶକୁ ମଧ୍ୟ ଗତି ପ୍ରଦାନ କରିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶର ରେଳ ଭିତ୍ତିଭୂମିରେ ଅଭୂତପୂର୍ବ ପରିବର୍ତ୍ତନ ଆସୁଥିବାରୁ ଗ୍ରାମାଞ୍ଚଳର ଷ୍ଟେସନଗୁଡ଼ିକ ମଧ୍ୟ ଆଧୁନିକ ସୁବିଧାରେ ସଜ୍ଜିତ ହେଉଛି ବୋଲି ସେ କହିଥିଲେ । ଲୋକାର୍ପଣ ଉତ୍ସବ ଅବସରରେ ବରପାଲିର ବିଭିନ୍ନ ସାମାଜିକ, ବ୍ୟବସାୟିକ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସାଂସଦଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇ ଯଶମନ୍ତପୁର-ହାଟିଆ ଏକ୍ସପ୍ରେସ, ଟାଟା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍, ପୁରୀ-ଅହମଦାବାଦ ଏକ୍ସପ୍ରେସ୍, କୋରାପୁଟ-ପୁରୀ ଏକ୍ସପ୍ରେସ୍ ଓ ସୋନପୁର-ପୁରୀ ଏକ୍ସପ୍ରେସ୍‌ର ବରପାଲି ଷ୍ଟେସନରେ ନିୟମିତ ରହଣି ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ । ସଂଗଠନଗୁଡ଼ିକ ପକ୍ଷରୁ କୁହାଯାଇଥିଲା ଯେ, ଏହି ଟ୍ରେନ୍‌ଗୁଡ଼ିକର ରହଣି ହେଲେ ପଶ୍ଚିମ ଓଡ଼ିଶାର ଯାତ୍ରୀ, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଚାକିରିଆମାନେ ବହୁଳ ଭାବେ ଉପକୃତ ହେବେ । ଏହି ଦାବିକୁ ରେଳ ମନ୍ତ୍ରଣାଳୟ ନିକଟରେ ଉପସ୍ଥାପନ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସାଂସଦ ଆଶ୍ୱାସନ ଦେଇଥିଲେ । ନୂତନ ରୂପରେ ସଜ୍ଜିତ ବରପାଲି ରେଳ ଷ୍ଟେସନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିବା ସହ ଏହା ପଶ୍ଚିମ ଓଡ଼ିଶାର ଯାତାୟାତ ବ୍ୟବସ୍ଥା ଓ ଆର୍ଥିକ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।

# ତରତଙ୍ଗ ଗ୍ରାମରୁ ୨୮ ଗ୍ରାମ୍ ହେରୋଇନ ଜବତ : ଜଣେ ଗିରଫ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ଜଗତସିଂହପୁର ବ୍ଲକ ଅଧୀନ ତରତଙ୍ଗ ଗ୍ରାମରେ ଚଢ଼ଉ କରାଯାଇ ୩୯ ବର୍ଷର ସ୍ମୃତି ରଂଜନ ଜେନାଙ୍କ ନିକଟରୁ ୨୮ ଗ୍ରାମ ହେରୋଇନ୍ ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଥିଲେ । ଅବକାରୀ ବିଭାଗ ପକ୍ଷରୁ ସ୍ମୃତି ରଞ୍ଜନ ଙ୍କୁ ଗିରଫ କରି କୋର୍ଟ ପଠାଇ ଦେଇଥିବା ସୂଚନା ମିଳିଛି । ଯାହାର ବଜାର ରେ ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଅସି ହାଜର ହେବ । ଏହି କାର୍ଯ୍ୟକ୍ରମରେ ଏକ୍ସାଇଜ୍ ଜିଲ୍ଲା ମୋବାଇଲ୍ ୟୁନିଟ୍ ପ୍ରଭାସ କୁମାର ଚୌଧୁରୀ, ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଲାଇ, ଏସ୍ ଆଇ ପିନାକୀ ରଞ୍ଜନ ରାଉତରାୟ, ସୁକାନ୍ତ ମାଜି ଏକ୍ସାଇଜ୍ କନଷ୍ଟେବଳ, କନେଷ୍ଟବଳ ଶୁଭଶ୍ରୀ ବିଶ୍ୱାଳ, ବିଶ୍ୱ ରଂଜନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।



# ପ୍ରଦୂଷଣ ନିୟମ ଉଲ୍ଲଂଘନ : ଅଗ୍ରସେନ ସ୍ପଞ୍ଜକୁ ସିଲ୍ କଲା ଏସପିସିବି

**ରାଉରକେଲା, (ନ୍ୟୁଜ୍)**

ଗତ ୧୮ ତାରିଖରେ କଠିନ ଆବର୍ଜନା ଓ ଫ୍ଲାଏ ଆଶର ଅବୈଧ ଡମ୍ପିଂ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ ଶାଖା ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଓ ସଂସ୍ଥା ଙ୍କ ଠାରୁ ୨୦୨୫-୨୬ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୧.୮୦ କୋଟି ଟଙ୍କା ପରିବେଶଗତ କ୍ଷତିପୂରଣ ଆଦାୟ କରିଛି ।

ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ରାଜଗାଙ୍ଗପୁରସ୍ଥିତ ଅଗ୍ରସେନ ସ୍ପଞ୍ଜର ୩ଟି ୟୁନିଟକୁ ସିଲ୍ କରାଯାଇଛି ।



ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼ ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ , କାରଖାନା ପରିସର ମଧ୍ୟରେ ୩ଟି ସ୍ଥାନରେ ଏକସଙ୍ଗେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । ସେଗୁଡ଼ିକ ହେଲା: ପିଏଲସି କଣ୍ଟ୍ରୋଲ ରୁମ୍, କଞ୍ଚାମାଲ ଫିଡିଂ ପଏଣ୍ଟ ଏବଂ ୩୩ କେଭି ବିଦ୍ୟୁତ ସଂଯୋଗ ସ୍ଥଳ ।

ଏସପିସିବି, ରାଉରକେଲା ପକ୍ଷରୁ କୁହାଯାଇଛି ଯେ ବାୟୁ ଏବଂ ଜଳ ଆଇନ ଅନୁଯାୟୀ ଦିଆଯାଇଥିବା ସର୍ତ୍ତାବଳୀ ଉଲ୍ଲଂଘନ କରି କାରଖାନା ଚାଲୁଥିଲା । ବାରମ୍ବାର ନିୟମ ଅଣଦେଖା ଏବଂ ନିର୍ଦ୍ଧାରିତ ପରିବେଶ ମାନଦଣ୍ଡ ପୂରଣ ନକରିବା ଯୋଗୁଁ ବିଭିନ୍ନ ଶିଳ୍ପ କାରଖାନାରେ ଏହି ସିଲ୍ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

ଏସପିସିବି, ରାଉରକେଲାର ଏକ ଟିମ୍, ସ୍ଥାନୀୟ ପ୍ରଶାସନ, ଟିପିଡବ୍ଲୁଓଡି ଏବଂ ପୋଲିସ ଉପସ୍ଥିତିରେ ସିଲ୍ କାର୍ଯ୍ୟ ସମ୍ପନ୍ନ କରିଛି । ସିଲ୍ ହୋଇଥିବା ସ୍ଥାନରେ ନୋଟିସ୍ ମଧ୍ୟ ଲଗାଯାଇଛି ଯେ ବୋର୍ଡର ପରବର୍ତ୍ତୀ ଅନୁମତି ନମିଳିବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇପାରିବ ନାହିଁ । ଉଲ୍ଲଂଘନକୁ ସୁଧାରି ଅନୁପାଳନ ରିପୋର୍ଟ ଦାଖଲ କରିବା ପରେ ହିଁ କାରଖାନା ପରିଚାଳନାକୁ ଡି-ସିଲ୍ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୋର୍ଡ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ଓ ଚଳିତ ଏପ୍ରିଲରୁ ଏବେ ପର୍ଯ୍ୟନ୍ତ ଆରଓଏସପିସିବି, ରାଉରକେଲା ଦ୍ୱାରା ନିୟମ ଉଲ୍ଲଂଘନକାରୀ ଶିଳ୍ପଗୁଡ଼ିକ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୨୦୨୫-୨୬ରେ ଓଏସପିସିବି, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୪୧ ଟି ଶିଳ୍ପକୁ ବନ୍ଦ କରିବା ନିର୍ଦ୍ଦେଶ ନୋଟିସ୍ ଜାରି କରାଯାଇଛି । ୩୧ଟି ଶିଳ୍ପ ସଂସ୍ଥା କୁ ସିଲ୍ କରାଯାଇଥିବା ବେଳେ ୧୦୦ ଟି ଶିଳ୍ପ କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସେହିପରି ୭ଟି ଶିଳ୍ପ କାରଖାନା କୁ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ପରିବେଶ ସୁରକ୍ଷା ଆଇନ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅନୁମତି ସର୍ତ୍ତ ଉଲ୍ଲଂଘନ କରି କଠିନ ଆବର୍ଜନା, ଫ୍ଲାଏ ଆସ୍ ଏବଂ ଅନ୍ୟାନ୍ୟ ବିପଜ୍ଜନକ ପଦାର୍ଥ ଡମ୍ପ କରୁଥିବା ଶିଳ୍ପଗୁଡ଼ିକ ଉପରେ ମୁଖ୍ୟ ଧ୍ୟାନ ଦିଆଯାଉଛି । ବୋର୍ଡ ପକ୍ଷରୁ ରାଉରକେଲା, ରାଜଗାଙ୍ଗପୁର, କୁଆଁରମୁଣ୍ଡା, କଳୁଙ୍ଗା, ବଣାଇ ଭଳି ଶିଳ୍ପ କାରଖାନା ରେ ଯାଞ୍ଚ ତୀବ୍ର କରାଯାଇଛି । ଏସପିସିବିର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ଅନୁପ କୁମାର ମଲ୍ଲିକ କହିଛନ୍ତି ଯେ, ନିର୍ଦ୍ଧାରିତ ସମୟ ମଧ୍ୟରେ ଶିଳ୍ପ କାରଖାନା ଗୁଡିକ ତ୍ରୁଟି ସୁଧାର ନକଲେ ଆଗାମୀ ଦିନରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଚୋରା ମଦ ଜବତ ୬ କୋର୍ଟଚାଲାଣ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମ୍ବୁ ମେରାଇନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା । ଏହି ଚଢ଼ଉ ସମୟରେ ଜଗଦିଶପୁର ଗ୍ରାମର ସରୋଜ ସାମଲଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ନାଗପଟଣା ଗ୍ରାମର ଶଶୀକାନ୍ତ ମଲିକ ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ପ୍ରଭକରପୁର ଗ୍ରାମର ପୁନୀ ରାଉତ ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ଝିଲି ଖିଲରଙ୍କ ନିକଟରୁ ୨୦ ଲିଟର ଦେଶୀ ରନ୍ଧା ମଦ ଓ ଦୀନବନ୍ଧୁ ରାଉତଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୧୪୯ ଲିଟର ଦେଶୀ ରନ୍ଧା ମଦ, ଦେଶୀ ମଦ ଓ ବିଦେଶୀ ମଦ ଜବତ କରାଯାଇ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁସାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ଶ୍ରୀ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରଞ୍ଜନ ପାତ୍ର ଏବଂ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ ।



# କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ

## ଜନ କଲ୍ୟାଣକାରୀ କାର୍ଯ୍ୟ ଓ ବିକାଶ ଯୋଜନାର ଅଗ୍ରଗତି ସମୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**

କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ, ଭିତ୍ତିଭୂମି ବିକାଶ, ପାନୀୟ ଜଳ, ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଏବଂ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ପରମହଂସ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହ ଅନ୍ୟାନ୍ୟ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜୀବିକା ବୃଦ୍ଧି, ଆର୍ଥିକ ସଶକ୍ତିକରଣ ଓ ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ସମ୍ପର୍କରେ ବ୍ଲକ ପ୍ରକଳ୍ପ ପରିଚାଳକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକରୁ ଅଧିକ ସରକାରୀ ସହାୟତା ଯୋଗାଇଦେବାକୁ ମାନ୍ୟବର ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ହିତାଧିକାରୀ ମାନଙ୍କର ରାସନ୍ କାର୍ଡ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ତ୍ୱରିତ ସମାଧାନ କରିବାକୁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ, ମରାମତି କାର୍ଯ୍ୟ, ଶିକ୍ଷକ ପଦବୀ ପୂରଣ ସମ୍ପର୍କରେ ଆଲୋଚନା କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ବିଭିନ୍ନ ଜଳସେଚନ ପ୍ରକଳ୍ପ, ସରକାରୀ କୋଠା ନିର୍ମାଣ ଓ ରାସ୍ତା କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରାଯାଇଥିଲା ।

# କଟକରେ କଙ୍ଗାରୁ କୋର୍ଟ : ୩ ନାବାଳକଙ୍କୁ ଉଲଗ୍ନ କରି ମାଡ, ଜଣେ ଗିରଫ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଚାଉଳିଆଗଞ୍ଜ ଅଞ୍ଚଳରେ କଙ୍ଗାରୁ କୋର୍ଟ ଘଟଣା । ଚାଉଳିଆଗଞ୍ଜ ଥାନାରେ ପୀଡ଼ିତ ପରିବାର ପକ୍ଷରୁ ୫ ଜଣଙ୍କ ନାଁରେ ଏତଲା ଦିଆଯାଇଛି । ପୁଲିସ ଜଣେ ଅଭିଯୁକ୍ତ ଗିରଫ କରିଥିବା ଆଉ ୩ ଜଣ ଚିହ୍ନଟ କରିଛି । ଏବେ ବିଭିନ୍ନ ଭିଡିଓ ଫୁଟେଜ ଯାଞ୍ଚ କରୁଛି ପୁଲିସ । ଆଗକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଅଭିଯୁକ୍ତ ଗିରଫ କରାଯିବ । ଏନେଇ କଟକ ଏସିପି ସୁଧାଂଶୁ ଜେନା ସୂଚନା ଦେଇଛନ୍ତ । କଟକ ସହରରେ କଙ୍ଗାରୁ କୋର୍ଟ ମାମଲା । ବ୍ୟାଟେରୀ ଚୋର ସନ୍ଦେହ କରି ତିନି ନାବାଳକଙ୍କୁ ଦିଆଯାଇଛି ଅକଥନୀୟ ନିର୍ଯାତନା । କଙ୍ଗାରୁ କୋର୍ଟର ନିଷ୍ପତ୍ତି କ୍ରମେ ସର୍ବସାଧାରଣରେ ଉଲଗ୍ନ କରି ବିଧା ଗୋଇଠା ମାରିଛନ୍ତି । ବାଉଁଶରେ ନିର୍ଘାତ ପିଟିଛନ୍ତି । କେବଳ ସେତିକି ନୁହେଁ, ନିର୍ଯାତନା ସମୟର ଭିଡିଓ ରେକର୍ଡ କରାଯାଇ ସୋସିଆଲ୍ ମିଡିଆରେ ବି ଛଡ଼ାଯାଇଛି । - ଏଭଳି ଅଭାବନୀୟ ଘଟଣା ଘଟିଛି ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ । ଏହି ଲୋମଟାଙ୍କୁରା ଭିଡିଓ ଦେଖିବା ପରେ ସହରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମାଡ଼ ଖାଇଥିବା ୧୭ ବର୍ଷର ଜଣେ ନାବାଳକଙ୍କ ମା' ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି । ପୁଲିସ ତୁରନ୍ତ ମାମଲା କରି ୩ ଜଣ ଯୁବକଙ୍କୁ ଧରିଆଣି ଥାନାରେ ଅଟକ ରଖିଥିଲା । ତଦନ୍ତ ପରେ ଚାଉଳିଆଗଞ୍ଜ ମଠସାହିର ପ୍ରଣବ ସାହୁଙ୍କୁ ଗିରଫ କରିଛି । ଅନ୍ୟ ଦୁଇଜଣ ଅଟକ ଥିବା ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ମାଡ଼ମରା ଓ ଭିଡିଓ ରେକର୍ଡିଂ କରିବା ଘଟଣାରେ ସ୍ଥାନୀୟ ଜଣେ କର୍ପୋରେଟର୍ଙ୍କ ପୁତୁରାଙ୍କ ହାତ ଥିବା ଅଭିଯୋଗ ହୋଇଛି । ତେବେ ଆଇନକୁ ହାତକୁ ନେଇ ନିରୀହ ପିଲାଙ୍କୁ ଏଭଳି ଅମାନୁଷିକ ଭାବେ ମାଡ଼ ମାରିଥିବା ଯୁବକଙ୍କୁ କଡ଼ା ଦଣ୍ଡ ଦେବା ପାଇଁ ସାଧାରଣରେ ଦାବି ହୋଇଛି । ଘଟଣାଟି ଦୁଇ ଦିନ ତଳର । ଚାଉଳିଆଗଞ୍ଜ ମଠସାହିର ଏକ ଗଳି ଭିତର ଦେଇ ଥଣ୍ଟାରିସାହିର ଜଣେ ଓ ମଠସାହିର ଦୁଇ ଜଣ ନାବାଳକ ସାଙ୍ଗ ହୋଇ ଯାଉଥିଲେ । ହଠାତ୍ ମଠସାହିର କିଛି ଯୁବକ ସେମାନଙ୍କୁ ଘେରିଯାଇଥିଲେ । 'ତୁମକୁ ଏହି ଗଳି ବା ସାହି ଭିତରେ ଏକାଠି ହୋଇ ଯିବାକୁ ବାରଣ କରାଯାଇଥିଲା । ଏବେ କାହିଁକି ଆସିଛ ତୁମକୁ ଏଥର ଏବାଟେ ଛଡ଼ା ଯିବନି ବୋଲି କହିଥିଲେ ।' - ବାସ୍, ଏହା ପରେ ଆରମ୍ଭ ହୋଇଯାଇଥିଲା ନିର୍ଘାତ ମାଡ଼ । ପ୍ରଥମେ ଜଣେ ୧୭ ବର୍ଷର ନାବାଳକଙ୍କୁ ଉଲଗ୍ନ କରି କାନ ଧରି ଉଠ୍‌ବସ୍ କରାଇଥିଲେ । ଏହା ପରେ ଯିଏ ଯେମିତି ପାରିଲା ମାଡ଼ ମାରି ସେଠାରୁ ବିଦା କରିଦେଲା । ପରେ ୧୬ ଓ ୧୭ ବର୍ଷର ଅନ୍ୟ ଦୁଇ ନାବାଳକଙ୍କୁ ଏକ ବଡ଼ ବାଉଁଶରେ ଏକାଧିକ ପାହାର ମାରିବା ପରେ ବିଧାଗୋଇଠା ମରାଯାଇଥିଲା । ତିନି ନାବାଳକ ମାଡ଼ ନ ମାରିବାକୁ କାନ୍ଦି କାନ୍ଦି କାକୁତି ମିନତି ହେଉଥାନ୍ତି । ହେଲେ ଯୁବକମାନେ କୌଣସି କଥାକୁ ନଶୁଣି ମାଡ଼ ମାରି ଚାଲିଥାନ୍ତି । ଆଗକୁ ଏଭଳି ନକରିବା, ଏହି ଅଞ୍ଚଳ ନମାଡ଼ିବାକୁ ଧମକ ଦିଆଯାଉଥାଏ । ଆଉ ଏହି ମାଡ଼ମରା ସମୟର ଦୃଶ୍ୟକୁ ଏକାଧିକ ଯୁବକ ମୋବାଇଲ୍‌ରେ ରେକର୍ଡିଂ କରୁଥାନ୍ତି । ଏହି ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ତେବେ ଘଟଣା ଘଟିବା ପରେ ମାଡ଼ ଖାଇଥିବା ତିନି ନାବାଳକଙ୍କ ମଧ୍ୟରୁ ୨ ଜଣ ପୁରୀ ରଥଯାତ୍ରା ଦେଖିବାକୁ ପଳାଇଥିଲେ । ଶନିବାର ସକାଳୁ ସୋସିଆଲ୍ ମିଡିଆରେ ଭିଡିଓ ଦେଖିବା ପରେ ଜଣେ ନାବାଳକ ସବୁ କଥା ନିଜ ମା'ଙ୍କୁ କହିଥିଲେ । ମା' ତୁରନ୍ତ ଯାଇ ଚାଉଳିଆଗଞ୍ଜ ଥାନାରେ ଏତଲା ଦାଏର କରିଥିଲେ । ମାଡ଼ ଖାଇଥିବା ନାବାଳକଙ୍କ ମା'ଙ୍କ କହିବାନୁସାରେ, ଗତ ସପ୍ତାହରେ ତାଙ୍କ ପୁଅକୁ ଫୋନ୍ କରି କିଛି ଯୁବକ ବ୍ୟାଟେରୀ ଚୋରି କରୁଛି ବୋଲି ଅଭିଯୋଗ କରିଥିଲେ । ମାତ୍ର ମୁଁ ଏହାର ପ୍ରମାଣ ମାଗିବାରୁ ସମସ୍ତେ ଚୁପ୍ ହୋଇ ବସିଲେ । ପୁଅ ଯଦି ଦୋଷୀ ତାକୁ ପୁଲିସ ଦେଇଥାନ୍ତ । ହେଲେ ଉଲଗ୍ନ କରି ଅକଥନୀୟ ମାଡ଼ ମାରିବା କେବେ ଗ୍ରହଣୀୟ ନୁହେଁ । ମୁଁ ନ୍ୟାୟ ଚାହୁଁଛି, ସମସ୍ତ ଦୋଷୀ ଅଭିଯୁକ୍ତଙ୍କୁ କଡ଼ା ଦଣ୍ଡ ମିଳୁ ବୋଲି ନାବାଳକଙ୍କ ମା' କହିଛନ୍ତି । ପୁଲିସର ସୂଚନା ଅନୁସାରେ, ମଠସାହିର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କିଛି ଦିନ ହେବ ବ୍ୟାଟେରୀ ଚୋରି ହେଉଥିଲା । ଉକ୍ତ ଚୋରିରେ କିଛି ନାବାଳକଙ୍କ ହାତ ଥିବା ସ୍ଥାନୀୟ କିଛି ଯୁବକ ସନ୍ଦେହ କରୁଥିଲେ । ତେଣୁ ମାଡ଼ ଖାଇଥିବା ତିନି ନାବାଳକଙ୍କୁ ଉକ୍ତ ଅଞ୍ଚଳ ବାଟ ଦେଇ ଯା'ଆସ ନ କରିବାକୁ ମାଡ଼ ମାରିଥିବା ୬-୭ ଜଣ ଯୁବକ ବାରଣ କରିଥିଲେ । ଗତ ୧୫ ତାରିଖରେ ତିନି ନାବାଳକ ସେହି ରାସ୍ତାରେ ଯାଉଥିବା ବେଳେ ସଂପୃକ୍ତ ଯୁବକଙ୍କ ଆକ୍ରୋଶର ଶିକାର ହୋଇଥିଲେ । ମାଡ଼ ମାରିଥିବା ଯୁବକଙ୍କ ମଧ୍ୟରୁ କିଛି ମାଡ଼ ଖାଇଥିବା ନାବାଳକଙ୍କ ପରିଚିତ ଯୁବକ ବୋଲି କୁହାଯାଉଛି । ନାବାଳକମାନେ ନିଶା ପଛରେ ପଡ଼ି ଚୋରି କରୁଥିବା ଯୁବକମାନେ ସନ୍ଦେହ କରୁଥିବା ପୁଲିସ କହିଛି । ଏହି ଭିଡିଓ ଭାଇରାଲ୍ ହେବା ପରେ କଙ୍ଗାରୁ କୋର୍ଟ ବସାଇ ଅତ୍ୟାଚାର ନିଷ୍ପତ୍ତି ନେଇଥିବା ସଂପୃକ୍ତ ଯୁବକଙ୍କ ବିରୋଧରେ ଆଇନାନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି ହୋଇଛି । ଘଟଣାରେ ଜଣେ କର୍ପୋରେଟର୍ଙ୍କ ପୁତୁରା ସାମିଲ ହେବା ବିଷୟକୁ ନେଇ ଜୋର୍ଦାର୍ ପ୍ରତିକ୍ରିୟା ପ୍ରକାଶ ପାଇଛି । ସଂପୂର୍ଣ୍ଣ ବିଷୟ ନେଇ ଜୋନ୍ ଏସିପି ସୁଧାଂଶୁ ଭୂଷଣ ଜେନାଙ୍କ କହିବା କଥା, ଏଭଳି ଏକ ବିଷୟ ନେଇ ଶୁକ୍ରବାର ଅପରାହ୍ନରେ ଏତଲା ହୋଇଛି । ଜଣେ ନାବାଳକଙ୍କ ମା' ଏତଲା ଦେଇଛନ୍ତି । ତାଙ୍କ ଘର ଚାଉଳିଆଗଞ୍ଜ ପାଟେରୋସାହି । ମାଡ଼ମରା ପଛରେ ଚୋରି କିମ୍ବା ଏକତରଫା ପ୍ରେମ ବ୍ୟାପାର କାରଣ ହୋଇଥାଇପାରେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୭।୨୦୨୬, ଶ୍ରାବଣ ଦ୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୯।୦୩ ଚନ୍ଦ୍ରୋଦୟ- ଦିଘ ୧୦।୫୨।୧୮**

ସପ୍ତମୀ ରାଘ ୪।୧୫ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର ସଂଘ ୭।୧୨ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୪।୦୫ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୩ ଗତେ ଦିଘ ୬।୫୮ ମଧ୍ୟେ । ଦିଘ ୧୦।୩୬ ଗତେ ଦିଘ ୧।୧୩ ମଧ୍ୟେ । ପର୍ବୋତ୍ସବ- ହେରା ପଞ୍ଚମୀ ।



**ମେଷ:** ଦିନଟି ଆପଣଙ୍କର ଆନନ୍ଦଦାୟକ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଧନ ଲାଭ ହେବ । ଘରେ ଖୁସିର ବାତାବରଣ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି ।



**ବୃଷ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ କରିବେ । ଧର୍ମ କାର୍ଯ୍ୟ ନିମନ୍ତେ ଆଗ୍ରହ ପ୍ରକାଶ କରିପାରନ୍ତି । ରୋଜଗାରର ମାତ୍ରା ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।



**ମିଥୁନ:** ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।



କର୍କଟ: ବ୍ୟବସାୟରୁ ଆଶାତୀତ ଲାଭ ପାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ସୁଖ ରହିଛି । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



ସିଂହ: କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ଅନେକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପରୋପକାରୀ ହେବେ ।



**କନ୍ୟା:** ଶତ୍ରୁ ନାଶ ହେବେ । ବନ୍ଧୁ ମିଳନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।



**ତୁଳା:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କୌଣସି ଏକ ଖବର ପାଇ ବିଚଳିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେବ ।



**ବିଛା:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମଧ୍ୟ ଯୋଗ ଦେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ ।



**ଧନୁ:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଆମୋଦ ପ୍ରମୋଦର ସହ ଦିନଟି ବିତିବ । ବ୍ୟୟର ପରିମାଣ ବୃଦ୍ଧି ପାଇବ । ପରିବାରରେ ସୁଖ ଶାନ୍ତିର ବାତାବରଣ ରହିବ । ପରୋପକାରୀ ହେବେ ।



**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଆଶା କରୁଥିବା ଦିଗରୁ ଅର୍ଥ ପ୍ରାପ୍ତି ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମନ ଭଲ ରହିବ । ଗୃହେ ଶାନ୍ତି ଲାଭ ।



**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଘରୋଇ ଜୀବନ ଆନନ୍ଦ ଦାୟକ ହେବ । ବନ୍ଧୁ ଦର୍ଶନର ସୁଯୋଗ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ମୀନ:** ଦିନଟି ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟରେ ଉନ୍ନତି ଦେଖାଦେବ । ଘରେ ସୁଖ ଲାଭ ହେବ । ଶରୀର ସୁସ୍ଥ ରହିବ । ଭ୍ରମଣ ଯୋଗ ମଧ୍ୟ ରହିଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୭।୨୦୨୬, ଶ୍ରାବଣ ଦ୪ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୧୯।୨୫ ଚନ୍ଦ୍ରୋଦୟ- ଦିଘ ୧୧।୪୩।୨୯**

ଅଷ୍ଟମୀ ରାଘ ୫/୧୮ ପର୍ଯ୍ୟନ୍ତ । ଚିତ୍ରା ନକ୍ଷତ୍ର ସଂଘ ୮।୫୦ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ୭/୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର, ପ୍ରାଘ ୭/୫୮ ଗତେ ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ପ୍ରାଘ ୭/୫୮ ଗତେ ନାହିଁ । ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୪।୦୫ ଗତେ ନଡ଼ିଆ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୯ ଗତେ ଦିଘ ୧୦।୩୬ ମଧ୍ୟେ । ଦିଘ ୭।୧୩ ଗତେ ଦିଘ ୧।୩୨ ମଧ୍ୟେ । ପର୍ବୋତ୍ସବ- ଦୀଗ ବାରିଣୀ ବ୍ରତ, ପର୍ଶୁରାମାଷ୍ଟମୀ ଓ ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ ।

32 YEARS
ସମ୍ବାଦ କଳିକା

# ବିଶ୍ୱରେ ପ୍ରଥମ କମର୍ସିଆଲ ବ୍ରେନ୍ ଚିପ୍ ପ୍ରତିରୋପଣ

ଦେଶର ନ୍ୟୁରୋଟେକ୍ନୋଲୋଜି କ୍ଷେତ୍ରରେ ଏକ ବଡ଼ ଲମ୍ଫ। ଏଲନ ମସ୍କଙ୍କ ନ୍ୟୁରାଲିଙ୍କକୁ ଏହା ଟକ୍କର ଦେବ । ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ (ବିସିଆଇ) ଟେକ୍ନୋଲୋଜିରେ ଉଲ୍ଲେଖଯୋଗ୍ୟ ଉପଲବ୍ଧି ହାସଲ କରିଛି ଚୀନ୍ । ବ୍ୟବସାୟିକ ରୂପେ ସ୍ୱୀକୃତ ବ୍ରେନ୍ ଚିପର ସଫଳ ପ୍ରତିରୋପଣ କରିଛି । ସାଂଘାଇ ନଗରପାଳିକାର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କମିଶନ ଅନୁସାରେ, ଚୀନର ଡାକ୍ତରମାନେ ଜଣେ ରୋଗୀଙ୍କ ମସ୍ତିଷ୍କରେ ମୁଦ୍ରା ଆକୃତିର ଏକ ଚିପ୍ ପ୍ରତିରୋପଣ କରିଛନ୍ତି । ୧୦ ବର୍ଷ ପୂର୍ବେ ଏକ କାର୍ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ଯୋଗୁ ତାଙ୍କ ହାତ ଅଚଳ ହୋଇଯାଇଥିଲା । ଗତ ସୋମବାର ହୁଆଶାନ ହସ୍ପିଟାଲରେ ଏହି ଯୁଗାନ୍ତକାରୀ ସର୍ଜରି ହୋଇଥିଲା । ଏହା ସ୍ଥିର, ଉଚ୍ଚ-ଗୁଣବତ୍ତାସମ୍ପନ୍ନ ଏପିଡ୍ୟୁରାଲ ମସ୍ତିଷ୍କ ସଙ୍କେତ ହାସଲ କରିଥିଲା । ନ୍ୟୁରାକଲ ମେଡିକାଲ ଟେକ୍ନୋଲୋଜି ନାମକ ସ୍ଥାନୀୟ ଷ୍ଟାର୍ଟ-ଅପ୍ ଦ୍ୱାରା ବିକଶିତ ଏହି ନିଓ ଡିଭାଇସ୍ ହାତର ଗତିବିଧିରେ ସାହାଯ୍ୟ କରୁଛି । ରୋଗୀ ଧୀରେ ଧୀରେ ଠିକ୍ ହେବା ସହିତ ଗୁରୁତ୍ୱପୂର୍ଣ୍ଣ ସଙ୍କେତକୁ ଏହା ସ୍ଥିର ରଖୁଛି । ଏହା ରୋଗୀଙ୍କ ମସ୍ତିଷ୍କର ବାହ୍ୟ ପୃଷ୍ଠରେ ପ୍ରତିରୋପିତ ହୋଇଛି । ଟିସ୍ୟୁ ଭିତରକୁ ନ ଯାଇ ଏହା ସ୍ନାୟବିକ ସଙ୍କେତକୁ ପଢୁଛି ଓ ସେଗୁଡ଼ିକୁ ହାତର ଗତିବିଧିରେ ରୂପାନ୍ତରିତ କରୁଛି । ଗତ ମାର୍ଚ୍ଚ ୧୩ ତାରିଖରେ ଚୀନର ନ୍ୟାସନାଲ ମେଡିକାଲ ପ୍ରଡକ୍ଟସ ଆଡମିନିଷ୍ଟ୍ରେସନ୍ରୁ ଅନୁମତି ପାଇବା ପରେ ଏହା ବିଶ୍ୱର ପ୍ରଥମ ବ୍ୟବସାୟିକ ରୂପେ ସ୍ୱୀକୃତ ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ ହୋଇଛି ଏବଂ ବଜାରରେ ଉପଲବ୍ଧ ହେଉଛି । ମଞ୍ଜୁରି ମିଳିବା ପରେ ନିଓର ଉତ୍ପାଦନ ଦ୍ରୁତ ଆରମ୍ଭ ହୋଇଛି । ହସ୍ପିଟାଲଗୁଡ଼ିକ ସହିତ ଏହାର ପରିଚୟ କରାଇବା ସହିତ ରୋଗୀଙ୍କ ସ୍କ୍ରିନିଂ ଏବଂ ୪ ମାସ ମଧ୍ୟରେ ସ୍ଥାନୀୟ ବ୍ୟବସାୟିକ ସ୍ୱାସ୍ଥ୍ୟ ବୀମାରେ ଏହାକୁ ସାମିଲ କରାଯାଇଛି । ଏହି ମାଇଲଖୁଣ୍ଟ ବୈଶ୍ୱିକ ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ୍ ଟେକ୍ନୋଲୋଜିର ଅଗ୍ରଦୂତ ହେବା ଦିଗରେ ଚୀନ୍ର ଅଭିଳାଷକୁ ଦର୍ଶାଉଛି ।



# ନିଶାପ

## (ନିରପେକ୍ଷ ଶାସନ ପଦ୍ଧତି)

## ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଅନ୍ଧ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭକ୍ତର ଚକ୍ଷୁ ସଦା ସର୍ବଦା ଉନ୍ମୁକ୍ତ କର୍ଣ୍ଣ, ନାଶା ପାଟି ସବୁ ଉନ୍ମୁକ୍ତ କାରଣ ଶାସ୍ତ୍ର କହେ

"ମନୁଷ୍ୟ ଦେହେ ଦିବ୍ୟଜ୍ଞାନ
ଦେଖି ସନ୍ତୋଷ ଭଗବାନ ।"

ଭକ୍ତ ଭଗବାନ ଭିତରେ ଗୁରୁ ଶିଷ୍ୟ ଭିତରେ ପ୍ରଭେଦ ନଥାଏ । ଆଉ ଯେ ପ୍ରଭେଦର ପ୍ରାଚୀର ଠିଆ କରାଏ ସେହି ଅନ୍ଧ । ଆଖି ଥାଇ ନଥିଲା ପରି ତାର ପାଟି ପୁରେ କିନ୍ତୁ ପେଟ ପୁରେ ନାହିଁ । ସଦାସର୍ବଦା ସେ ତା ହୁତାସରେ କାଳାତିପାତ କରୁଥାଏ । ହନ୍ତସନ୍ତ ହେଉଥାଏ । ଏଥିରୁ ଜାଣିବ ସେହିଁ ଅଜ୍ଞାନ, ନାମ ନେଇ ଧୃତ ହୋଇଯାଇଛି । ଗୁରୁଙ୍କ ସହିତ ଭଗବାନଙ୍କ ସହିତ ଛଳନା କରୁଛି । ତେଣୁ ସେ ଭଳି ଭକ୍ତ ପାଖରୁ ସଦା ସର୍ବଦା ଦୂରେଇ ଯେତେ ରହିବ ତୁମର ସେତେ ମଙ୍ଗଳ, କାରଣ- କୁହାଳିଆ କେଭେ ଦୁହାଁଳିଆ ନୁହେଁ । ତାର ନିଷ୍ଠା ନଥାଏ, ଚରିତ୍ର ନଥାଏ, ଉପର ଦେଖାଣିଆ ଭକ୍ତ ସାଜିଥାଏ । ତାର ବ୍ୟବହାର, ଚାଲିଚଳନ ଉପରେ ସଦାସର୍ବଦା ଦୃଷ୍ଟି ନଥାଏ । ସେ କେବଳ ଅନ୍ୟକୁ ସମାଲୋଚନା କରି ଚାଲିଥାଏ । ତେଣୁ ସେ ହିଁ ଅନ୍ଧ, ତେଣୁ ଅନ୍ଧ ସହିତ ସମ୍ପର୍କ ରଖିଲେ ଯାହା ହୁଏ ତୁମର ବି ଦିନେ ନା ଦିନେ ସେଇଆ ଭୋଗିବାକୁ ପଡିଥାଏ । ତେଣୁ ତୁମେ ଶିଷ୍ୟ ହୁଅ ବା ଭକ୍ତ ହୁଅ ନିଷ୍ଠା ରଖ ପ୍ରଭୁଙ୍କ ବାକ୍ୟ ଉପରେ ପ୍ରଭୁଙ୍କୁ ପ୍ରେମକର କିନ୍ତୁ ପ୍ରତିଦାନ ଚାହଁନାହିଁ । ପ୍ରଭୁଙ୍କ ଆଶ୍ରାକର କିନ୍ତୁ ଆଶାବାଦୀ ହୁଅନାହିଁ । ଦେଖିବ ତୁମର ଅନ୍ଧତ୍ୱ ନିଶ୍ଚୟ ଦୂରିଭୂତ ହେବ ଏବଂ ଶ୍ରୀ ଗୁରୁଙ୍କ କୃପା ଲାଭ ପାଇ ଜଗତରେ ଶ୍ରେଷ୍ଠ ମାନବ ରୂପେ ଭକ୍ତ ରୂପେ ଶିଷ୍ୟ ରୂପେ ପରିଗଣିତ ହୋଇପାରିବ ।

◆◆

# ଶ୍ରୀଜଗନ୍ନାଥଙ୍କ ହେରା ପଞ୍ଚମୀ ଯାତ୍ରା



ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫





ହେରା ପଞ୍ଚମୀରେ ମହାଲକ୍ଷ୍ମୀଙ୍କର ଗୁଣ୍ଡିଚା ମନ୍ଦିର ଯାତ୍ରା

ମର୍ତ୍ତ୍ୟମଣ୍ଡଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଲକ୍ଷ୍ମୀ ଠାକୁରାଣୀ ମାନବୀୟ ଲୀଳା ପ୍ରଦର୍ଶନ ମାଧ୍ୟମରେ ସମାଜର ଚାଲିଚଳଣୀ, ଆଚାର ବ୍ୟବହାର ଓ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ସଂପର୍କ ଆଦିର ପ୍ରତୀକାତ୍ମକ ପରିପ୍ରକାଶ ହେଉଛି ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରା ସମୟରେ ଆଷାଢ଼ ଶୁକ୍ଳପକ୍ଷ ଷଷ୍ଠୀ ଦିନ ପାଳିତ ହେଉଥିବା 'ହେରାପଞ୍ଚମୀ ଯାତ୍ରା'। ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ବଡ଼ଭାଇ ବଳଭଦ୍ର ଓ ସାନ ଭଉଣୀଙ୍କୁ ସାଥିରେ ଧରି ଗୁଣ୍ଡିଚାଘର ଅଭିମୁଖେ ରଥରେ ଯାତ୍ରା କରିବା ପରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ନିଜକୁ ଅପମାନିତ ଓ ଅବହେଳିତ ମନେକଲେ । ଦୁଇଦିନ କାଳ ମନମାରି ବସି ରହିବା ପରେ ନିଜର ଦୁଃଖ ନିବାରଣ ନିମନ୍ତେ ବଡ଼ ଭଉଣୀ ସଦୃଶ୍ୟା 'ବିମଳା' ଓ ସାନ ଭଉଣୀ 'ସରସ୍ୱତୀ'ଙ୍କ ନିକଟରେ ସମସ୍ତ ବିଷୟ ବର୍ଣ୍ଣନା କରି ଏହାର ପ୍ରତିକାର ଆଶା କରନ୍ତି । ତାଙ୍କୁ ସାନ୍ତ୍ୱନା ଦେଇ ବିମଳା କହନ୍ତି, ଯଦି ସ୍ୱାମୀ ବିବେକଶୂନ୍ୟ ହୋଇ କୌଣସି ଅକର୍ମ କରନ୍ତି, ଉଚିତ୍ ମାର୍ଗ ପ୍ରଦର୍ଶନ ପାଇଁ ତାଙ୍କୁ 'ଉଚ୍ଚାଟିତ' କରିବାକୁ ପଡିଥାଏ । ସେଥିପାଇଁ ସେ ମହାଲକ୍ଷ୍ମୀଙ୍କୁ କିଛି 'ମନ୍ତ୍ରିତ ମୋହଚୂର୍ଣ୍ଣ' ଦେଇ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବାପାଇଁ ପରାମର୍ଶ ଦିଅନ୍ତି ।

ମହାଲକ୍ଷ୍ମୀ ହେଉଛନ୍ତି ଅସାଧାରଣ । ସୁତରାଂ ତାଙ୍କର କ୍ରୋଧ ମଧ୍ୟ ଅସାଧାରଣ । ସେଥିପାଇଁ ଷଷ୍ଠୀ ଦିନ ମଧ୍ୟାହ୍ନ ଧୂପ ପୂର୍ବରୁ ଶ୍ରୀମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଯାଏ । ବିଜେ ମହାଲକ୍ଷ୍ମୀ ମାଜଣା , ସ୍ନାନ, ବନକ ଲାଗି (ଶ୍ରୀମୁଖ ସିଂହାର ନୀତି), ପାଟଶାଢ଼ି ଓ ପୁଷ୍ପ ଅଳଙ୍କାରରେ ଭୂଷିତ ହୁଅନ୍ତି । ପନ୍ତି ଭୋଗ ପରେ ଠାକୁରାଣୀଙ୍କୁ କଳ୍ପବଟ ମୂଳରେ ରଖାଯାଇଥିବା ପାଲିଙ୍କିରେ ବିଜେ କରାଇ 'ଅପୂର୍ବ ଐଶ୍ୱର୍ଯ୍ୟ ପ୍ରଦର୍ଶନ' ପୂର୍ବକ ଘଂଟ, ଛତା, କାହାଳୀ ଓ ବାଜାର ବିରାଟ ପଟୁଆରରେ ଆଡ଼ମ୍ବର ସହ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟକୁ ଯାତ୍ରା କରାଯାଏ । ସେଠାରେ ନନ୍ଦିଘୋଷ ରଥ ପାର୍ଶ୍ୱରେ ପାଲିଙ୍କି ପହଞ୍ଚିଲା ପରେ ପତିମହାପାତ୍ର ସେବକ ଠାକୁରାଣୀଙ୍କ ପ୍ରସାଦ ଲାଗି (ଏକ ପ୍ରକାର ବସ୍ତ୍ର), ବନ୍ଦାପନା ଓ ଆଲଟ ଚାମର ସହିତ ଘସା ବିଡ଼ିଆ ଓ ଦହିପତି ମଣୋହି କରିଥାଆନ୍ତି । ଇତି ମଧ୍ୟରେ ଗୁଣ୍ଡିଚା ମନ୍ଦିର ଭିତରେ ମହାପ୍ରଭୁଙ୍କର ମଧ୍ୟାହ୍ନ ଧୂପ ନୀତି ବଢ଼ି (ସମାପ୍ତ) ଜଗନ୍ନାଥଙ୍କ ବାଡ଼ରେ ବିଶେଷ ପଞ୍ଚାମୃତ ମହାସ୍ନାନ ଓ ସର୍ବାଙ୍ଗ ଆଦି ନୀତି ଅନୁଷ୍ଠିତ ହେଉଥାଏ । ହେରାପଞ୍ଚମୀର ପୂର୍ବଦିନ ଶ୍ରୀଗୁଣ୍ଡିଚା ଘରେ ଠାକୁରମାନଙ୍କର ବନକ ଲାଗି ନୀତି ଅନୁଷ୍ଠିତ ହୋଇଥାଏ । ଏହି 'ବନକ' ହେଉଛି - ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ, କଳା ଓ ତେଲର ସମ୍ମିଶ୍ରଣରେ ପ୍ରସ୍ତୁତ ପ୍ରଲେପ, ଏହାକୁ 'ଶ୍ରୀମୁଖ ସିଂହାର' ମଧ୍ୟ କୁହାଯାଏ ।

ମହାପ୍ରଭୁଙ୍କ ସଂଧ୍ୟାଧୂପ ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀଙ୍କୁ ଗୁଣ୍ଡିଚା ମନ୍ଦିର ଭିତର ଜଗମୋହନ ନିକଟବର୍ତ୍ତୀ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରାଯାଏ । ସେଠାରେ ମହାଲକ୍ଷ୍ମୀଙ୍କ ତରଫରୁ ଶ୍ରୀଜଗନ୍ନାଥଙ୍କର ବନ୍ଦାପନା ନୀତି ପରେ ମହାପ୍ରଭୁଙ୍କର ଜଣେ ସେବକ 'ଶ୍ରୀମନ୍ଦିରକୁ ଶୀଘ୍ର ଫେରିଯିବା ପ୍ରତିଶ୍ରୁତିର ସଂକେତ' ସ୍ୱରୂପ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଖଣ୍ଡିଏ ଆଜ୍ଞାମାଳ ଆଣି ଠାକୁରାଣୀଙ୍କୁ ଦିଅନ୍ତି । ଏହା ପରେପରେ ମହାଲକ୍ଷ୍ମୀଙ୍କୁ ଧୂପ, ଦୀପ ଦେଇ ବନ୍ଦାପନା ପରେ ଠାକୁମାନଙ୍କର ସଂଧ୍ୟାଧୂପ ନିମନ୍ତେ ଟେରା(ଆଡୁଆଳ ପାଇଁ କନାର ପରଦା) ପଡିଯାଏ । ଏଥିରେ ମହାଲକ୍ଷ୍ମୀ ନିଜକୁ ଅପମାନିତ ମନେ କରନ୍ତି । କ୍ରୋଧିତ ମହାଲକ୍ଷ୍ମୀଙ୍କ ଉଗ୍ରରୂପ ଦେଖି ଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ବନ୍ଦ କରିଦିଆଯାଏ । ଏହାପରେ ମହାଲକ୍ଷ୍ମୀ ନିଜସ୍ୱ ବିମାନରେ ନନ୍ଦିଘୋଷ ରଥ ନିକଟକୁ 'ନାକଚଣା ଦ୍ୱାର' ବାଟେ ଲୁଚିକରି ଆସନ୍ତି । କଥିତ ଅଛି ଥରେ କ୍ରୋଧିତ ମହାଲକ୍ଷ୍ମୀଙ୍କ ନାକରୁ ନାକଚଣା ସେଠାରେ ହଜିଯାଇଥିବାରୁ ଉକ୍ତ ଦ୍ୱାରର ନାମ 'ନାକଚଣା' ରଖାଯାଇଥିଲା ।

ସେଠାରେ ମହାଲକ୍ଷ୍ମୀଙ୍କ ଆଦେଶରେ ସେବକମାନେ ରଥର କାଠ ଖଣ୍ଡିଏ ଭାଙ୍ଗି ଦିଅନ୍ତି ଓ ସାରଥୀଙ୍କର ଲୁଗା ଚିରି ଦେବାପରେ ସିପାହୀ ମାନଙ୍କର ଭୟରେ ନିକଟସ୍ଥ ତେନ୍ତୁଳି ଗଛମୂଳେ ଲୁଚି ରହନ୍ତି । କିଛି ସମୟ ପରେ ମହାଲକ୍ଷ୍ମୀ ନିଃଶବ୍ଦରେ(ଘଣ୍ଟ ବାଜା ଓ କାହାଳୀ ବିନା) ଲୁଚି ଲୁଚି ବଡ଼ଦାଣ୍ଡ ବାଟେ ନ ଫେରି ହେରାଗୋହିରୀ ସାହି ଓ ମରିଚକୋଟ ରାସ୍ତାରେ ଶ୍ରୀମନ୍ଦିର ବାହୁଡି ଯାଆନ୍ତି । ମହାଲକ୍ଷ୍ମୀଙ୍କ କ୍ରୋଧ ଓ ହେରାପଞ୍ଚମୀରେ ଶ୍ରୀଗୁଣ୍ଡିଚା ମନ୍ଦିର ଯାତ୍ରାର ଫଳସ୍ୱରୂପ ମହାପ୍ରଭୁ ନିଜର ପ୍ରତିଶ୍ରୁତି ରକ୍ଷା କରି ବାହୁଡ଼ା ପାଇଁ ପରଦିନହିଁ ରଥ ଗୁଡ଼ିକର 'ଦକ୍ଷିଣିମୋଡ' ପାଇଁ ଆଦେଶ ଦେଇଥା'ନ୍ତି । ଶ୍ରୀମନ୍ଦିରରେ ବିରାଜିତ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀମହାଲକ୍ଷ୍ମୀ ଠାକୁରାଣୀ କେବଳ ଆମପାଇଁ ପୂଜିତ ଦେବାଦେବୀ ନୁହଁନ୍ତି, ସମାଜରେ ଓଡ଼ିଆ ଘରର ସ୍ୱାମୀ, ସ୍ତ୍ରୀର ସଂପର୍କ ଓ ଚାଲିଚଳଣୀର ପ୍ରତୀକ ମଧ୍ୟ ।

# କାଳିଆ ରାଜାର ବାହୁଡା ଯାତ୍ରା



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯



ଏଡ଼ିକି ମନୁଆ ସେ କାଳିଆ ରସିକରାଜା ! କେତେବେଳେ ସାଧାରଣ ଓଡ଼ିଆଟିଏ ପରି ତାଙ୍କର ଚଳଣି; ପୁନଶ୍ଚ ସେ ରାଜାଧିରାଜ ମହାରାଜା; ସମଗ୍ର ବିଶ୍ୱର ହର୍ତ୍ତା, କର୍ତ୍ତା, ଦୈବ ବିଧାତା। ତାଙ୍କ ବେଶ ପୋଷାକ, ରୀତି, ନୀତି ଭିନ୍ନ ଭିନ୍ନ ପ୍ରକାର। ବାରମାସରେ ତେର ପର୍ବ ନୁହେଁ; ତାଠାରୁ ଢ଼େର୍ ଅଧିକ ଯାନିଯାତ୍ରା, ଉତ୍ସବମାନ ପାଳିତହୁଏ ଶ୍ରୀ ପୁରୁଷୋତ୍ତମ ଧାମରେ। କେବେ ଶ୍ରଦ୍ଧାଳୁ ଓଡ଼ିଆଟିଏ ଦେଖେ ତା ଗେହ୍ଲାପୁଅ କାଳିଆକୁ ସାଧାରଣ ବେଶ ପୋଷାକରେ; ପୁଣି ଦେଖେ ମହଣ ମହଣ ସ୍ୱର୍ଣ୍ଣାଳଙ୍କାର ବିଭୂଷିତ ରାଜବେଶରେ। କାଳିଆର ରସିକ ପଣ ବି କିଛି କମ୍ ନୁହେଁ। ଷାଠିଏ ପଉଟି ଭୋଗ, ଗଜ ମୋତି ଚୂନଦିଆ ବିଡିଆପାନ, ସରପୁଳି, ଖଜା, କୋରା ପାଇଁ ତା'ର ମନ; ଜାତି ଜାତି ଦୟଣାମାଳ, ସଜ ମଲ୍ଲିଫୁଲ ହାର, ପାଟବସନ-ସବୁ କାଳିଆ ପାଇଁ ଖଞ୍ଜା। ଦେବଦାସୀ ନାଚ ନଦେଖିଲେ ତାଙ୍କୁ ନିଦ ହୁଏନି। ମନୁଆରାଜା ଶ୍ରୀମନ୍ଦିର ରତ୍ନସିଂହାସନ ଛାଡି ବାହାରନ୍ତି ମାଉସୀମାଘର; ସେଠାରେ ରହଣି ସାତ ଦିନ, ତା'ସହିତ ମାଉସୀମା ହାତର ପାଉଁଶିଆ ପୋଡପିଠା ମଣୋହି; ଏପର୍ବ ଏବେ ଶେଷ। ଆଷାଢ଼ ଶୁକ୍ଳଦଶମୀ, ଏବେ ମହାପ୍ରଭୁଙ୍କ ଜନ୍ମ ବେଦୀରୁ ରତ୍ନ ବେଦୀକୁ, ଗୁଣ୍ଡିଚ଼ା ମନ୍ଦିରରୁ ଶ୍ରୀମନ୍ଦିରକୁ; ଲୀଳାମୟଙ୍କ ଏହି ଯାତ୍ରା 'ବାହୁଡାଯାତ୍ରା'।

ତ୍ରି ଅବୟନ। ଘୋଷଯାତ୍ରାର ଦ୍ୱିତୀୟ ପର୍ବ ବାହୁଡାଯାତ୍ରା। ଆଷାଢ଼ଶୁକ୍ଳ ଦ୍ୱିତୀୟାରେ ଶ୍ରୀ ଗୁଣ୍ଡିଚ଼ା ଯାତ୍ରା। ଶୁକ୍ଳ ତୃତୀୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଜେ ଜନ୍ମବେଦୀ (ଆଡପମଣ୍ଡପ)କୁ। ଶ୍ରୀ ଘୋଷଯାତ୍ରାର ପଞ୍ଚମଦିନ (ଆଷାଢ଼ ଶୁକ୍ଳ ଷଷ୍ଠୀ)ରେ ପାଳିତ ହୁଏ ହେରାପଞ୍ଚମୀ ଉତ୍ସବ, ଏହାକୁ ହେରୋତ୍ସବ, ଲକ୍ଷ୍ମୀଙ୍କ ବିଜେ ଉତ୍ସବ ମଧ୍ୟ କୁହାଯାଏ। ଏହିଦିନ ମା ଲକ୍ଷ୍ମୀ ଶ୍ରୀ ମନ୍ଦିରରୁ ବାହାରନ୍ତି ଜଗନ୍ନାଥଙ୍କ ଗୁପ୍ତ ଦର୍ଶନ ପାଇଁ।

ଶ୍ରୀଜଗନ୍ନାଥ; ବଡଭାଇ ବଳଭଦ୍ର, ଭଗିନୀ ସୁଭଦ୍ରାଙ୍କ ସହ ଯାତ୍ରା କଲେ ମାଉସୀମାଘର। ଏଥିରେ ମା'ଲକ୍ଷ୍ମୀଙ୍କ ମନ ଊଣା, ବିଚ୍ଛେଦମଧ୍ୟ ଯନ୍ତ୍ରଣାପ୍ରଦ, ବାହାରିଛନ୍ତି ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ, ଏଣେ ଅନ୍ତର୍ଯ୍ୟାମୀ ପ୍ରଭୁ ଜାଣିପାରନ୍ତି ପତ୍ନୀଙ୍କ ମନକଥା; କାଳିଆ ରାଜା ମଧ୍ୟ ପୂର୍ବ ଦିନରୁ ପ୍ରସ୍ତୁତ, ଆପଣାକୁ ସଜେଇ ସାରିଛନ୍ତି। ସମାପ୍ତ ହୋଇଛି ଶ୍ରୀଜୀଉଙ୍କ ଶ୍ରୀମୁଖ ଶିଙ୍ଗାର। ଆଡପମଣ୍ଡପରେ ଦ୍ୱିପ୍ରହରଧୂପ, ଧୋପଖାଳ କାର୍ଯ୍ୟ ସମାପ୍ତ। ମଇଲମ, ତଡପଲାଗି, ଆଳତିପରେ ଠାକୁରମାନଙ୍କର ମଧ୍ୟାହ୍ନ ପଡୁଡ। ତା'ପରେ ଚଲେ ବନକଲାଗି (ଶ୍ରୀମୁଖ ଶିଙ୍ଗାର)। ଏଥିରେ ବ୍ୟବହୃତ ହୁଏ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଁଥଅଠା, କସ୍ତୁରୀ, କଳାତେଲ। ବନକ ଲାଗି କରାନ୍ତି ପାଳିଆ ଖୁଣ୍ଟିଆ, ଗରାବଡୁ, ପାଳିଆ ପୁଷ୍ପାଳକ, ଚଙ୍ଗଡା ମେକାପ, ଦଉମହାପାତ୍ର, ମୁଦୁଲି, ପୂଜାପଣ୍ଡା ସେବକମାନେ। ଏବେ ରସିକ ରାଜା ପୂରା ସଜବାଜ, ଆସିବେ ମା' ଲକ୍ଷ୍ମୀ ହେରାପଞ୍ଚମୀରେ।

ହେରାପଞ୍ଚମୀ ଦିନ ଶ୍ରୀମନ୍ଦିର ଭଣ୍ଡାର ଘରେ ହୁଏ ମା'ଲକ୍ଷ୍ମୀଙ୍କ ମାଜଣା, ତାଙ୍କୁ ବନକଲାଗି ସହିତ ପାଟ ଅଳଙ୍କାର ଲାଗି କରାଯାଏ। ଅନ୍ୟାନ୍ୟ ନୀତି ସମାପନ, ତା ପରେ ଲକ୍ଷ୍ମୀ ବିଜେ କରନ୍ତି ବଟବୃକ୍ଷ ମୂଳରେ ଥିବା ସୁସଜ୍ଜିତ ବିମାନରେ। ବାଜି ଉଠେ ଘଣ୍ଟ, ଘଣ୍ଟା, କାହାଳୀ; ଛତ୍ର, ଆଲଟଧାରୀ ସେବକମାନଙ୍କ ଗହଣରେ ବିମାନବଡୁଙ୍କ କାନ୍ଧରେ, ପହଞ୍ଚନ୍ତି ଲକ୍ଷ୍ମୀଙ୍କ ବିମାନକୁ ନନ୍ଦିଘୋଷରଥ ନିକଟରେ। ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କର ବିଜେ ଜଗମୋହନ ଦ୍ୱାରକୁ, ପତିମହାପାତ୍ର, ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ଲାଗିକରନ୍ତି, ଚଲେ ମା'ଙ୍କର ପୂଜା ଉପାସନା। ଏହି ସମୟରେ ଜଗନ୍ନାଥଙ୍କ ପୂଜା ପଣ୍ଡା ଶ୍ରୀଜୀଉମାନଙ୍କୁ ପୂଜାର୍ଚ୍ଚନା କରି ଡେରା ପକାଇ ଦିଅନ୍ତି। ମା'ଲକ୍ଷ୍ମୀ ସ୍ୱାମୀଙ୍କ ଦର୍ଶନ ନପାଇ କ୍ରୋଧ, ଅପମାନରେ ଫେରନ୍ତି ନନ୍ଦିଘୋଷ ପାଖକୁ। ନନ୍ଦିଘୋଷରୁ ଖଣ୍ଡେ କାଠ ଭାଙ୍ଗି ଦିଅନ୍ତି; ଜଣେ ପୂଜା ପଣ୍ଡା ଲକ୍ଷ୍ମୀଙ୍କ ତରଫରୁ ଏକାର୍ଯ୍ୟ ସମାପନ କରନ୍ତି। ଏ ଘଟଣାର ଗୋପନୀୟତା ରକ୍ଷା ଏକାନ୍ତ ଜରୁରୀ; ଏଣୁ ମା ଲକ୍ଷ୍ମୀ ଫେରନ୍ତି ନିରବରେ, ନାହିଁ ବାଜା ରୋଷଣି; ବଡଦାଣ୍ଡରେ ନଆସି ହେରା ଗୋହିରୀସାହି ଦେଇ ଆସନ୍ତି, ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଗୁଣ୍ଡିଚ଼ା ମନ୍ଦିରରୁ ସେ ଫେରିଥାନ୍ତି ନାକଚଣା ଦ୍ୱାର ଦେଇ। କାଳିଆ ରାଜା ସର୍ବମୟ କର୍ତ୍ତା; କିନ୍ତୁ ଜୀବନଶୈଳୀ ତାଙ୍କର ସାଧାରଣ ଓଡ଼ିଆଟିପରି, ପତିପତ୍ନୀ ମଧ୍ୟରେ ଥିବା ନିବିଡ ସଂପର୍କ, ପବିତ୍ର ଶାଶ୍ୱତ ପ୍ରେମର ଏକ ମହାନ ନିଦର୍ଶନ ହେରୋତ୍ସବ।

ବିଚିତ୍ର ସେ ଦାରୁ ବ୍ରହ୍ମଙ୍କ ଲୀଳା, ନବଦିନାତ୍ମକ ଯାତ୍ରାରେ ସେ ନବଗ୍ରହରୂପେ ଆରାଧିତ। ଆଡପମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ସର୍ବପାପରୁ ମୁକ୍ତକରେ, ଗ୍ରହଦୋଷ କଟିଯାଏ। ଗୁଣ୍ଡିଚ଼ା ମନ୍ଦିରରେ ଦିଅଁମାନେ ପୂଜା ପାଉଥିବାବେଳେ ରଥରେ ଧ୍ୱଜାପୂଜା ହୁଏ। ଆଡପମଣ୍ଡପରେ ସପ୍ତମୀ, ଅଷ୍ଟମୀ, ନବମୀ ତିଥିରେ ଚଲେ ରାସନୀତି। ଶ୍ରଦ୍ଧାଳୁମାନେ ନବମୀ ତିଥିରେ ଶ୍ରୀଜୀଉଙ୍କୁ ଜନ୍ମବେଦୀରେ ଦର୍ଶନ କରିବାର ଶେଷ ସୁଯୋଗ ପାଇଥାନ୍ତି।

ଆଷାଢ଼ ଶୁକ୍ଳ ଦଶମୀ, ଜଗାର ସଜବାଜ ବାହୁଡା ଯାତ୍ରା ପାଇଁ। ରଥତ୍ରୟୀ ସଜ୍ଜିତ, ଠିକ୍ ଶ୍ରୀମନ୍ଦିରରେ ରୀତିନିତୀ ପରି ଚଲେ ଗୁଣ୍ଡିଚ଼ା ମନ୍ଦିରରେ ପୂଜା ଉପାସନା, ଠାକୁରଙ୍କର ହୁଏ ପହଣ୍ଡିବିଜେ ରଥକୁ। ଶ୍ରୀଗୁଣ୍ଡିଚ଼ା ପରି ରାଜାଙ୍କ ଛେରା ପହଁରା ସେବା, ରଥଟଣା ବାହୁଡା ଯାତ୍ରାରେ। ପରଦିନ ଶୁକ୍ଳ ଏକାଦଶୀ- ବଡ ଏକାଦଶୀ, ହରିଶୟନ ଏକାଦଶୀ ନାମେ ବିଦିତ। କାଳିଆ ରାଜାର ରଥଉପରେ ସୁନାବେଶ ବା ରାଜବେଶ।

ଶ୍ରୀଜୀଉମାନଙ୍କ ବର୍ଷର ବିଭିନ୍ନ ପର୍ବପର୍ବାଣିରେ ହୁଏ ସୁନାବେଶ; ମାତ୍ର ସବୁ ସୁନାବେଶ ରାଜବେଶ ନୁହେଁ, ବିଜୟାଦଶମୀ (ଦଶହରା) କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା (ପୁଷ୍ୟାଭିଷେକ) ଦୋଳ ପୂର୍ଣ୍ଣିମା, ଆଷାଢ଼ ଶୁକ୍ଳ ଏକାଦଶୀରେ ରଥ ଉପରେ ସୁନାବେଶ-ଏହି ପାଞ୍ଚଟି ହିଁ ରାଜବେଶ। ମାତ୍ର ରଥ ଉପରେ ଶ୍ରୀଜୀଉମାନଙ୍କର ସୁନାବେଶ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଅନ୍ୟସବୁ ସୁନାବେଶ ଶ୍ରୀମନ୍ଦିର ରତ୍ନସିଂହାସନରେ, ସବୁଧର୍ମ, ସମସ୍ତବର୍ଗ ଭକ୍ତଙ୍କର ସେ ଦୁର୍ଲ୍ଲଭ ଦୃଶ୍ୟ ଦେଖିବାର ସୁଯୋଗନଥାଏ। ଏଣୁ ଭାବଗ୍ରାହୀ ଶ୍ରୀଜଗନ୍ନାଥ ସର୍ବ ସମ୍ମୁଖରେ ଆଜି ଦର୍ଶନ ଦେଇଛନ୍ତି ସୁନାବେଶରେ। ସାରାଜଗତ ମୁଗ୍ଧ ବିହ୍ୱଳ। ଶ୍ରୀଜୀଉମାନଙ୍କୁ ଲାଗି କରାଯାଇଛି ମହଣ ମହଣ ସ୍ୱର୍ଣ୍ଣାଳଙ୍କାର। ସଜାଇ ଦେଇଛନ୍ତି ଭିତରଛ ମହାପାତ୍ର, ତିଳଛମହାପାତ୍ର, ପୁଷ୍ପାଳକ ସେବାୟତ, ଯଥାକ୍ରମେ ଶ୍ରୀ ଜଗନ୍ନାଥଙ୍କୁ ନନ୍ଦିଘୋଷ, ଶ୍ରୀ ବଳଭଦ୍ରଙ୍କୁ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କୁ ଦର୍ପଦଳନ ରଥରେ, ସହଯୋଗ କରିଛନ୍ତି ଦଇତାପତି ସେବକମାନେ। ବହୁ ମୂଲ୍ୟ ସ୍ୱର୍ଣ୍ଣ ଆଭରଣ ସହିତ ଶ୍ରୀଜୀଉମାନଙ୍କୁ ସଜାଇ ଦିଆଯାଇଛି ପାଟବସ୍ତ୍ର, ଜାତି ଜାତି ପୁଷ୍ପରେ। ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ରଙ୍କୁ ଲାଗିକରାଯାଇଛି ଶ୍ରୀ ପୟର, ଶ୍ରୀଭୁଜ, କିରୀଟ, ଓଡିଆଣି, କୁଣ୍ଡଳ, ଚନ୍ଦ୍ର, ସୂର୍ଯ୍ୟ, ଆଡକାନି, ଘାଘଡାମାଳି, କଦମ୍ବମାଳି, ତିଳକ, ଅଳକା, ଚନ୍ଦ୍ରିକା, ଝେବାକର୍ଣ୍ଣି, ବାହାଡାମାଳି, ତାବିଜମାଳି, ତ୍ରିଖଣ୍ଡିକା, କମରପଟି ଆଦି ବହୁ ମୂଲ୍ୟ ସ୍ୱର୍ଣ୍ଣ ଅଳଙ୍କାର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜରେ ସୁନା-ଚକ୍ର, ରୌପ୍ୟ ଶଙ୍ଖ, ହଳାୟୁଧଙ୍କ ଶ୍ରୀଭୁଜରେ ସ୍ୱର୍ଣ୍ଣର ହଳ, ମୂଷଳ। ଦେବୀ ସୁଭଦ୍ରାଙ୍କ ଅଙ୍ଗାଭରଣ ଅଳଙ୍କାର କିରୀଟ, ଓଡ଼ିଆଣି, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଘଡାମାଳି, କଦମ୍ବମାଳି, ଦୁଇଗୋଟି ତଡଗି, ସେବତୀମାଳୀ - ଏ ସମସ୍ତ ସ୍ୱର୍ଣ୍ଣ ନିର୍ମିତ। ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ସୁନାବେଶ, ଦେଖିଲେ ହୃଦବୋଧ ହୁଏ; ଏ ଓଡ଼ିଶା ଭୂଖଣ୍ଡ ଆଜି ପାଲଟିଛି କୁବେର-ଭଣ୍ଡାର !

ସୁନାବେଶକୁ କୁହାଯାଏ ବଡ ତଢ଼ାଉ (ସୁନା)ବେଶ, ଏ ବେଶରେ ଶ୍ରୀ ଜୀଉଙ୍କୁ ଲାଗି କରାଯାଇନଥାଏ ସୁନାରାହୁଚିତା, ରତ୍ନଚିତା। ଶ୍ରୀଗୁଣ୍ଡିଚ଼ା ଦିନ ରଥ ଉପରେ ଠାକୁରଙ୍କ ବିଜେ ପରେ ତାଙ୍କୁ ଲାଗୁକରାଯାଏ ସୋଲଚିତା, ଏହା ମଝିରେ ଥାଏ ଅଳ୍ପ ସୁନା, ରତ୍ନ ମଧ୍ୟ ଏହି ଚିତାରେ ବ୍ୟବହୃତ ହୋଇଥାଏ। ଶ୍ରୀ ଜୀଉମାନଙ୍କ ଉକ୍ତ ବେଶର ସମସ୍ତ ଅଳଙ୍କାର ସୁବର୍ଣ୍ଣ ନିର୍ମିତ; ମାତ୍ର ଶ୍ରୀଜଗନ୍ନାଥଙ୍କ ଶ୍ରୀଭୁଜରେ ଶୋଭାପାଉଥିବା ଶଙ୍ଖ ହିଁ ରୌପ୍ୟ ନିର୍ମିତ।

ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗଭୀମଦେବ ତ୍ରୟୋଦଶ ଶତାବ୍ଦୀରେ ଶ୍ରୀ ଜଗନ୍ନାଥଙ୍କୁ ଉତ୍କଳର ସମ୍ରାଟ ତଥା ରାଷ୍ଟ୍ରଦେବତା ବୋଲି ଘୋଷଣା କଲେ। କପିଳେନ୍ଦ୍ରଦେବ ନିଜକୁ ମହାପ୍ରଭୁଙ୍କ ରାଉତ/ ପୁତ୍ର ବୋଲି ଏକ ଶିଳାଲିପିରେ ଉଲ୍ଲେଖ ରହିଛି। ସେ ଶ୍ରୀଜୀଉମାନଙ୍କୁ ବହୁ ମୂଲ୍ୟ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା, ହୀରା, ନୀଳାଆଦି ମୂଲ୍ୟବାନ ଅଳଙ୍କାର ପ୍ରଦାନ କରିଥିଲେ। ତାଙ୍କ ଦ୍ୱାରା ଶ୍ରୀମନ୍ଦିରରେ ସୁନାବେଶରଲାଗି ପରଂପରା ସୃଷ୍ଟି ହୋଇଥିବା ସମ୍ଭବ। ୧୪୬୦ ଖ୍ରୀ.ଅରେ ଉତ୍କଳର ଗଜପତି କପିଳେନ୍ଦ୍ର ଦେବ ସମଗ୍ର ଦାକ୍ଷିଣାତ୍ୟ ଜୟ କଲେ। ସେ ୧୬ଗୋଟି ହାତୀ ପିଠିରେ ଆଣିଥିବା ବିପୁଳ ଧନ, ରତ୍ନ ମହାପ୍ରଭୁଙ୍କୁ ଉତ୍ସର୍ଗ କରିଥିଲେ। ବଡ ତଢ଼ାଉ ସେବକମାନଙ୍କ ପରାମର୍ଶ; ରାଜା କପିଳେନ୍ଦ୍ରଦେବ, ଆଷାଢ଼ ଶୁକ୍ଳ ଏକାଦଶୀ, ଦିଅଁମାନଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଗବେଷକମାନେ ସୁନାବେଶର ଉତ୍ପତ୍ତି ୧୨୩୨ଖ୍ରୀ.ଅ.ବୋଲି ନିରୂପଣ କରିଛନ୍ତି। ଏ ସମସ୍ତ ତଥ୍ୟ, ମତାମତ ଉର୍ଦ୍ଧ୍ୱରେ ରହିଛି ସେଇ ଇଚ୍ଛାମୟଙ୍କର ଇଚ୍ଛା। ସେ ଆଜି ସାରା ବିଶ୍ୱକୁ ଦର୍ଶନ ଦେଇଛନ୍ତି ରାଜ ରାଜେଶ୍ୱର ବେଶରେ।

ଆଷାଢ଼ ଶୁକ୍ଳ ଦ୍ୱାଦଶୀ; ମଧ୍ୟାହ୍ନ ଧୂପପରେ ରଥ ଉପରେ ଶୀଜୀଉମାନଙ୍କର ଅଧର ପଣାନୀତି। ଠାକୁରମାନଙ୍କ ଅଧରକୁ ସ୍ପର୍ଶ କଲାପରି ତିନି ରଥରେ ଗୋଟିଏ କରି ଉଚ୍ଚ ତୁମ୍ବ ଭଳି ମାଟିହାଣ୍ଡି। ଏଗୁଡିକୁ ଯୋଗାଇଥାନ୍ତି ରାଘବଦାସ ମଠ, ଓଡ଼ିଆ ମଠ ସହ ଶ୍ରୀମନ୍ଦିର ପ୍ରଶାସନ। ସାଚି, ଛେନା, କଦଳୀ, କ୍ଷୀର ଆଦି ଦ୍ରବ୍ୟରେ ହାଣ୍ଡି ଗୁଡିକରେ ପଣା ପ୍ରସ୍ତୁତ ହୋଇଥାଏ। ପୂଜାପଣ୍ଡାମାନେ ପଞ୍ଚଉପଚାରରେ ଶ୍ରୀଜୀଉମାନଙ୍କୁ ଉପାସନା, ତତ୍‌ପରେ ଏହି ପଣା ହାଣ୍ଡି ଗୁଡିକୁ ଭାଙ୍ଗିଦିଆଯାଏ।

ଆଷାଢ଼ ଶୁକ୍ଳ ତ୍ରୟୋଦଶୀ, ଶ୍ରୀ ଘୋଷଯାତ୍ରାର ତୃତୀୟ ପର୍ବ, ଶ୍ରୀ ଜୀଉମାନଙ୍କ ନୀଳାଦ୍ରିବିଜେ। ସନ୍ଧ୍ୟାଧୂପ ପରେ ଚଲେ ଗୋଟି ପହଣ୍ଡି। ଶ୍ରୀ ଜଗନ୍ନାଥ ସିଂହଦ୍ୱାରକୁ ଆସିବା ପୂର୍ବରୁ ସିଂହଦ୍ୱାର ବନ୍ଦ କରାଯାଏ, ମା' ଲକ୍ଷ୍ମୀଙ୍କର ମାନ ଭଞ୍ଜନ କରନ୍ତି ଭାବ ବିନୋଦିଆ କଳାଠାକୁର। ଫିଟେ ସିଂହଦ୍ୱାର। ପରଂପରାନୁଯାୟୀ ଦେବୀଙ୍କ ସହ ଦେବଦାସୀ, ସିଂହଦ୍ୱାର ବନ୍ଦ କାର୍ଯ୍ୟ କରୁଥିଲେ। ବାହାରେ ଦଇତା ପତି ଭିତରେ ଦେବଦାସୀଙ୍କ ମଧ୍ୟରେ ବଚନିକା ହେଉଥିଲା। ମାତ୍ର ଭିତରଗାଆଣୀ ଦେବଦାସୀ କୋକିଳପ୍ରଭାଙ୍କର ମହାପ୍ରୟାଣ ହେଲା ୧୯୯୩ଖ୍ରୀ.ଅରେ। ତାଙ୍କପରେ ଆଉ ଦେବଦାସୀ ସେବାନୀତି ହେଉନି ଶ୍ରୀମନ୍ଦିରରେ।

ଶ୍ରୀଜୀଉମାନଙ୍କ ବିଜେ ରତ୍ନବେଦୀରେ, ଶେଷ ହୋଇଛି ଶ୍ରୀ ଘୋଷଯାତ୍ରା। ଶ୍ରୀମନ୍ଦିର ପୁନଶ୍ଚ ଗହଳ, ଚହଳ। କାଳିଆ ଦିଅଁଙ୍କ ଘୋଷଯାତ୍ରାର ଅପୂର୍ବ ଲୀଳା, ସନ୍ଦର୍ଶନରେ ବିଶ୍ୱବାସୀ ଅଶେଷ ପୁଣ୍ୟ ପ୍ରାପ୍ତ, ଏଣୁ କଥିତ ଅଛି ,

"ଉତ୍ତରାଭିମୁଖେ
ଜାତେ ତଥା ଦକ୍ଷିଣ ଦିଙ୍‌ମୁଖେ
ରଥତ୍ରୟେ ଜନୋଜସ୍ତୁ
ଭକ୍ତି ଶ୍ରଦ୍ଧାନ୍ୱିତଃ ପରମ୍
ରାମକୃଷ୍ଣଂ ସୁଭଦ୍ରାଂ ଚ
ପଶ୍ୟେନ୍ମାର୍ଗେ ରଥେସ୍ଥିତମ୍
ପଦେ ପଦେଽଶ୍ୱ
ମେଧାନାଂ ଫଳଂ ପ୍ରାପ୍ୟ
ମହୀତଳେ।"

ଜୟ ଜଗନ୍ନାଥ ସ୍ୱାମୀ, ନୟନ ପଥଗାମୀ, ଭବତୁମେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜୁଲାଇ ୨୦୨୬ ସୋମବାର





## ବ୍ରହ୍ମପୁରରେ ବଢୁଛି ଆତ୍ମହତ୍ୟା:ସମାଧାନକୁ ନେଇ ଚିନ୍ତା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସହର ତଥା ଉପକଣ୍ଠରେ ଦିନକୁ ଦିନ ଆତ୍ମହତ୍ୟା ଭଳି ଘଟଣା ବଢ଼ିବାରେ ଲାଗିଛି। ଏଥିରେ ଖାସ୍ କରି ଯୁବପିଢ଼ିଙ୍କ ସଂଖ୍ୟା ଅଧିକ। ଏହା କେବଳ ସ୍ୱତଃ ପ୍ରବୃତ ଅଥବା ଏକ ବଡ଼ ସାମାଜିକ ସଙ୍କେତ, ଏଭଳି ପ୍ରଶ୍ନକୁ ନେଇ ବୁଦ୍ଧିଜୀବୀ ଚିନ୍ତିତ। ପ୍ରତ୍ୟେକ ଘଟଣାର ତଦନ୍ତ ଚାଲିଥିଲେ ହେଁ ଏଭଳି ଘଟଣାର ପୁନରାବୃତ୍ତି ଗଭୀର ଚିନ୍ତାର ବିଷୟ। ସହରରେ ସମ୍ପ୍ରତି ଯୁବପିଢ଼ୀଙ୍କ ମଧ୍ୟରେ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଉଥିବା ବିଷୟ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ଏହା ପଛରେ ପାରିବାରିକ ସମସ୍ୟା, ପ୍ରେମ ସମ୍ପର୍କରେ ବିଫଳତା, ମାନସିକ ଚାପ, ନିଶାସକ୍ତ ଏବଂ ସାମାଜିକ ଚାପ ଭଳି ବିଭିନ୍ନ କାରଣ ରହିଥିବା ଆଶଙ୍କା କରାଯାଉଛି। ଏଭଳି ପରିସ୍ଥିତିରେ କେବଳ ପ୍ରଶାସନ ନୁହେଁ, ପରିବାର, ଶିକ୍ଷାନୁଷ୍ଠାନ ଏବଂ ସମାଜକୁ ମଧ୍ୟ ସମାନ୍ତରାଳ ଭାବେ ସଚେତନ ହେବା ଜରୁରୀ। ସହରବାସୀଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ଏଭଳି ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ, ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ସେବା ଏବଂ ସହଜରେ ଉପଲବ୍ଧ ସହାୟତା ବ୍ୟବସ୍ଥାକୁ ଆହୁରି ଅଧିକ ସୁଦୃଢ଼ କରାଯିବା ଉଚିତ୍। ନିକଟରେ ରାଜଲକ୍ଷ୍ମୀ ମିଶ୍ର ନାମକ ଜଣେ ମହିଳା ନିଜ ବାପା ସୁବାଷ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ନିର୍ଯାତନା ସହ୍ୟ କରିନପାରି ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବ ନଗରରେ ନିଜ ଶ୍ୱଶୁର ଘରେ ପେଟ୍ରୋଲ୍ ଢାଳି ଆତ୍ମହତ୍ୟା କରି ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସେହିପରି କନେଷ୍ଟବଳ ଆଶୁତୋଷ ମୃଦୁଲିଆଙ୍କ ମଧ୍ୟ ଜଳି ହୋଇ ଚିକିତ୍ସିତ ଅବସ୍ଥାରେ ଆଖି ବୁଜିଥିଲେ। ତେବେ ଉଭୟ ଘଟଣାର ତଦନ୍ତ ଜାରି ରହିଛି। ଗତ ବର୍ଷ ସେପ୍ଟେମ୍ବର ୧୦ ତାରିଖରେ ରାତିରେ ନିଜ ଶରୀରରେ ପେଟ୍ରୋଲ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ତଳମେଣ୍ଟ୍ରୁ ଛକର ସୁରଜ ସାହୁଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା ପରେ ପେଟ୍ରୋଲକୁ ନେଇ ନୂଆ ଯୋଗାଣକୁ ନେଇ ନିୟମରେ ପରିବର୍ତ୍ତନ ହୋଇଥିଲା। ପେଟ୍ରୋଲ୍ ପମ୍ପରେ ବୋଲତରେ ଅଥବା ଖୋଲାରେ ପେଟ୍ରୋଲ୍ ମିଳିବ ନାହିଁ ବୋଲି କଟକଣା ଜାରି କରାଯାଇଛି। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା କ୍ଷେତ୍ରରେ ଜିଲ୍ଲାପାଳମାନଙ୍କୁ ତଦାରଖ କରିବାକୁ କୁହାଯାଇଥିଲା। ତେବେ ଏହି ନିୟମ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଦୋକାନ ବଜାରେ ସବୁଠି ପୁଣି ଖୋଲାରେ ମିଳୁଛି ପେଟ୍ରୋଲ୍। ବ୍ରହ୍ମପୁରରେ ବଢୁଥିବା ଆତ୍ମହତ୍ୟା ଘଟଣା ଏକ ଗୁରୁତର ସାମାଜିକ ସତର୍କର ସଙ୍କେତ ଦେଉଛି। ଏହାର ମୁକାବିଲା ପାଇଁ ପ୍ରଶାସନ, ସ୍ୱାସ୍ଥ୍ୟବିଭାଗ, ଶିକ୍ଷାନୁଷ୍ଠାନ, ପରିବାର ଓ ସମାଜ ସମସ୍ତଙ୍କର ମିଳିତ ଉଦ୍ୟମ ହିଁ ପ୍ରକୃତ ସମାଧାନର ପଥ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ବର୍ଷାରେ ଚାଲିଛି ରାସ୍ତା ପିଚୁ କାମ:ରୋଲର୍ ବଦଳରେ ହାତରେ ହେଉଛି ଧୁର୍ମୁସ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ାରେ ରଥଯାତ୍ରା ପ୍ରସ୍ତୁତି ପାଇଁ ଏକ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସହର ସମେତ ଆଖପାଖ ଅଞ୍ଚଳର ରାସ୍ତାଗୁଡ଼ିକୁ ରଥଯାତ୍ରା ପୂର୍ବରୁ ସମ୍ପୂର୍ଣ୍ଣ ମରାମତି କରିବା ସହ ଅଲୋକିକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଯେ ରାସ୍ତା ମରାମତି ହେବା ତ ଦୂରର କଥା ମୁଖ୍ୟ ରାସ୍ତା ଉପରେ ଖାଲଖମା ଭର୍ତ୍ତି ହୋଇ ରହିଛି। ତିନିମୁହାଣି ପୋଲ ଉପରେ ଥିବା ଖାଲଖମାକୁ ମରାମତି କରିବା ପାଇଁ ପିଚୁ ଗୋଡି ଢାଳି ରୋଲର୍ ବଦଳରେ ହାତରେ ଧୁର୍ମୁସ୍ କରିବାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ମରାମତି ନାମରେ ହରିଲୁଟ୍ ଚାଲିଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ବଡବଡ ସରକାରୀ ଅଧିକାରୀମାନେ ଅଭିଯୋଗ ପାଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହୁଛନ୍ତି। ରାସ୍ତା ମରାମତି ନାମରେ ପିଚୁଗୋଡି ପକାଇ ହାତରେ ଧୁର୍ମୁସ୍ କରୁଥିବାରୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହାକୁ ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଲଘୁଚାପ ଜନିତ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇନପାରି ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ମଞ୍ଜୁରୀରୋଡ଼ ବଜାର ନିକଟରେ ଜନୈକ ବ୍ୟକ୍ତିଙ୍କ ଘର ଉପରେ ଗଛ ଉପୁଡ଼ି ପଡ଼ିଥିଲା। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବର୍ଷାରେ ପହଞ୍ଚି ଗଛ କାଟି ସଫା କରିବା ସହ ଘରକୁ ବିପଦମୁକ୍ତ କରିଥିଲେ। ବଡ଼ କଣ୍ଠାପଡା ଗ୍ରାମରେ ନାରାୟଣ ପେରେଇଙ୍କ ଘର ଜଳବନ୍ଦୀ ହୋଇଛି। ଜନୈକ ପଡୋଶୀ ସରକାରୀ ଜମି ଜବରଦଖଲ କରି ରଖିଥିବାରୁ ଜଳ ନିଷ୍କାସନ ହୋଇନପାରି ସମସ୍ୟା ଉପୁଜିଥିବାରୁ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳ ଅନୁଧାନ କରିଛନ୍ତି। ନୀଳାଦ୍ରି ପାତାଳ ସିଂ ଗ୍ରାମରେ ମଧ୍ୟ ଜଳ ନିଷ୍କାସନ ହୋଇନପାରି ଗ୍ରାମ ରାସ୍ତାରେ ପାଣି ଜମିଥିଲା। ପାଣି ଜମି ରହିବା ଫଳରେ ଅନେକ ସ୍ଥାନରେ ଧାନ ତଳି ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କୃଷି ବିଭାଗ ପକ୍ଷରୁ ସଠିକ୍ ଆକଳନ ହୋଇନଥିବା ବେଳେ ପନିପରିବା ଚାଷ ମଧ୍ୟ କେତେକାଂଶରେ ପ୍ରଭାବିତ ହୋଇଛି। ବର୍ଷା ଛାଡ଼ିବା ପରେ ଓ ପାଣି କମିବା ପରେ କ୍ଷତି ବିଷୟରେ ଜଣାଯିବ।

## କୋରାପୁଟରେ ୧୧୨୯ ହିତାଧିକାରୀଙ୍କୁ ୫୧.୩୬ କୋଟି ଋଣ ମଞ୍ଜୁର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଆର୍ଥିକ ସମାବେଶ ଅଭିଯାନକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ କୋରାପୁଟରେ ଏକ ମେଗା କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ୟାଙ୍କ, ବିଭିନ୍ନ ସରକାରୀ ବିଭାଗ ଏବଂ ହିତାଧିକାରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସମୁଦାୟ ୧୧୨୯ଟି ଋଣ ଖାତା ମାଧ୍ୟମରେ ୫୧.୩୬ କୋଟି ଟଙ୍କା ଋଣ ମଞ୍ଜୁର କରାଯାଇଥିବା ବେଳେ ୫୦.୬୦ କୋଟି ଟଙ୍କା ଋଣ ବଣ୍ଟନ କରାଯାଇଥିଲା। ସେଥିମଧ୍ୟରୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ପାଇଁ ୨୦ ଲକ୍ଷ, ୧୦ ଲକ୍ଷ ଏବଂ ୫ ଲକ୍ଷରୁ ଅଧିକ ଶ୍ରେଣୀର ଋଣ, ଲକ୍ଷପତି ଦିଦି, ମୁଦ୍ରା, କେସିସି ବଳରାମ, ପିଏମ୍ ସୂର୍ଯ୍ୟଘର, ଯୋଜନାରେ ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ଯୋଜନାରେ ୧୦୦୦ ଜଣଙ୍କୁ ନାମଲେଖା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଋଣ ସୁବିଧା, ସରକାରୀ ଯୋଜନା ଏବଂ ଆର୍ଥିକ ସଚେତନତା ସମ୍ପର୍କରେ ହିତାଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପ ନିର୍ଦ୍ଦେଶକ (ଯୋଜନା) ସୂର୍ଯ୍ୟକାନ୍ତ ବେହେରା, ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର, ଜିଲ୍ଲା ଉନ୍ନୟନ ପ୍ରବନ୍ଧକ, ବିଭିନ୍ନ ବ୍ୟାଙ୍କର ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼, ମିଶନ ଶକ୍ତି ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଆର୍ଥିକ ସମାବେଶ, ସ୍ୱାବଲମ୍ବୀ ଜୀବିକା ସୃଷ୍ଟି ଏବଂ ଗ୍ରାମାଞ୍ଚଳର ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ବ୍ୟାଙ୍କିଂ ସେବା ପହଞ୍ଚାଇବାରେ ବ୍ୟାଙ୍କ ଋଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ସରକାରଙ୍କ ବିଭିନ୍ନ ଆର୍ଥିକ ଯୋଜନାର ସୁଫଳ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବା ସହିତ ଅଧିକରୁ ଅଧିକ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହିତ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ



**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ଗତ ୧୪ ତାରିଖରେ ବିଦ୍ୟାଳୟ ପରିସରରେ ସମସ୍ତ ଅଭିଭାବକ ଅଭିଭାବିକା ମାନଙ୍କ ଉପସ୍ଥିତିରେ ପରିଚାଳନା କମିଟିର ୧୯ଜଣ ସଦସ୍ୟ ସଦସ୍ୟା ମାନଙ୍କୁ ଚୟନ କରାଯାଇଥିଲା। ଶୁକ୍ରବାର ଦିନ ଚୟନ ହୋଇଥିବା ସଦସ୍ୟ ସଦସ୍ୟାମାନେ ବିଦ୍ୟାଳୟରେ ଉପସ୍ଥିତ ହୋଇ ପରିଚାଳନା କମିଟିରେ ସଭାପତି ଓ ଉପ ସଭାପତି ଚୟନ କରିଥିଲେ। ଏହି ଚୟନ ପ୍ରକ୍ରିୟା ସମୟରେ ଦୁଇ ଜଣ ପ୍ରାର୍ଥୀ ସଭାପତି ଭାବରେ ଛିଡା ହେବାରୁ ପ୍ରଧାନ ଶିକ୍ଷକ ଇସ୍ୱାଳ ସୁନା ଓ ପର୍ଯ୍ୟାବେକ୍ଷକ କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ କୁମ୍ଭାରଙ୍କର ଉପସ୍ଥିତିରେ ଭୋଟ୍ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଗଠନ ପାଇଁ ସମସ୍ତ ୧୯ଜଣ ସଦସ୍ୟ ସଦସ୍ୟାମାନଙ୍କ ମଧ୍ୟରୁ ଦୁଇଜଣ ସଦସ୍ୟ ଅନୁପସ୍ଥିତ ଥିବାରୁ ୧୭ଜଣ ସଦସ୍ୟ ସଦସ୍ୟା ନରେନ୍ଦ୍ର ଭୋଇ ଓ ନମିତା ନାୟକଙ୍କୁ ଭୋଟ୍ ଦେଇଥିଲେ। ଏଥିରେ ନରେନ୍ଦ୍ର ଭୋଇ ୧୧ଖଣ୍ଡ ଭୋଟ୍ ପାଇଥିବା ବେଳେ ନମିତା ନାୟକ ୫ଖଣ୍ଡ ଭୋଟ୍ ପାଇଥିଲେ । ଗୋଟିଏ ଭୋଟ୍ ନାକଚ ହୋଇଥିଲା। ଏହି ସଭାପତି ଚୟନ ପ୍ରକ୍ରିୟାରେ ନରେନ୍ଦ୍ର ଭୋଇ ବିଜୟୀ ହୋଇ ସଭାପତି ହୋଇଥିବା ବେଳେ ଉପସଭାପତି ମହିଳା ପ୍ରାର୍ଥୀ ତୁଳା ସେଠି ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏହି କମିଟି ଚୟନ ପ୍ରକ୍ରିୟାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶୁକ୍ଳ ଧାନରେ ପ୍ରସ୍ତୁତ ୪ ଇଞ୍ଚର ରଥ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ପଲଟନ ପଡିଆର ଶୁଭ୍ରାଂଶୁ ରଞ୍ଜନ ସାହୁ ଧାନରେ ୪ ଇଞ୍ଚ ଉଚ୍ଚତାର ଜଗନ୍ନାଥଙ୍କ ପାଇଁ ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି ଓ ଜଗନ୍ନାଥଙ୍କୁ ବିଜେ କରାଇଛନ୍ତି। ଏଥିଲାଗି ତାଙ୍କୁ ୭ ଦିନ ସମୟ ଲାଗିଛି। ବିଗତ ବହୁ ବର୍ଷ ଧରି ଶୁଭ୍ରାଂଶୁ ବିଭିନ୍ନ ଅଦରକାରୀ ବସ୍ତୁରେ ରଥ ନିର୍ମାଣ କରି ସ୍ଥାନୀୟ ଅଞ୍ଚଳରେ ପ୍ରଶଂସିତ ହୋଇଛନ୍ତି। ସେ ଦିପ୍ତିରଞ୍ଜନ ସାହୁଙ୍କ ପୁତ୍ର ଓ ସେ ଯୁକ୍ତ ୩ର ବିଦ୍ୟାର୍ଥୀ। ଜଗନ୍ନାଥଙ୍କ ପ୍ରତି ତାର ସମର୍ପଣ ଭାବ ପାଇଁ ସେ ସବୁବର୍ଷ ରଥ ପ୍ରସ୍ତୁତ କରିପାରୁଛି ବୋଲି ଜେଜେମା’ ସତ୍ୟଭାମା ସାହୁ ପ୍ରକାଶ କରିଛନ୍ତି। ଶୁଭ୍ରାଂଶୁ ସବୁବର୍ଷ ପୁରୀକୁ ରଥ ଯାତ୍ରାରେ ପରିବାର ସହ ଯାଇ ରାଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ତାଙ୍କ ଜୀବନର ଶ୍ରେଷ୍ଠ ଆନନ୍ଦ ବୋଲି ପରିପ୍ରକାଶ କରିଛନ୍ତି। ବହୁ ଜଗନ୍ନାଥ ପ୍ରେମୀ ଏହି ଧାନ ଦ୍ୱାରା ପ୍ରସ୍ତୁତ ରଥକୁ ଦର୍ଶନ ପାଇଁ ଆସି ପ୍ରଭୁକୃପା ଲାଭ କରୁଛନ୍ତି।

## ଅଗଷ୍ଟ ୨ରୁ ବେଦବ୍ୟାସ ପୀଠରେ ପ୍ରସିଦ୍ଧ ଶ୍ରାବଣୀ ମେଳା



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଅଗଷ୍ଟ ୨ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା ଅନୁଷ୍ଠିତ ହେବାକୁଯାଉଛି। ଏହାର ସଫଳ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଗତ ୧୪ ତାରିଖରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସେ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ଆସନ୍ତା ଅଗଷ୍ଟ ୨ ତାରିଖରୁ ଆୟୋଜନ ହେବାକୁଥିବା ଏହି ଶ୍ରାବଣୀ ମେଳା ଯଥାକ୍ରମେ ୯, ୧୬ ଓ ୨୩ ତାରିଖ ଅଗଷ୍ଟ ରବିବାର ଦିନ ଆରମ୍ଭ ହୋଇ ଆରଦିନ ସୋମବାର ସକାଳ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ମେଳାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପରିମାଣରେ ପୋଲିସ ମୁତୟନ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଷ୍ଟଲ୍ ଗୁଡ଼ିକରେ ଖାଦ୍ୟ ଓ ପାନୀୟର ମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଶ୍ରଦ୍ଧାଳୁ ମାନଙ୍କ ସଂଖ୍ୟାରେ ବୃଦ୍ଧି ଓ ଜିଲ୍ଲାରେ ଲଗାଣ ବର୍ଷା ହେବାର ସମ୍ଭାବନା ଯୋଗୁ ପ୍ରଶାସନ ପକ୍ଷରୁ ବିଶେଷ ନଜର ରଖାଯିବାପାଇଁ ବୈଠକରେ ସ୍ଥିର କରାଯାଇଛି। ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ଭକ୍ତମାନଙ୍କ ପାଇଁ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ଦିଆଯାଉଥିବା ଖାଦ୍ୟର ତଥା ପାନୀୟ ଜଳର ମାନ ଯାଞ୍ଚ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ବହୁ ସଂଖ୍ୟାରେ ଜନସମାଗମକୁ ଲକ୍ଷ୍ୟରେ ରଖି ମନ୍ଦିର ବେଢ଼ା ସହ ନଦୀ ଘାଟ ଗୁଡ଼ିକରେ ପୁରୁଷ ଓ ମହିଳାମାନଙ୍କ ପାଇଁ ଅଲଗା-ଅଲଗା ବ୍ୟାରିକେଡ୍ ବ୍ୟବସ୍ଥା କରିବା ପାଇଁ ସେ ପିଡବ୍ଲୁଡି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ୍ ଏବଂ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପ୍ରାଥମିକ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହ ୨ଟି ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ । ଏଥିସହ ମେଳାକୁ ସଫଳ ଭାବେ ପରିଚାଳନା ନିମନ୍ତେ ବେସାମରିକ ସଂଗଠନର ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜନ କରାଯିବ। ଲଗାଣ ବର୍ଷା ଯୋଗୁ ନଦୀ ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି ଏଥିପାଇଁ ଓଡ୍ରାଫ୍ ବୋଟ୍ ସହିତ ୧୨ ଜଣିଆ ଦଳ ମୁତୟନ ରହିବେ । ଏହା ସହିତ ଅଗ୍ନିଶମ ବିଭାଗ ଓ ପିଡବ୍ଲୁଡି ବିଭାଗ ପ୍ରସ୍ତୁତ ରହିବାକୁ ସୁଶ୍ରୀ ଦସ୍ତଗୀର ପରାମର୍ଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ତହସିଲଦାର ଲାଠିକଟା ମୁରଲୀଧର ଉର୍ମାଲ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜବତ ବାଲିକୁ ନିଜେ କିଣୁଛନ୍ତି ମାଫିଆ :ଓ୍ୱାଇ ଫର୍ମ ହାତେଇ ବେଆଇନ୍ ବାଲି ଚାଲାଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଲଘୁଖଣିଜ ଚୋରି କାରବାର ସୀମା ଲଂଘିଛି । ଏଠାରେ ବାଲି ଚୋରି ପାଇଁ ନୂଆ ତରିକା ଆପଣାଇଛନ୍ତି ମାଫିଆ । ଚୋରା ବାଲିକୁ ଗଦା କରି ରଖୁଛନ୍ତି। ଆଉ ଜବତ ବାଲିଗଦାକୁ ପ୍ରଶାସନ ନିଲାମ କଲେ ଏହାକୁ କିଣି ନେଉଛନ୍ତି । ବାଲି ଗଦା ନିଲାମ ଗାଁରେ ସାଂଘାତିକ ଦୁର୍ନୀତି ପଦାକୁ ଆସିଛି । ଗଞ୍ଜାମ ଜିଲ୍ଲାରେ ଏବେ ୧୧ଟି ବାଲିଘାଟର ଇ-ପାସ୍ ଆକ୍ଟିଭ୍ ରହିଛି । ୪୫ଟି ବାଲିଘାଟ ଚାଲୁନଥିବା ବେଳେ ଖଣି ବିଭାଗ ଦର୍ଶାଇଛି । ହେଲେ ଚାଲୁନଥିବା ୪୫ଟି ଘାଟ ସହ ଆହୁରି ୩୦ରୁ ଅଧିକ ବେଆଇନ୍ ଘାଟକୁ ବାଲି ଉତ୍ତୋଳନ କରି ବିକ୍ରି ହେଉଛି । ଯେଉଁ ୧୧ଟି ଘାଟର ଇ-ପାସ୍ ରହିଛି ସେଠାରୁ ବି କ୍ଷମତା ଠାରୁ ଅଧିକ ପରିମାଣର ବାଲି ଉତ୍ତୋଳନ ହେଉଛି । ଏକଥା ଖଣି ଅଧିକାରୀଙ୍କ ଠାରୁ ତହସିଲଦାର ଓ ଅନ୍ୟମାନେ ଜାଣୁଛନ୍ତି । ହେଲେ କେହି ପାଟି ଫିଟାଉନାହାନ୍ତି । ଅନ୍ୟପଟେ ଏବେ ବାଲି ଚୋରିର ନୂଆ ଦିଗ ସାମ୍ନାକୁ ଆସିଛି । ମାଫିଆମାନେ ବାଲି ଉତ୍ତୋଳନ କରି ବେଆଇନ୍ ଭାବେ ଗଦା କରୁଛନ୍ତି । ସେହି ଗଦାକୁ କିଛି ଦିନ ପରେ ଖଣି, ରାଜସ୍ୱ ଓ ପୋଲିସ ଅଧିକାରୀ ପହଞ୍ଚି ଜବତ କରୁଛନ୍ତି । ଅନ୍ ସ୍ପଟ୍ ଅକ୍ସନ୍ ନାଁରେ ତୁରନ୍ତ ସେହି ବାଲି ଗଦାକୁ ନିଲାମ ଡକାଯାଉଛି । ଯେଉଁ ମାଫିଆ ବାଲି ଗଦା କରୁଛି ସେ ପୁଣି ସର୍ବାଧିକ ଟଙ୍କା ଦେଇ କିଣି ନେଉଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି କାରବାର ଚାଲିଛି । କଥା ଉଠୁଛି, ବାଲି ଗଦା କରିଥିବା ଲୋକ ନିଜେ ନିଲାମ ନେଉଛି ଅଥଚ ଅଧିକାରୀ ଜାଣିପାରୁ ନାହାନ୍ତି କେମିତି ? ବାସ୍ତବରେ ଏହା ପଛରେ ଏକ ବଡ଼ ର‍୍ୟାକେଟ୍ କାମ କରୁଛି । ଅଧିକାରୀ, ନେତାଙ୍କ ପ୍ରୋତ୍ସାହନରେ ଏଭଳି କାରବାର ଚାଲିଥିବା ଅଭିଯୋଗ ହେଉଛି । ବାଲିଗଦା ନିଲାମ୍ ନେଉଥିବାରୁ ଚାଲାଣ ପାଇଁ ଓ୍ୱାଇ ଫର୍ମ ମିଳିଯାଉଛି । ତେଣୁ ସେହି ବାଲିକୁ ଭବିଷ୍ୟତ ପାଇଁ ଗଚ୍ଛିତ ରଖି ମିଳିଥିବା ଓ୍ୱାଇ ଫର୍ମ ଜରିଆରେ ପୁଣି ବେଆଇନ୍ ବାଲିଘାଟରୁ ଶହ ଶହ ଟ୍ରିପ୍ ବିକ୍ରି କରାଯାଉଛି । ଏଭଳି ବାଲି ଲୁଟ୍ ଚାଲିଥିବାରୁ ଏହା ଉପରେ ରୋକ୍ ଲଗାଇବାକୁ ଦାବି ହେଉଛି ।




## ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପୁରୁଣା ବଜାର ସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆତ୍ମରକ୍ଷା କୌଶଳ ତାଲିମ୍ ପ୍ରଶିକ୍ଷଣ ଉଦ୍‌ଘାଟନୋତ୍ସବ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ମହାବିଦ୍ୟାଳୟର ‘ଶକ୍ତିଶ୍ରୀ’ ଆନୁକୁଲ୍ୟରେ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟ ଚାଲିବ ବୋଲି ସଂଯୋଜିକା ପ୍ରଭାତୀ ନାୟକ ସ୍ୱାଗତ ଭାଷଣରେ ମତବ୍ୟକ୍ତ କରିଥିବା ବେଳେ ସମାଜସେବୀ ବସୁମିତା ସାହୁ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ, ନୋଡ଼ାଲ୍ ଅଫିସର ଶୁକଦେବ ପଣ୍ଡା ଓ ତାଲିମପ୍ରାପ୍ତ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦାନ କରି ନାରୀ ଆତ୍ମସୁରକ୍ଷା, ନାରୀ ଆତ୍ମ ନିର୍ଭରତା ଓ ନାରୀ ସଶକ୍ତିକରଣ ଉପରେ ଅତିଥିମାନେ ଭିନ୍ନ ଭିନ୍ନ ମତବ୍ୟକ୍ତ କରିଥିଲେ । ଅନ୍ୟପକ୍ଷରେ ଅଧ୍ୟକ୍ଷ ଡ଼ଃ ମିଶ୍ର ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ କରିପାରିଲେ ସମାଜକୁ ନୂତନ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ । ପରିଶେଷରେ ରଘୁନାଥ ନାୟକ ଓ ଗୌରାଙ୍ଗ ଦାସ ପ୍ରମୁଖ ସଭା ସଞ୍ଚାଳନ କରିଥିଲେ ।

## ଘରେ ପଶି ଆକ୍ରମଣ ମାମଲା, ୫ ଦୋଷୀ ସାବ୍ୟସ୍ତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ମକୁନ୍ଦପୁର ଗ୍ରାମରେ ଘରେ ପଶି ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ଆକ୍ରମଣ ମାମଲାରେ ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ସାମାନ୍ୟ କଥାକୁ ନେଇ ୨୧.୮.୨୦୨୫ ତାରିଖ ରାତି ୧୦ଟା ସମୟରେ ମକୁନ୍ଦପୁର ଗ୍ରାମର ଅଭିମନ୍ୟୁ ମାଝୀଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ଗ୍ରାମର କଲ୍ୟାଣ ମାଝୀ ଓ ତାଙ୍କର ୪ ପୁଅ ଅଭଦ୍ର ଭାଷାରେ ଗାଳିଗୁଲଜ କରି ମାଡ ମାରିଥିବା ବୌଦ୍ଧ ଥାନାରେ ଅଭିଯୋଗ ହୋଇଥିଲା । ଅଭିମନ୍ୟୁଙ୍କ ପତ୍ନୀଶାନ୍ତି ମାଝୀଙ୍କ ଅଭିଯୋଗ ଆଧାରରେ ବୌଦ୍ଧ ଜେଏମ୍‌ଏଫ୍‌ସି ସୁସ୍ମିତା ପ୍ରିୟଦର୍ଶନୀଙ୍କ ଅଦାଲତରେ ଚାଲିଥିବା ମାମଲାର ରାୟ ପ୍ରକାଶ ପାଇଛି । ଅଭିଯୁକ୍ତ କଲ୍ୟାଣଜଟି ଓ ତାଙ୍କର ୪ ପୁଅଙ୍କୁ ଜେଏମ୍‌ଏଫ୍‌ସି ୧ ହଜାର ଟଙ୍କା ଲେଖାଏଁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଉକ୍ତ ଅର୍ଥ ଅନାଦେୟ ହେଲେ ୨ ମାସ ଲେଖାଏଁ ଜେଲ୍ ଦଣ୍ଡର ଆଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଡୋଳାମଣି ପ୍ରଧାନ ମାମଲା ପରିଚ୍ଳାନା କରୁଥିଲେ।

## ବିଦ୍ୟୁତ୍ କଣ୍ଟକ୍ଟର ଲୁଟ୍:୭ ଖୁଣ୍ଟ କ୍ଷତିଗ୍ରସ୍ତ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ଗ୍ରାମୀଣ ଜଳ ଯୋଗାଣ ଓ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ଦୁର୍ବୃତ୍ତମାନେ ଟାର୍ଗେଟ୍ କରି ବିଦ୍ୟୁତ୍ କଣ୍ଡକ୍ଟର ଚୋରି କରିବା ସହ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକୁ କ୍ଷତିଗ୍ରସ୍ତ କରିଥିବା ଅଭିଯୋଗ ହୋଇଛି । ବିଗତ ତିନି ରାତି ଧରି ଘଟିଥିବା ଏହି ଘଟଣା ଯୋଗୁ ଅଞ୍ଚଳରେ ଜଳଯୋଗାଣ ଓ ଜଳସେଚନ ବ୍ୟବସ୍ଥା ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏନେଇ କୋଲାବିରା ବିଦ୍ୟୁତ୍ ବିଭାଗ ପକ୍ଷରୁ କୋଲାବିରା ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ଅଭିଯୋଗ ଅନୁଯାୟୀ, ଝିର୍ଲାପାଲି ପଞ୍ଚାୟତର ଜେ. ପଣ୍ଡିକିମାଲ ଗ୍ରାମର ଗ୍ରାମୀଣ ଜଳଯୋଗାଣ ପ୍ରକଳ୍ପରୁ ୫ ସ୍ପାନ ବିଦ୍ୟୁତ କଣ୍ଡକ୍ଟର ଚୋରି ହୋଇଥିବାବେଳେ ୩ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଛି । ସେହିପରି ଯୋଗିଆଡିହି ଗ୍ରାମ ଜଳଯୋଗାଣ ପ୍ରକଳ୍ପରୁ ୩ ସ୍ପାନ କଣ୍ଡକ୍ଟର ଚୋରି ହେବା ସହ ୨ଟି ବିଦ୍ୟୁତ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି । ଏହାବ୍ୟତୀତ ଜିଆଁଜୋର ଉଠା ଜଳସେଚନ ପ୍ରକଳ୍ପରୁ ୨ ସ୍ପାନ ବିଦ୍ୟୁତ କଣ୍ଡକ୍ଟର ଚୋରି ହୋଇଥିବାବେଳେ ୨ଟି ବିଦ୍ୟୁତ ଖୁଣ୍ଟ ନଷ୍ଟ କରାଯାଇଛି । ଅନ୍ୟପକ୍ଷରେ ବଡ଼ବାହାଲ ଉଠା ଜଳସେଚନ ପ୍ରକଳ୍ପରୁ ମଧ୍ୟ ୨ ସ୍ପାନ ବିଦ୍ୟୁତ କଣ୍ଡକ୍ଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । କ୍ରମାଗତ ଭାବେ ଜଳଯୋଗାଣ ଓ ସେଚନ ପ୍ରକଳ୍ପକୁ ଲକ୍ଷ୍ୟ କରି ଘଟୁଥିବା ଚୋରି ଓ ଭଙ୍ଗାରୁଜା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଦୋଷୀମାନଙ୍କୁ ଶୀଘ୍ର ଚିହ୍ନଟ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରଭାବିତ ବିଦ୍ୟୁତ୍ ଲାଇନ୍‌ର ତୁରନ୍ତ ମରାମତି କରି ଜଳଯୋଗାଣ ଓ ଜଳସେଚନ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି ।

## ଟେଣ୍ଡର ପରେବି ସୁଧୁରୁନି ବାମେବାରୀ-ପଳାସପଙ୍ଗା ରାସ୍ତା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡର ପ୍ରମୁଖ ରାସ୍ତା ବାମେବାରୀ-ପଳାସପଙ୍ଗା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁ ସ୍ଥାନୀୟ ଅଞ୍ଚଳରେ ପାଦେ ପାଦେ ବିପଦ ସୃଷ୍ଟି ହେଉଥିବା ବେଳେ ପ୍ରଶାସନିକ ଉଦାସୀନତାକୁ ନେଇ ଜନଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାର ଜିଲ୍ଲା ଖଣିଜ ପାଣ୍ଠିରୁ ୬୯କୋଟି ଟଙ୍କାର ବ୍ୟୟବରାଦ କରି ଟେଣ୍ଡର ପ୍ରକ୍ରିୟା ଶେଷ କରିଥିଲେ ସୁଦ୍ଧା, ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ସ୍ଥିତିରେ କୌଣସି ସୁଧାର ଆସିପାରୁନାହିଁ। କାହା ସ୍ୱାର୍ଥରେ ବାମେବାରୀ ଠାରୁ ବଡ଼ କାଳିମାଟି ପର୍ଯ୍ୟନ୍ତ ମାତ୍ର ୬ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ବିଗତ ୬ବର୍ଷ ହେବ ଅଟକି ରହିଛି। ପୂର୍ବ ସରକାର ସମୟରେ ଚମ୍ପୁଆର ତତ୍କାଳୀନ ବିଧାୟିକା ମିନାକ୍ଷୀ ମହାନ୍ତି ଶହ ଶହ ନଡ଼ିଆ ପିଟି ଠିକାଦାର ସଂସ୍ଥା ଜରିଆରେ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ରାଜ୍ୟରେ ସରକାର ବଦଳି ଯାଇଥିଲେ ସୁଦ୍ଧା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଭାଗ୍ୟ ବଦଳି ପାରିନାହିଁ। କାମ ଆରମ୍ଭ ହେଲା କି ନାହିଁ, ସେନେଇ ବିଭାଗୀୟ ଉଚ୍ଚ ପଦାଧିକାରୀ କୌଣସି ତଦନ୍ତ କରୁନଥିବା ଅଭିଯୋଗ ହୋଇଛି। ରାସ୍ତା ଖରାପ ଯୋଗୁ ବିଗତ ୮ ବର୍ଷ ହେବ ଏହି ରୁଟ୍‌ରେ ସମ୍ପୂର୍ଣ୍ଣ ଭାବେ ବସ୍ ଚଳାଚଳ ଠପ୍ ହୋଇଯାଇଛି। ଫଳରେ ସରକାରୀ ଓ ବେସରକାରୀ ଯାତ୍ରୀବାହୀ ବସ୍ ସେବାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ରହିଛନ୍ତି । ସ୍ଥାନୀୟ ୩ ରୁ ୪ଟି ପଞ୍ଚାୟତର ହଜାର ହଜାର ଜନସାଧାରଣ। ସାଧାରଣ ଯାତାୟାତ ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ରାସ୍ତା ସାରା ବେଆଇନ୍ ଭାବେ ସ୍ଲୋରି ପାଇପ୍ ଲାଇନ୍ ପାଇଁ ବଡ଼ ବଡ଼ ଖାଲ ଖୋଳାଯାଇ ଛାଡ଼ି ଦିଆଯାଇଛି। ଫଳରେ ପ୍ରତିଦିନ ଟ୍ରାଫିକ୍ ଜାମ୍, ଦୁର୍ଘଟଣା ଏବଂ ଧନଜୀବନ ହାନିର ଆଶଙ୍କା ଲାଗି ରହୁଛି। ସୂଚନାଯୋଗ୍ୟ ଯେ, ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍‌ସନ୍ କର୍ପୋରେସନ୍ ପକ୍ଷରୁ ଯୋଡ଼ା-ବାମେବାରୀ-ପଳାସପଙ୍ଗା ରାସ୍ତାକୁ ୬-ଲେନ୍ ବିଶିଷ୍ଟ କରିବା ପାଇଁ ଏକ ବୃହତ ଯୋଜନା ହାତକୁ ନିଆଯାଇଛି। କିନ୍ତୁ ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଏହି ମନ୍ଥର କାର୍ଯ୍ୟ କେବେ ସରିବ ଏବଂ ଲୋକଙ୍କ ସମସ୍ୟା ଦୂର ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଉଦାସୀନ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାସ୍ତା ମରାମତି ନକଲେ ଆଗାମୀ ଦିନରେ ଅଞ୍ଚଳବାସୀ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### — ଜୀବିତ ମା’ଙ୍କୁ ମୃତ ଦର୍ଶାଇ ଘରବାଡ଼ି ଜମି ହଡ଼ପ ମାମଲା —

## ଦୁଇ ପୁଅ, ଆର୍‌ଆଇ ଓ ୪ ସାକ୍ଷୀଙ୍କ ବିରୋଧରେ ଏତଲା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମନଗର ତହସିଲ ଅଧିନ ଜୟନଗର ମୌଜା (ହବିବନଗର)ରେ ଜଣେ ଜୀବିତ ମହିଳାଙ୍କୁ ସରକାରୀ କାଗଜପତ୍ରରେ ମୃତ ଦର୍ଶାଇ ତାଙ୍କ ନାମରେ ଥିବା ଖାତା ନମ୍ବର–୧୧୨୬/୫୮, କିସମ-ଘରବାଡ଼ିର ପ୍ରାୟ ୧୪ ଡିସିମିଲ୍ ଜମି ଓ କୋଠାଘର ଦୁଇ ପୁଅ ନିଜ ନାମକୁ କରାଇନେଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ପୀଡ଼ିତା ଆଇଶା ବିବି ଧାମନଗର ଥାନାରେ ଦୁଇ ପୁଅ, ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ଚାରିଜଣ ସାକ୍ଷୀଙ୍କ ବିରୋଧରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଆଇଶା ବିବିଙ୍କ ସ୍ୱାମୀ ମୃତ, ୨ ପୁଅ ଓ ୬ ଝିଅ ରହିଛନ୍ତି। ଝିଅମାନେ ବାହା ହୋଇ ଶାଶୁ ଘରେ, ଆଇଶା ଦୁଇ ବର୍ଷ ପୂର୍ବେ ହଜ୍ ଯାତ୍ରା ପାଇଁ ସାଉଦି ଆରବ ଯାଇଥିଲେ। ସେଠାରୁ ଫେରିବା ପରେ ଦୁଇ ପୁଅ ତାଙ୍କୁ ଘରୁ ବାହାର କରିଦେଇଥିଲେ। ପରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ନାମରେ ଥିବା ଘରବାଡ଼ି ଜମି ଓ କୋଠାଘର କାଗଜପତ୍ରରେ ତାଙ୍କୁ ମୃତ ଦର୍ଶାଇ ଦୁଇ ପୁଅ ନିଜ ନାମକୁ କରାଇ ନେଇଛନ୍ତି। ଏନେଇ ସେ ବରମ୍ବାର ନିଜକୁ ଜୀବିତ ଦର୍ଶାଇବା ପାଇଁ ଜିଲ୍ଲାପାଳଙ୍କ ପାଖକୁ ଦୌଡିଥିଲେ, ହେଲେ କେହି ଶୁଣିନଥିଲେ। ପରେ ଭଦ୍ରକର ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ଦ୍ୱାରା ସୂଚନା ଅଧିକାର ଆଇନ୍ ବଳରେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ୨୦୨୫ ମସିହାରେ ଦୁଇ ପୁଅ ଏକ ଘୋଷଣାନାମା ଦାଖଲ କରି ତାଙ୍କ ମା’ ୪୦ ବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିବା ଦର୍ଶାଇଥିଲେ। ଏହାକୁ ଆଧାର କରି ଉକ୍ତ ଘରବାଡ଼ି ଜମିର ରେକର୍ଡ ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ କ୍ଷେତ୍ର ତଦନ୍ତ ନକରି ମହିଳା ମୃତ ବୋଲି ରିପୋର୍ଟ ଦେଇଥିଲେ। ପୁଅମାନେ ଏହାରି ଆଧାରରେ ନିଜ ନାମକୁ କରିନେଇଥିଲେ। ଏପଟେ ଆଇଶା ବିବି ଆଧାର କାର୍ଡ, ପାସ୍‌ପୋର୍ଟ ସମେତ ବିଭିନ୍ନ ଦସ୍ତାବିଜ୍ ଧରି ନିଜକୁ ଜୀବିତ ପ୍ରମାଣ କରିବା ପାଇଁ ଜିଲ୍ଲାପାଳ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଅବଗତ ହୋଇଥିବା ବେଳେ ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ସହ ଜମି ପୁନର୍ବାର ଆଇଶା ବିବିଙ୍କ ନାମକୁ ଫେରାଇବା ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ଜଣେ ଜୀବିତ ମହିଳାଙ୍କୁ କେବଳ ଗୋଟିଏ ଅଫିଡେଭିଟ୍ ଆଧାରରେ ମୃତ ଦର୍ଶାଇ ଜମିର ରେକର୍ଡ ପରିବର୍ତ୍ତନ କରାଯିବା ଘଟଣା ରାଜସ୍ୱ ବ୍ୟବସ୍ଥାର ତଦନ୍ତ ପ୍ରକ୍ରିୟା ଓ ଦାୟିତ୍ୱବୋଧକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଏନେଇ ଧାମନଗର ରାଜସ୍ୱ ନିରୀକ୍ଷକ ପ୍ରକାଶ ମଲ୍ଲିକ ପଚାରିବାରୁ ସେ ନିଜେ ସ୍ୱୀକାର କରିଛନ୍ତି ଯେ, ଆଇଶା ବିବିଙ୍କ ପୁଅମାନେ ମା’ଙ୍କ ୪୦ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଥିବା ଦର୍ଶାଇ ଏକ ଅଫିଡେଭିଟ୍ ଦେଇଥିଲେ ଏବଂ ସେ କ୍ଷେତ୍ର ତଦନ୍ତ ନକରି ସେହି ଆଧାରରେ ରିପୋର୍ଟ ଦେଇଥିଲେ। ସେ ଏହାକୁ ନିଜର ଭୁଲ୍ ବୋଲି ସ୍ୱୀକାର କରିବା ସହ ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲିଥିବା ଏବଂ ଆଇନଗତ ପ୍ରକ୍ରିୟାରେ ଶୀଘ୍ର ଜମି ଆଇଶା ବିବିଙ୍କ ନାମକୁ ଫେରିବ ବୋଲି କହିଛନ୍ତି।



## ଚୌଦ୍ୱାରରେ ‘ପ୍ରେମତରୁ’ କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଶ୍ରୀ ସତ୍ୟସାଇ ସେବା ସମିତି ଆନୁକୁଲ୍ୟରେ ‘ପ୍ରେମତରୁ’ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧିର ସନ୍ଦେଶ ଦେବା ଲକ୍ଷରେ ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତିର ସଦସ୍ୟ ସଦସ୍ୟା ମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳଚାରା ରୋପଣ କରିଥିଲେ । ସମିତି ଅବାହକ ସୁଧାଂଶୁ ଶେଖର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୀନାକ୍ଷୀ ପ୍ରଧାନ, ମିନତି ପାତ୍ର, ଆଧ୍ୟାତ୍ମିକ ସଂଯୋଜକ ରଞ୍ଜିତ କୁମାର ପ୍ରଧାନ, ନବୀନ ରାଓ, ସାଇକୃଷ୍ଣ ଡୋରା, ରାଜେଶ କୁମାର ନାୟକ, ଜଗନ୍ନାଥ ଡୋରା, ସାଇ ଅର୍ପଣ ନାୟକ ପ୍ରମୁଖ ବୃକ୍ଷ ରୋପଣ, ଏହାର ଯତ୍ନ ଓ ସୁରକ୍ଷା ପାଇଁ ସଙ୍କଳ୍ପ ନେଇଥିଲେ ।

# ଗମ୍ଭୀରଙ୍କ ବିନା ଜିମ୍ବାୱେ ଗସ୍ତ କଲା ଭାରତୀୟ ଟି-୨୦ ଦଳ

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ମଧ୍ୟରେ ଭାରତର ଟି-୨୦ ଦଳ ଜିମ୍ବାୱେ ଅଭିମୁଖେ ଗସ୍ତ କରିଛି । ବିସିସିଆଇ ନିଜ ଏକ୍ସ ହ୍ୟାଣ୍ଡେଲରେ ଖେଳାଳିମାନଙ୍କ ଫଟୋ ସେୟାର କରି ଏହି ସୂଚନା ଦେଇଛି । ଟି-୨୦ ଦଳ ସହିତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଜିମ୍ବାୱେ ଯାଇନାହାନ୍ତି । ଗମ୍ଭୀର ବର୍ତ୍ତମାନ ଦିନିକିଆ ଦଳ ସହିତ ଇଂଲଣ୍ଡରେ ହିଁ ଅଛନ୍ତି । ଭାରତ ଏବଂ ଜିମ୍ବାୱେ ମଧ୍ୟରେ ଜୁଲାଇ ୨୩ରୁ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବାକୁ ଯାଉଛି । ଏଭଳି ପରିସ୍ଥିତିରେ ଗମ୍ଭୀରଙ୍କ ଅନୁପସ୍ଥିତିରେ ଭିଭିଏସ୍ ଲକ୍ଷ୍ମଣ ମୁଖ୍ୟ କୋଚ୍ ଭୂମିକାରେ ନଜର ଆସିବେ ।

ନିକଟରେ ଇଂଲଣ୍ଡ ବିପକ୍ଷ ପାଞ୍ଚଟି ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା । ଟିମ୍ ଇଣ୍ଡିଆକୁ ଏଠାରେ ୪-୦ରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହା ବ୍ୟତୀତ ଜିମ୍ବାୱେ ଗସ୍ତରେ ଦଳର ଅନେକ ସିନିୟର ଖେଳାଳିଙ୍କୁ ବିଶ୍ରାମ ଦିଆଯାଇ ନୂଆ ଚେହେରାମାନଙ୍କୁ ସାମିଲ କରାଯାଇଛି । ଏଭଳି ସ୍ଥିତିରେ ଜିମ୍ବାୱେ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ପାଇଁ ଅଧିନାୟକ ଶ୍ରେୟସ ଆୟରଙ୍କ ଉପରେ ଏକ ଭିନ୍ନ ଚାପ ରହିବ । ଇଂଲଣ୍ଡ ଗସ୍ତରେ ଟିମ୍ ଇଣ୍ଡିଆ ପାଇଁ ଅନ୍ତର୍ଜାତୀୟ ଡେବ୍ୟୁ କରିଥିବା ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ବିଶେଷ କିଛି କମାଲ କରିପାରି ନଥିଲେ । ଏଭଳି ପରିସ୍ଥିତିରେ ସେ ଜିମ୍ବାୱେ ଗସ୍ତରେ ନିଜକୁ ପ୍ରମାଣିତ କରିବା ପାଇଁ ତାଙ୍କ ପାଖରେ ଏକ ସୁବର୍ଣ୍ଣ ସୁଯୋଗ ରହିଛି । ଇଂଲଣ୍ଡ ବିପକ୍ଷରେ ବୈଭବଙ୍କୁ ତିନୋଟି ମ୍ୟାଚ୍‌ରେ ସୁଯୋଗ ମିଳିଥିଲା, କିନ୍ତୁ ସେଥିରେ ସେ ମାତ୍ର ୧୩, ୧୪ ଏବଂ ୧ ରନ୍ ହିଁ କରିପାରିଥିଲେ ।

ଭାରତ ବନାମ ଜିମ୍ବାୱେ ଟି-୨୦ ସିରିଜ୍‌ର ସମ୍ପୂର୍ଣ୍ଣ ସୂଚୀ : ପ୍ରଥମ ଟି-୨୦ ମ୍ୟାଚ୍ : ୨୩ ଜୁଲାଇ, ହରାରେ ସ୍ପୋର୍ଟସ କ୍ଲବ୍ । ଦ୍ୱିତୀୟ ଟି-୨୦ ମ୍ୟାଚ୍: ୨୫ ଜୁଲାଇ, ହରାରେ ସ୍ପୋର୍ଟସ କ୍ଲବ୍ । ତୃତୀୟ ଟି-୨୦ ମ୍ୟାଚ୍: ୨୬ ଜୁଲାଇ, ହରାରେ ସ୍ପୋର୍ଟସ କ୍ଲବ୍ । (ବିଃଦ୍ରଃ: ଭାରତୀୟ ସମୟ ଅନୁସାରେ ଏହି ସମସ୍ତ ମ୍ୟାଚ୍ ଅପରାହ୍ନ ୪:୩୦ ରୁ ଆରମ୍ଭ ହେବ ।)

ଜିମ୍ବାୱେ ଟି-୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆର ସ୍କ୍ୱାଡ୍ : ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ବୈଭବ ସୂର୍ଯ୍ୟବଂଶୀ, ଅଭିଷେକ ଶର୍ମା, ଇଶାନ କିଶନ, ଶିବମ ଦୁବେ, ସୂର୍ଯ୍ୟାଂଶ ଶେଡଗେ, ରିଙ୍କୁ ସିଂହ, ହର୍ଷ ଦୁବେ, ରବି ବିଷ୍ଣୋଇ, ପ୍ରିନ୍ସ ଯାଦବ, ଯଶ ଠାକୁର, ଅଶୋକ ଶର୍ମା, ମୟଙ୍କ ଯାଦବ, ପ୍ରଭସିମରନ ସିଂହ ।

## ଟୋକିଓରେ ଇତିହାସ ରଚିଲେ ପିଭି ସିନ୍ଧୁ

# ପ୍ରଥମ ଭାରତୀୟ ମହିଳା ଭାବେ ଜିତିଲେ ଜାପାନ ଓପନ

**ନୂଆଦିଲ୍ଲୀ**

ଇତିହାସ ରଚିଲେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ପିଭି ସିନ୍ଧୁ । ଚଳିତ ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନରେ ଭାରତର ପିଭି ସିନ୍ଧୁ ବିଜୟ ଜାରି ରଖି ଫାଇନାଲ୍‌ରେ ବାଜି ମାରି ନେଇଛନ୍ତି । ଜାପାନର ଆକାନେ ୟାମାଗୁଚିଙ୍କୁ ହରାଇ ପ୍ରଥମ ଭାରତୀୟ ଭାବେ ଜାପାନ ଓପନ୍ ଟାଇଟଲ୍ ଜିତି ଇତିହାସ ରଚିଛନ୍ତି । ଫାଇନାଲ ମୁକାବିଲାରେ ଆୟୋଜକ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୭ ସିଧାସଳଖ ଗେମରେ ପରାସ୍ତ କରି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହୋଇଛନ୍ତି । ବ୍ୟାଡ୍‌ମିଣ୍ଟନ୍ କୋର୍ଟରେ ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ୩୦ତମ ମୁକାବିଲା ଥିଲା, ଯେଉଁଥିରେ ପିଭି ସିନ୍ଧୁ ଏବେ ୧୬-୧୪ରେ ବିଜୟୀ ହୋଇଛନ୍ତି ।

ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସେ ୨୧-୧୯, ୧୫-୧୦ ଗେମ୍‌ରେ ଆଗୁଆ ରହିଥିବା ବେଳେ ପ୍ରତିପକ୍ଷ ଚୀନ ଖେଳାଳି ଚେନ୍ ୟୁଫେଇ ଆହତ ହୋଇ ଓହରି ଯାଇଥିଲେ । ଫଳରେ ସିନ୍ଧୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା । ଏହି ବିଜୟ ସହ ସେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଜାପାନ ଓପନ ଫାଇନାଲ୍‌ରେ ପ୍ରବେଶ କରିଥିଲେ ।



ରବିବାର ଫାଇନାଲରେ ସେ ଜାପାନର ଆକାନେ ୟାମାଗୁଚିଙ୍କୁ ଭେଟିଥିଲେ । ସିନ୍ଧୁ ଦୀର୍ଘ ୨ବର୍ଷ ପରେ ପ୍ରଥମ ଥର କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଖେଳିଛନ୍ତି ସିନ୍ଧୁ । ଆଉ ବିଜୟୀ ମଧ୍ୟ ହୋଇଛନ୍ତି ।

୨୦୨୪ରେ ସେ ସୟଦ ମୋଦି ଇଣ୍ଟରନ୍ୟାସନାଲ୍ ଚାମ୍ପିଅନ୍ ହୋଇଥିଲେ । ଏହାପରଠୁ ସେ ଆଉ ଗୋଟିଏ ହେଲେ ଟାଇଟଲ୍ ଜିତିପାରିନଥିଲେ । ଜାପାନ ଓପନରେ ସେ କ୍ୱାର୍ଟର ଫାଇନାଲ୍ ରାଉଣ୍ଡରେ ୱାକ୍ ଓଭର ପାଇଥିଲେ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ନୋଜୋମି ଓକୁହାରା ଆହତ ହୋଇ ଓହରି ଯାଇଥିଲେ । ସେମିରେ ସେ ଅଲିମ୍ପିକ୍ ଚାମ୍ପିଅନ୍ ୟୁଫେଇକୁ ସାମ୍ନା କରିଥିଲେ । ମ୍ୟାଚ୍ ବେଳେ ୟୁଫେଇଙ୍କ ଜଙ୍ଘ ପଛପାର୍ଶ୍ୱରେ ମାଂସପେଶୀ ଟାଣି ହୋଇଯିବାରୁ ସେ ଓହରି ଯାଇଥିଲେ । ଏଥିସହ ସିନ୍ଧୁ ଚୀନ ତାରକା ୟୁଫେଇଙ୍କ ବିପକ୍ଷରେ ୫ ମ୍ୟାଚ୍ ପରାଜୟ ଧାରାରେ ବ୍ରେକ୍ ବି ଲଗାଇଥିଲେ ।

ଏହା ପିଭି ସିନ୍ଧୁଙ୍କ ପ୍ରଥମ ବିଡବ୍ଲୁଏଫ ୭୫୦ ଟାଇଟଲ୍ । ୨୦୨୪ ମସିହାରେ ସୟଦ ମୋଦି ଟୁର୍ଣ୍ଣାମେଣ୍ଟ ଜିତିବା ପରେ ଏହା ବ୍ୟାଡ୍‌ମିଣ୍ଟନ କୋର୍ଟରେ ତାଙ୍କର ପ୍ରଥମ ଟାଇଟଲ୍ । ଏହା ଚାରି ବର୍ଷ ମଧ୍ୟରେ ଭାରତ ବାହାରେ ତାଙ୍କର ପ୍ରଥମ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୟ ମଧ୍ୟ । ସେ ଟୋକିଓରେ ଫାଇନାଲ୍ ଜିତି ଜାପାନ ଓପନ୍ ଟାଇଟଲ୍ ଜିତିଛନ୍ତି । ଜାପାନ ଓପନରେ ପିଭି ସିନ୍ଧୁଙ୍କ ଏହି ବିଜୟ ଖାସ୍ କାରଣ ସେ ଫାଇନାଲରେ ବିଶ୍ୱ ଚାମ୍ପିଅନକୁ ହରାଇଛନ୍ତି । ଏହି ବିଜୟ ସହିତ ପିଭି ସିନ୍ଧୁ ୧୯ ମାସର ଟାଇଟଲ ମରୁଡ଼ିର ଅନ୍ତ ଘଟାଇଛନ୍ତି । ସେ ୧୯ ମାସରେ ବିଡବ୍ଲୁଏଫ ବିଶ୍ୱ ଟୁର୍ ଟାଇଟଲ ଜିତିଛନ୍ତି । ତାଙ୍କର ଶେଷ ଟାଇଟଲ ଡିସେମ୍ବର ୨୦୨୪ରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଆସିଥିଲାସ । ଏହି ବିଜୟ ସିନ୍ଧୁଙ୍କ ଜବରଦସ୍ତ କମବ୍ୟାକ୍ । ସେ ଦୀର୍ଘ ଦିନ ଧରି ଫିଟନେସ୍ ଏବଂ ଫର୍ମ ସହିତ ସଂଘର୍ଷ କରୁଥିଲେ ।

ଜାପାନ ଓପନ୍ ଜିତିବା ରାଙ୍କିଙ୍ଗରେ ଲାଭ ଦେବ । ବର୍ଷ ଆରମ୍ଭରେ, ପିଭି ସିନ୍ଧୁଙ୍କ ରାଙ୍କିଙ୍ଗ ବିଶ୍ୱର ୧୮ ନମ୍ବରକୁ ଖସି ଆସିଥିଲା । ତଥାପି, ତାଙ୍କର ଦୃଢ଼ ପ୍ରଦର୍ଶନ ପାଇଁ ସେ ଶ୍ରେଷ୍ଠ ୧୦ ରେ ପ୍ରବେଶ କରିଛନ୍ତି ଏବଂ ବର୍ତ୍ତମାନ ବିଶ୍ୱର ୯ ନମ୍ବର ସ୍ଥାନରେ ଅଛନ୍ତି । ଜାପାନ ଓପନ୍ ଫାଇନାଲରେ ବର୍ତ୍ତମାନର ବିଶ୍ୱ ଚାମ୍ପିଅନ୍ ଆକାନେ ୟାମାଗୁଚିଙ୍କୁ ପରାସ୍ତ କରିବା ପରେ ତାଙ୍କ ର୍‍ୟାଙ୍କିଙ୍ଗରେ ଆହୁରି ବୃଦ୍ଧି ଘଟିପାରେ ।

# ଫିଫା ବିଶ୍ୱକପ୍ : ଫ୍ରାନ୍ସକୁ ୬-୪ରେ ହରାଇଲା ଇଂଲଣ୍ଡ



**ମାୟାମି**

ଚଳିତ ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡ ତୃତୀୟ ସ୍ଥାନ ଅଧିକାର କରିଛି । ରବିବାର ଗୋଲ୍ ବର୍ଷା ହୋଇଛି । ତୃତୀୟ ସ୍ଥାନ ମୁକାବିଲାରେ ଇଂଲଣ୍ଡ ୬-୪ ଗୋଲ୍‌ରେ ଗତ ସଂସ୍କରଣ ଉପବିଜେତା ଫ୍ରାନ୍ସକୁ ମାତ୍ ଦେଇ କାଂସ୍ୟ ପଦକ କରାୟତ୍ତ କରିଛି । ଏହି ଚମତ୍କାର ବିଜୟ ସହ ଇଂଲଣ୍ଡ ୧୯୬୬ରେ ଟ୍ରଫି ଜିତିବା ପରେ ଫିଫା ବିଶ୍ୱକପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛି । ହ୍ୟାଟ୍ରିକ୍ ଅର୍ଜନ କରିଥିବା ଇଂଲଣ୍ଡର ସାକା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ।

ଆରମ୍ଭରୁ ୦-୪ରେ ପଛରେ ରହିଥିବା ଫ୍ରାନ୍ସ ପାଇଁ ଏହାର ତାରକା ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ୨ଟି ଗୋଲ୍ ଦେଇ ପ୍ରତ୍ୟାବର୍ତ୍ତନ ସୁଯୋଗ ଆଣିଥିଲେ । ଏମ୍‌ବାପେ ଏହି ଯୁଗଳ ସହ ଫିଫା ବିଶ୍ୱକପ୍‌ରେ ନିଜ ଗୋଲ୍ ସଂଖ୍ୟା ୨୨ରେ ପହଞ୍ଚାଇଥିଲେ । ଏଥିସହ ସେ ଏହି ବିଶ୍ୱ ଫୁଟ୍‌ବଲ୍ ମହାକୁମ୍ଭରେ ସର୍ବାଧିକ ଗୋଲ୍ କରିବାରେ ଆର୍ଜେଣ୍ଟିନା ତାରକା ଲିଓନେଲ ମେସି (୨୧)ଙ୍କୁ ଟପିଥିଲେ ।

ଏମ୍‌ବାପେଙ୍କ ଯୁଗଳ ସଫଳତା ପରେ ଇଂଲଣ୍ଡକୁ ମିଳିଥିବା ପେନାଲ୍‌ଟିକୁ ବୁକାୟୋ ସାକା ଗୋଲ୍‌ରେ ପରିଣତ କରି ଦେବାରୁ ଫ୍ରାନ୍ସ (୩-୫) ପୁଣି ଥରେ ୨ ଗୋଲ୍ ପଛରେ ପଡ଼ିଯାଇଥିଲା । ଶେଷରେ ଜୁଡେ ବେଲିଂହାମ୍‌ଙ୍କ ଇନ୍‌ଜୁରି ସମୟ ଗୋଲ୍ ଇଲଣ୍ଡକୁ ୬-୪ରେ ବିଜୟ ଭେଟି ଦେଇଥିଲା । ଏହି ମ୍ୟାଚ୍‌ର ହୋଇଥିବା ମୋଟ ୧୦ ଗୋଲ୍ ଫିଫା ବିଶ୍ୱକପ୍ ଇତିହାସରେ ତୃତୀୟ ସ୍ଥାନ ପ୍ଲେ-ଅଫ୍ ମୁକାବିଲାରେ ସର୍ବାଧିକ । ପୂର୍ବରୁ ସର୍ବାଧିକ ଗୋଲ୍ ୧୯୫୮ରେ ହୋଇଥିଲା । ଫ୍ରାନ୍ସ (୬) ଓ ପଶ୍ଚିମ ଜର୍ମାନୀ (୩) ତୃତୀୟ ସ୍ଥାନ ମ୍ୟାଚ୍‌ରେ ୯ ଗୋଲ୍ ହୋଇଥିଲା ।

ପ୍ରଥମାର୍ଦ୍ଧକୁ ପୂରା ନିଜ ନିୟନ୍ତ୍ରଣ ରଖିଥିବା ଇଂଲଣ୍ଡ ତୃତୀୟ ମିନିଟ୍‌ରେ ପ୍ରଥମ ଗୋଲ୍ ଲଦି ଦେଇଥିଲା । ଡେକ୍‌ଲାଇନ୍ ରାଇସ୍ ଏହି ଗୋଲ୍ କରିଥିଲେ । ଏହାପରେ ୧୮ତମ ମିନିଟ୍‌ରେ ରାଇସ୍‌ଙ୍କ ପାସ୍‌ରେ ଏଜିର କୋନ୍‌ସା ଦଳ ପାଇଁ ଦ୍ୱିତୀୟ ଗୋଲ୍ କରିଥିଲେ । ୩୭ ଓ ୪୫+୧ ମିନିଟ୍ ?ରେ ସାକା ଯଥାକ୍ରମେ ମର୍କସ ରସ୍‌ଫୋର୍ଡ ଓ ବେରିଚ୍ ଇଜିଙ୍କ ସହଯୋଗରେ ଦୁଇଟି ଗୋଲ୍ ଦେବାରୁ ଇଂଲଣ୍ଡ ପ୍ରଥମାର୍ଦ୍ଧରେ ୪-୦ରେ ଆଗରେ ରହିଥିଲା । ତେବେ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମାଇକେଲ ଓଲିଜ୍‌ଙ୍କ ପାସ୍‌ରେ ଏମ୍‌ବାପେ (୪୮ ମିନିଟ୍) ଗୋଲ୍ ଦେଇ ଫ୍ରାନ୍ସକୁ ଫେରିବାର ସୁଯୋଗ ଦେଇଥିଲେ । ଏହାର ୬ ମିନିଟ୍‌ରେ ଏମ୍‌ବାପେଙ୍କ ସହଯୋଗରେ ବ୍ରାଡ୍‌ଲେ ବାର୍କୋଲା (୫୪ ମିନିଟ୍) ଗୋଲ୍ କରିଥିଲେ । ୬୬ତମ ମିନିଟ୍‌ରେ ଓଲିସ୍‌ଙ୍କ ପାସ୍‌ରେ ଏମ୍‌ବାପେ ଗୋଲ୍ ଦେଇ ଯୁଗଳ ସଫଳତା ପାଇବା ସହ ମ୍ୟାଚ୍‌କୁ ସମାନ ସ୍ଥିତି ଆଣିବାର ନିକଟତର କରାଇଥିଲେ । ହେଲେ ୮୭ତମ ମିନିଟ୍‌ରେ ପେନାଲିଟ୍‌ରେ ସାକାଙ୍କ ହ୍ୟାଟ୍ରିକ୍ ଇଂଲଣ୍ଡକୁ ୫-୩ରେ ଆଗୁଆ କରି ଦେଇଥିଲା । ଶେଷ ଇନ୍‌ଜୁରି ସମୟରେ ଡାୟଟ୍ ଉପାମେସାନୋଙ୍କ ପାସ୍‌ରେ ଓସ୍‌ମାନେ ଡେମ୍ବେଲ (୯୦+୬)ଙ୍କ ଗୋଲ୍‌ରେ ଫ୍ରାନ୍ସ ସ୍ଥିତି ୪-୫ କରିଥିଲା । ତେବେ ଏହାର ଦୁଇ ମିନିଟ୍ ପରେ ବେଲିଂହାମ୍ (୯୦+୮) ଗୋଲ୍ ଦେଇ ଇଂଲଣ୍ଡର କାଂସ୍ୟ ପଦକ ନିଶ୍ଚିତ କରିଥିଲେ । ପୂର୍ବରୁ ୧୯୯୦ ଓ ୨୦୧୮ରେ ତୃତୀୟ ସ୍ଥାନ ମ୍ୟାଚ୍ ହାରି କାଂସ୍ୟ ପଦକ ଜିତିବାରେ ବିଫଳ ହୋଇଥିବା ଇଂଲଣ୍ଡର ଏହି ସ୍ୱପ୍ନ ପୂରଣ ହୋଇଥିଲା । ଏଥିସହ ଇଂଲଣ୍ଡ କାଂସ୍ୟ ପଦକ ସହ ୨୯ ମିଲିଅନ୍ ଡଲାର ତଥା ଭାରତୀୟ ମୁଦ୍ରାରେ ପ୍ରାୟ ୨୭୯.୨୪ କୋଟି ଟଙ୍କା ପକେଟସ୍ଥ କରିଛି । ସେହିଭଳି ଚତୁର୍ଥ ସ୍ଥାନ ହାସଲ କରିଥିବା ଫ୍ରାନ୍ ୨୭ ମିଲିୟନ୍ ଡଲାର ତଥା ୨୫୯.୯୮ କୋଟି ଟଙ୍କା ପାଇଛି ।

# ୱାଶିଂଟନ୍‌କୁ ୧ ରନ୍‌ରେ ହରାଇ ପ୍ରଥମ ଏମଏଲସି ଟ୍ରଫି ଜିତିଲା ଲସ୍ ଆଞ୍ଜେଲିସ୍ ନାଇଟ୍ ରାଇଡର୍ସ

**ଲସ୍ ଆଞ୍ଜେଲସ୍**

ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ମେଜର ଲିଗ୍ କ୍ରିକେଟ୍ ୨୦୨୬ ଟାଇଟଲ୍ ଜିତି ନେଇଛି । ଓକଲାଣ୍ଡ କୋଲିଜିୟମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚରେ ୱାଶିଂଟନ୍ ଫ୍ରିଡମ୍‌କୁ ହରାଇ ନାଇଟ୍ ରାଇଡର୍ସ ଶେଷ ବଲ୍‌ରେ ଏକ ରନ୍‌ରେ ବିଜୟୀ ହୋଇଛି । ଏମଏଲସି ଲିଗ୍‌ରେ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସ ଦଳର ଏହା ପ୍ରଥମ ଟାଇଟଲ୍ ବିଜୟ । ବିଜୟ ପରେ ଲସ୍ ଆଞ୍ଜେଲସ୍ ନାଇଟ୍ ରାଇଡର୍ସର ମାଲିକ ଶାହରୁଖ ଖାନ୍ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ଏମଏଲସି ଟାଇଟଲ୍ ଜିତିବା ପରେ ଶାହରୁଖ ଖାନ୍ ଏଲ୍ଏ ନାଇଟ୍ ରାଇଡର୍ସର ଖେଳାଳିମାନଙ୍କୁ ପ୍ରଶଂସା କରିଛନ୍ତି । ଶାହରୁଖ 'ଏକ୍ସ'ରେ ଲେଖିଛନ୍ତି, 'ଏଲ୍ଏକେଆର୍ ଚାମ୍ପିଅନ୍ ! ଆମେରିକାରେ ସୁନୀଲ ନରେନ, ଜେସନ୍ ହୋଲ୍ଡର, ରସେଲ ଏବଂ ସମଗ୍ର ଦଳକୁ ଅଭିନନ୍ଦନ । ଆପଣମାନେ ପ୍ରମାଣ କରିଦେଲେ ଯେ ଆମେ କେବଳ ଭାଗ ନେବାକୁ ନୁହେଁ, ବରଂ ଜିତିବାକୁ ଆସିଥିଲୁ । ଆପଣ ସମସ୍ତଙ୍କୁ ବହୁତ ଭଲପାଇବା... କୋରବୋ ଲଡବୋ ଜିତବୋ !'




ମେଜର ଲିଗ୍ କ୍ରିକେଟ୍‌ର ଆରମ୍ଭ ୨୦୨୩ ମସିହାରେ ହୋଇଥିଲା । ପ୍ରଥମ ଦୁଇଟି ସିଜନ୍‌ରେ ଏଲ୍ଏକେଆର୍ ଦଳ ପ୍ଲେ-ଅଫ୍‌ରେ ମଧ୍ୟ ପହଞ୍ଚିପାରି ନଥିଲା । କିନ୍ତୁ ଏଥର ପଏଣ୍ଟ ଟେବୁଲ୍‌ର ଶୀର୍ଷ ଦୁଇଟି ସ୍ଥାନରେ ରହି ଦଳ ଫାଇନାଲ୍‌ରେ ପ୍ରବେଶ କରିଥିଲା ଏବଂ ଚାମ୍ପିଅନ୍ ହେବା ସୌଭାଗ୍ୟ ଅର୍ଜନ କରିଛି । ଏହି ସିଜନ୍‌ରେ ଫ୍ରାଞ୍ଚାଇଜ୍ କାଲିଫର୍ଣ୍ଣିଆରେ ନିଜର ଷ୍ଟାଡିୟମ୍ 'ନାଇଟ୍ ରାଇଡର୍ସ କ୍ରିକେଟ୍ ଗ୍ରାଉଣ୍ଡ' ମଧ୍ୟ ପ୍ରସ୍ତୁତ କରିଛି ।

ଓକଲ୍ୟାଣ୍ଡ ପଡ଼ିଆରେ ନାଇଟ୍ ରାଇଡର୍ସ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିଲା । ଦଳ ପାଇଁ ଓପନର କଲିନ୍ ମୁନ୍ରୋ ୨୯ ବଲ୍‌ରେ ଚାରିଟି ଛକା ସହ ୪୦ ରନ୍ ଏବଂ ଆନ୍ଦ୍ରେ ଫ୍ଲେଚର ୨୭ ବଲ୍‌ରେ ସାତଟି ଚୌକା ଓ ଗୋଟିଏ ଛକା ସହ ୪୭ ରନ୍‌ର ଦ୍ରୁତ ପାରି ଖେଳିଥିଲେ । ଏହାପରେ ମ୍ୟାଥ୍ୟୁ ଟ୍ରମ୍ପ ୨୧ ବଲ୍‌ରେ ତିନୋଟି ଚୌକା ଓ ତିନୋଟି ଛକା ସହ କେବଳ ୩୯ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଏହିପରି ଭାବେ ନାଇଟ୍ ରାଇଡର୍ସ ଦଳ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ପାରି ନଥିଲା ଏବଂ ଦଳ ୧୯.୪ ଓଭରରେ ୧୬୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ୱାଶିଂଟନ୍ ପକ୍ଷରୁ ସବୁଠାରୁ ଅଧିକ ତିନୋଟି ୱିକେଟ୍ ବେନ୍ ଦ୍ୱାର୍ଶିଅସ୍ ନେଇଥିବା ବେଳେ ମିଚେଲ୍ ଓଭେନ୍, ନିଖିଲ ଚୌଧୁରୀ ଏବଂ ରଚିନ୍ ରବୀନ୍ଦ୍ର ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

୧୬୫ ରନ୍‌ର ଲକ୍ଷ୍ୟକୁ ୱାଶିଂଟନ୍ ଫ୍ରିଡମ୍ ସହଜରେ ହାସଲ କରିନେବ ବୋଲି ମାନାଯାଉଥିଲା । କିନ୍ତୁ ନାଇଟ୍ ରାଇଡର୍ସର ବୋଲରମାନେ ଏହାକୁ ୱାଶିଂଟନ୍ ପାଇଁ ପାହାଡ଼ ସଦୃଶ କରିଦେଇଥିଲେ । ୱାଶିଂଟନ୍‌ର ଆରମ୍ଭ ଭଲ ହୋଇ ନଥିଲା ଏବଂ ଦଳର ଅଧିନାୟକ ଷ୍ଟିଭ୍ ସ୍ମିଥ୍ ୧୩ ବଲ୍‌ରେ ଆଠ ରନ୍ କରି ଆଉଟ୍ ହୋଇଯାଇଥିଲେ । ସେହିପରି ୨୯ ରନ୍ ସ୍କୋର ସୁଦ୍ଧା ଦଳର ତିନୋଟି ୱିକେଟ୍ ପଡ଼ିଯାଇଥିଲା । ଏହାପରେ ଫର୍ମରେ ଥିବା ଆଣ୍ଡ୍ରିସ୍ ଗୌସ୍ ହଠାତ୍ ରିଭର୍ସ ଶଟ୍ ଖେଳିବା ଚକ୍କରରେ କ୍ୟାଚ୍ ଦେଇ ବସିଥିଲେ ଏବଂ ଏହିଠାରୁ ହିଁ ମ୍ୟାଚ୍ ନାଇଟ୍ ରାଇଡର୍ସ ଆଡ଼କୁ ଢଳିଯାଇଥିଲା । ଗୌସ୍ ୩୫ ବଲ୍‌ରେ ଦୁଇଟି ଚୌକା ଓ ଦୁଇଟି ଛକା ସହ ୪୦ ରନ୍ କରିଥିଲେ । ପରେ ଶେଷ ଛଅ ବଲ୍‌ରେ ଯେତେବେଳେ ୧୫ ରନ୍ ଆବଶ୍ୟକ ଥିଲା, ସେତେବେଳେ ଶ୍ୟାଡ୍‌ଲି ଭ୍ୟାନ୍ ସାଲକୱିକ୍ ଦୁଇଟି ୱିକେଟ୍ ନେଇ ଟ୍ରଫିକୁ ନାଇଟ୍ ରାଇଡର୍ସର ଆଡ଼କୁ ଆଣିଦେଇଥିଲେ ।

ଶେଷ ବଲ୍‌ରେ ୱାଶିଂଟନ୍‌କୁ ଜିତିବା ପାଇଁ ତିନି ରନ୍ ଆବଶ୍ୟକ ଥିଲା, କିନ୍ତୁ ସେମାନଙ୍କର ଆଠ ନମ୍ବର ବ୍ୟାଟ୍ସମ୍ୟାନ୍ ଲହିରୁ ମିଲାନ୍ତା ସୁପର ଓଭର ପାଇଁ ଦ୍ୱିତୀୟ ରନ୍ ନେବା ପ୍ରୟାସରେ ରନ୍ ଆଉଟ୍ ହୋଇଯାଇଥିଲେ ଏବଂ ଷ୍ଟ୍ରାଇକ୍‌ରେ ଥାଇ ମଧ୍ୟ ବଡ଼ ଶଟ୍ ଲଗାଇ ପାରି ନଥିଲେ । ଏହାଫଳରେ ନାଇଟ୍ ରାଇଡର୍ସ ଏକ ରନ୍‌ରେ ବିଜୟୀ ହୋଇ ଇତିହାସ ରଚିଛି ଏବଂ ପ୍ରଥମ ଥର ପାଇଁ ଏମଏଲସି ଟାଇଟଲ୍ ନିଜ ନାମରେ କରିଛି । ନାଇଟ୍ ରାଇଡର୍ସ ପକ୍ଷରୁ ଫାଇନାଲ୍ ମ୍ୟାଚରେ ସୁନୀଲ ନରେନ ଏବଂ ଜେସନ ହୋଲ୍ଡର ତିନୋଟି ଲେଖାଏଁ ୱିକେଟ୍ ନେଇଥିଲେ ।

# ଭାରତୀୟ ପାସପୋର୍ଟ ନାହିଁ ତ ଘରୋଇ କ୍ରିକେଟ୍ ମଧ ନାହିଁ : ବିସିସିଆଇ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ବମ୍ବେ ହାଇକୋର୍ଟରେ ସ୍ପଷ୍ଟ ଭାବରେ କହିଛି ଯେ ବିଦେଶୀ ପାସପୋର୍ଟ ରଖିଥିବା ଓସିଆଇ (ଭାରତର ପ୍ରବାସୀ ନାଗରିକ) କାର୍ଡଧାରକମାନେ ଭାରତରେ ଘରୋଇ କ୍ରିକେଟ୍ ଖେଳିପାରିବେ ନାହିଁ । ବୋର୍ଡ କହିଛି ଯେ କେବଳ ଭାରତୀୟ ନାଗରିକମାନେ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫି, ସୟଦ ମୁସ୍ତାକ ଅଲୀ ଟ୍ରଫି ଏବଂ ଅନ୍ୟାନ୍ୟ ଘରୋଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ । ଏହି ମାମଲା ୧୨ ଜଣ ଯୁବ କ୍ରିକେଟରଙ୍କ ଦ୍ୱାରା ଦାୟର ଏକ ଆବେଦନରୁ ଉତ୍ପନ୍ନ ହୋଇଛି ଯେଉଁମାନେ ଓସିଆଇ କାର୍ଡଧାରୀ ଅଟନ୍ତି କିନ୍ତୁ ସେମାନଙ୍କ ପାଖରେ ଭାରତୀୟ ପାସପୋର୍ଟ ନାହିଁ । ସେମାନେ ବିସିସିଆଇ ନିୟମକୁ ଚ୍ୟାଲେଞ୍ଜ କରିଛନ୍ତି ଯାହାକି ବିଦେଶୀ ପାସପୋର୍ଟ ଧାରକ ଖେଳାଳିମାନଙ୍କୁ ଘରୋଇ କ୍ରିକେଟ୍ ଖେଳିବାକୁ ବାରଣ କରିଛି ।




ଶୁଣାଣି ସମୟରେ, ବିସିସିଆଇ କୋର୍ଟକୁ ଜଣାଇଲା ଯେ ଏକ ଓସିଆଇ କାର୍ଡ ଭାରତୀୟ ନାଗରିକତା ସହିତ ସମାନ ନୁହେଁ । ଯଦିଓ କାର୍ଡ କିଛି ବିଶେଷ ସୁବିଧା ପ୍ରଦାନ କରେ, ତାର ଅର୍ଥ ଏହା ନୁହେଁ ଯେ, ଏହା ଜଣେ ବ୍ୟକ୍ତିଙ୍କୁ ଭାରତୀୟ ନାଗରିକ କରିଦେବ ! ତେଣୁ, ଏପରି ଖେଳାଳିମାନେ ବିସିସିଆଇ ଘରୋଇ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବେ ନାହିଁ । ବୋର୍ଡ ଆହୁରି କହିଛି ଯେ ଯଦି ଜଣେ ଖେଳାଳି ଭାରତୀୟ ନାଗରିକତା ହାସଲ କରନ୍ତି ଏବଂ ଭାରତୀୟ ପାସପୋର୍ଟ ପାଆନ୍ତି, ତେବେ ସେମାନେ ବିସିସିଆଇ ନିୟମ ଅନୁଯାୟୀ ଘରୋଇ କ୍ରିକେଟ୍ ଖେଳିବା ପାଇଁ ଆବେଦନ କରିପାରିବେ । ବିସିସିଆଇ କୋର୍ଟକୁ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଟିମ୍ ଇଣ୍ଡିଆ ପାଇଁ ଖେଳିବା ଏବଂ ଘରୋଇ କ୍ରିକେଟରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ନାଗରିକତା ଏକ ବାଧ୍ୟତାମୂଳକ ଆବଶ୍ୟକତା । ଏହି ନିୟମ ବହୁ ଦିନ ଧରି ପ୍ରଚଳିତ ଏବଂ ସମସ୍ତ ଖେଳାଳିଙ୍କ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ।

# ୪୦୦ ମ୍ୟାଚ୍‌ର ମହା-ରେକର୍ଡ : ଲର୍ଡସରେ ଇତିହାସ ରଚିଲେ ରୋହିତ-କୋହଲି

**ଲଣ୍ଡନ**

ରବିବାର (୧୯ ଜୁଲାଇ) ଇଂଲଣ୍ଡ ବିପକ୍ଷରେ ଲର୍ଡସ ପଡ଼ିଆରେ ଖେଳାଯାଇଥିବା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭାରତର ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ୍ ରୋହିତ ଶର୍ମା ଏବଂ ବିରାଟ କୋହଲି ଏକ ଐତିହାସିକ ରେକର୍ଡ ସ୍ଥାପନ କରିଛନ୍ତି । ଏହି ଦୁଇଜଣ ଭାରତର ପ୍ରଥମ ଯୋଡ଼ି ଭାବେ ୪୦୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଏକାଠି ଖେଳିବାର ଐତିହାସିକ ମାଇଲଖୁଣ୍ଟ ଛୁଇଁଛନ୍ତି । ପୂର୍ବରୁ ସଚିନ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡ଼ଙ୍କ ୩୯୧ଟି ମ୍ୟାଚ୍‌ରେ ଏକାଠି ଖେଳିବାର ରେକର୍ଡକୁ ଅତିକ୍ରମ କରି ଏହି ଯୋଡ଼ି ପୂର୍ବରୁ ହିଁ ଭାରତ ପାଇଁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଯୋଡ଼ି ହୋଇସାରିଥିଲେ ।

କ୍ରିକେଟ୍ ଇତିହାସରେ ଏକାଠି ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ ଶ୍ରୀଲଙ୍କାର କୁମାର ସାଙ୍ଗାକାରା ଏବଂ ମହେଲା ଜୟବର୍ଦ୍ଧନେଙ୍କ ନାମରେ ରହିଛି, ଯେଉଁମାନେ ମୋଟ ୫୫୦ଟି ମ୍ୟାଚ୍‌ରେ ଏକାଠି ଖେଳିଛନ୍ତି । ଦ୍ୱିତୀୟ ସ୍ଥାନରେ ତିଲକରତ୍ନେ ଦିଲସାନ ଏବଂ ଜୟବର୍ଦ୍ଧନେ (୪୨୬ ମ୍ୟାଚ୍) ରହିଛନ୍ତି । ଏହି କ୍ରମରେ ରୋହିତ ଏବଂ ବିରାଟ ୪୦୦ଟି ମ୍ୟାଚ୍ ପୂରଣ କରି ଏହି ତାଲିକାରେ ସପ୍ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ଭାରତୀୟ କ୍ରିକେଟର ଏହି ଦୁଇ ମହାନ ଖେଳାଳି ପ୍ରାୟ ଏକା ସମୟରେ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ରୋହିତ ଶର୍ମା ୨୦୦୭ରେ ଏବଂ ବିରାଟ କୋହଲି ୨୦୦୮ରେ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ବିଗତ ୧୮ ବର୍ଷ ଧରି ଏହି ଦୁଇ ଖେଳାଳି ଭାରତୀୟ ବ୍ୟାଟିଂର ମୁଖ୍ୟ ଆଧାରଶିଳା ସାଜିଛନ୍ତି । ଏହି ସମୟ ମଧ୍ୟରେ ଭାରତ ତିନିଟି ଟି-୨୦ ବିଶ୍ୱକପ୍, ଗୋଟିଏ ଦିନିକିଆ ବିଶ୍ୱକପ୍ ଏବଂ ଦୁଇଟି ଚାମ୍ପିଅନ୍ସ ଟ୍ରଫି ବିଜୟୀ ହୋଇଛି । ବର୍ତ୍ତମାନ ଏହି ଦୁଇ ଖେଳାଳି ଟି-୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ନେଇସାରିଥିବାରୁ କେବଳ ଦିନିକିଆ ମ୍ୟାଚ୍‌ରେ ଦଳକୁ ପ୍ରତିନିଧିତ୍ୱ କରୁଛନ୍ତି ।



ଦିନିକିଆ କ୍ରିକେଟରେ ବିରାଟ କୋହଲି ୧୪୮୬୭ଞ୍ଜ ରନ୍ ସହ ଭାରତ ପାଇଁ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ, ରୋହିତ ଶର୍ମା ୧୧୭୫୭ ରନ୍ ସହ ତୃତୀୟ ସ୍ଥାନରେ ଅଛନ୍ତି ।

ଇଂଲଣ୍ଡ ବିପକ୍ଷ ସିରିଜରେ ରୋହିତ ଶର୍ମାଙ୍କ ବ୍ୟାଟ୍‌ରୁ ବଡ଼ ସ୍କୋର ଦେଖିବାକୁ ମିଳିନାହିଁ । ପ୍ରଥମ ଦିନିକିଆରେ ସେ ୧୧ ରନ୍ ଏବଂ ଦ୍ୱିତୀୟ ଦିନିକିଆରେ ୨୬ ରନ୍ କରିଥିଲେ । ଅନ୍ୟପକ୍ଷରେ ବିରାଟ କୋହଲି ପ୍ରଥମ ମ୍ୟାଚ୍‌ରେ ବିଫଳ ହୋଇଥିଲେ ମଧ୍ୟ ଦ୍ୱିତୀୟ ଦିନିକିଆରେ ୬୫ ରନ୍‌ର ଏକ ଚମତ୍କାର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ବର୍ତ୍ତମାନ ଲର୍ଡସରେ ଖେଳାଯାଉଥିବା ତୃତୀୟ ଦିନିକିଆରେ ଏହି ଦୁଇ ଅଭିଜ୍ଞ ବ୍ୟାଟ୍ସମ୍ୟାନ୍ ଏକ ବଡ଼ ପାଳି କ୍ରିକେଟ୍ ପ୍ରଂଶସକ ଆଶା ରଖିଛନ୍ତି । ବିରାଟ କୋହଲି ଏବଂ ରୋହିତ ଶର୍ମା ବର୍ତ୍ତମାନ ବିଶ୍ୱକପ୍ ୨୦୨୭ ଖେଳିବାକୁ ଚାହୁଁଛନ୍ତି । ଦୁଇ ଖେଳାଳି ନିଜର ମନୋଭାବ ସ୍ପଷ୍ଟ କରିଦେଇଛନ୍ତି । କ୍ରିକେଟର ବଦଳୁଥିବା ସମୟ ଏବଂ ଯୁବ ଖେଳାଳିଙ୍କ ମଧ୍ୟରେ ଥିବା ପ୍ରତିଯୋଗିତା ସତ୍ତ୍ୱେ ମଧ୍ୟ ଏହି ଦୁଇ ଦିଗ୍‌ଗଜଙ୍କ ଖେଳ ଏବଂ ନିରନ୍ତରତା ମଧ୍ୟରେ କୌଣସି ଅଭାବ ଦେଖାଯାଇ ନାହିଁ । ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ସଫଳତା ହାସଲ କରି ଇତିହାସ ପୃଷ୍ଠାରେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି ।

# ଯାଜପୁରରେ ସ୍ୱତନ୍ତ୍ର ଲୋକ ଅଦାଲତରେ ୪୧ଟି ମାମଲା ସମାଧାନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ପକ୍ଷରୁ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଏକ ସତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ସତନ୍ତ୍ର ଲୋକ ଅଦାଲତରେ ପରିକ୍ରାମ୍ୟ ଦଲିଲ ଆଇନ (ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟ) ଅଧୀନରେ ୪୧ଟି ମାମଲା ସମାଧାନ କରାଯାଇଥିବା ବେଳେ ମୋଟ ଟ. ୮୩,୬୬,୮୭୫/- ଆଦାୟ କରାଯଇଥିଲା । ଏହା ମାଧ୍ୟମରେ ପାକାରମାନେ ଦୀର୍ଘ ଆଇନଗତ ପ୍ରକ୍ରିୟାରୁ ମୁକ୍ତି ପାଇବା ସହ ସମୟ ଓ ଅର୍ଥର ସଞ୍ଚୟ କରିପାରିଥିଲେ । ଏହି ସତନ୍ତ୍ର ଲୋକ ଅଦାଲତରେ ମୁଖ୍ୟ ବିଭାଗୀୟ ବିଚାରପତି ସର୍ବେଶ୍ୱର ଦାସ, ଏସଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଜେଏମଏସସି ଅଂଶୁମାନ ରଥ, ଜେଏମଏସସି ସୁଶ୍ରୀ ବିଣାପାଣୀ ତାଣ୍ଡି, ଯାଜପୁର ନିଜ ନିଜ ଅଦାଲତ ପରିଚାଳନା କରି ମାମଲା ଗୁଡିକର ସମାଧାନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ସ୍ୱତନ୍ତ୍ର ଲୋକ ଅଦାଲତର ସଫଳ ଆୟୋଜନ ପାଇଁ ଆବଶ୍ୟକ ସମସ୍ତ ସମନ୍ୱୟ ଓ ସହଯୋଗ କରିଥିଲେ । ଏହି ଅବସରରେ ସଚିବ ମହାନ୍ତି ସାଧାରଣ ଜନତାଙ୍କୁ ଲୋକ ଅଦାଲତର ସୁବିଧାର ସଦୁପଯୋଗ କରି ଆପୋଷ ବୁଝାମଣା ମାଧ୍ୟମରେ ବିବାଦର ସ୍ଥାୟୀ ଓ ଶୀଘ୍ର ସମାଧାନ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ଯେ ଲୋକ ଅଦାଲତ ହେଉଛି ଏକ ସହଜ, ଶୀଘ୍ର, ନିଃଶୁଳ୍କ ଏବଂ ପ୍ରଭାବଶାଳୀ ବିବାଦ ସମାଧାନ ବ୍ୟବସ୍ଥା । ଏହା ମାଧ୍ୟମରେ ପକ୍ଷକାରମାନେ ପରସ୍ପର ସହମତିରେ ନିଜ ନିଜ ବିବାଦର ସମାଧାନ କରି ଦୀର୍ଘ ନ୍ୟାୟିକ ପ୍ରକ୍ରିୟାରୁ ମୁକ୍ତି ପାଇ ପାରୁଛନ୍ତି । ସୂଚନା ଯୋଗ୍ୟ ଯେ ଏହି ଦିନ ତାଲୁକ ଆଇନ ସେବା କମିଟି ଚଣ୍ଡିଖୋଲ ଏବଂ ଯାଜପୁର ରୋଡ୍ ଠାରେ ମଧ୍ୟ ସତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା ।

# ସୁବର୍ଣ୍ଣପୁରରେ ଜଗନ୍ନାଥଙ୍କ ବାମନ ଓ ପର୍ଶୁରାମ ବେଶ : ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରରେ ରଥଯାତ୍ରା ଅବସରରେ ବିଭିନ୍ନ ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦିବ୍ୟ ଅବତାର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳୁଛି । ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ବାମନ-ପର୍ଶୁରାମ ବେଶରେ, ମଝିପଡ଼ା ରାମଧୁନ ଆଡ଼ପ ମଣ୍ଡପରେ ପ୍ରଭୁ ଦଧିବାମନ ବାମନ-ପର୍ଶୁରାମ ବେଶରେ, ଥନାପତିପଡ଼ା ଆଡ଼ପ ମଣ୍ଡପରେ ପ୍ରଭୁ ରାମ-ବଳରାମ ବେଶରେ ଏବଂ ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ଆଡ଼ପ ମଣ୍ଡପରେ ପ୍ରଭୁ ବାମନ ଅବତାର ବେଶରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଉଛନ୍ତି ।



ଜନ୍ମବେଦୀରେ ପ୍ରଭୁଙ୍କ ଦର୍ଶନ କଲେ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରତିଦିନ ଶତାଧିକ ଭକ୍ତ ବିଭିନ୍ନ ମନ୍ଦିରକୁ ଆସୁଛନ୍ତି । ସନ୍ଧ୍ୟାରୁ ରାତ୍ରି ପର୍ଯ୍ୟନ୍ତ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠୁଥିବା ବେଳେ 'ଜୟ ଜଗନ୍ନାଥ' ଧ୍ୱନିରେ ମନ୍ଦିର ପରିସର ଓ ସହର ପ୍ରକମ୍ପିତ ହେଉଛି ।

ରଥଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନମାନେ ପ୍ରସାଦ ବିତରଣ ଓ ଭକ୍ତସେବାରେ ସକ୍ରିୟ ସହଯୋଗ କରୁଛନ୍ତି । ଏହା ଫଳରେ ଶ୍ରଦ୍ଧାଳୁମାନେ ସୁବ୍ୟବସ୍ଥିତ ଭାବେ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆନନ୍ଦ ଉଠାଉଛନ୍ତି । ରଥଯାତ୍ରା ଅବସରରେ ସମଗ୍ର ସୁବର୍ଣ୍ଣପୁର ଏବେ ଭକ୍ତି, ଆଧ୍ୟାତ୍ମିକତା ଓ ଜଗନ୍ନାଥ ସଂସ୍କୃତିର ମହିମାରେ ଉତ୍ସବମୁଖର ହୋଇଉଠିଛି ।

# ବୁଦାପେଷ୍ଟ କୁସ୍ତି ର୍‍ୟାଙ୍କିଂ ସିରିଜ୍ : କାଜଲଙ୍କୁ ସ୍ୱର୍ଣ୍ଣ



**ବୁଦାପେଷ୍ଟ**

ଭାରତର ୨୦ ବର୍ଷରୁ କମ୍ ବିଶ୍ୱବିଜୟିନୀ କୁସ୍ତିବିତ୍ କାଜଲ ଏଠାରେ ଚାଲିଥିବା ବୁଦାପେଷ୍ଟ କୁସ୍ତି ର୍‍ୟାଙ୍କିଂ ସିରିଜ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ରବିବାର ମହିଳା ୭୬ କିଲୋଗ୍ରାମ ଫାଇନାଲ୍‌ରେ ଏହି ଭାରତୀୟ ଯୁବତୀ ଆମେରିକାର ଡାଇମଣ୍ଡ ଗୁଇଲଫୋର୍ଡଙ୍କୁ ପରାସ୍ତ କରିଥିଲେ ।





## ବିଜେପିରୁ ଇସ୍ତଫା ଦେଲେ ସରପଞ୍ଚ ଚାମେଲି ଓଝା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କେନ୍ଦ୍ରାପଡ଼ା ତିର୍ତ୍ତିରିର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝା ବିଜେପିରୁ ଇସ୍ତଫା ଦେଇଛନ୍ତି । ବିଜେପି ତାଙ୍କ ପ୍ରତି ଅନ୍ୟାୟ କରିଥିବା ଅଭିଯୋଗ ଆଣି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଲୋୟର ପିଏମଜିରେ ସେ ବସିଥିବା ଧାରଣାସ୍ଥଳରୁ ଇସ୍ତଫା ନେଇ ଘୋଷଣା କରିଛନ୍ତି । ଚାମେଲି କହିଛନ୍ତି, ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ସେ ଅନେକ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କ ଅସୁବିଧା ବେଳେ କେହି ବରିଷ୍ଠ ନେତା ତାଙ୍କ ସମର୍ଥନରେ ଆସିନଥିଲେ । ଯେଉଁ ଦଳ ମହିଳାଙ୍କୁ ସମ୍ମାନ ଦେଉନି ସେ ଦଳରେ ରହିବାର ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି ।

## ୩ ୟୁରୋପୀୟ ଦେଶ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ:** ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁଙ୍କ ତିନି ରାଷ୍ଟ୍ର ଗସ୍ତ ଆରମ୍ଭ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ରବିବାର ସକାଳେ ରାଜଧାନୀ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ଏହି ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ନୂତନ ଗତି ଦେବ । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ଲେଖିଛି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଲଡୋଭା ଗଣରାଜ୍ୟ, ଉତ୍ତର ମାସିଡୋନିଆ ଗଣରାଜ୍ୟ ଏବଂ ରୋମାନିଆର ଏକ ସରକାରୀ ଗସ୍ତ ଆରମ୍ଭ କରିଛନ୍ତି । ଏହା ଜଣେ ଭାରତୀୟ ରାଷ୍ଟ୍ରପତିଙ୍କ ମାଲଡୋଭା ଏବଂ ଉତ୍ତର ମାସିଡୋନିଆର ପ୍ରଥମ ଗସ୍ତ ଏବଂ ତିନି ଦଶନ୍ଧି ମଧ୍ୟରେ ରୋମାନିଆକୁ ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ । ଗସ୍ତ ଏହି ତିନୋଟି ଦେଶର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ହେଉଛି । ଏହି ଗସ୍ତ ଜୁଲାଇ ୧୯ ରୁ ୨୫ ପର୍ଯ୍ୟନ୍ତ ଜାରି ରହିବ । ଏହି ଗସ୍ତର ଲକ୍ଷ୍ୟ ଏହି ୟୁରୋପୀୟ ଦେଶଗୁଡ଼ିକ ସହିତ ଭାରତର ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କକୁ ମଜବୁତ କରିବା ।

### ଘୋଷଣା ହେଲା ବର୍ଷା ସାହିତ୍ୟ ସମ୍ମାନ-୨୦୨୬

## ଗୁଣାତ୍ମକ ବହିକୁ ମିଳିବ ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ଅଗ୍ରଣୀ ପୁସ୍ତକ ପ୍ରକାଶନୀ ସଂସ୍ଥା, ବର୍ଷା ପବ୍ଲିକେସନ୍ ପକ୍ଷରୁ 'ଚତୁର୍ଥ ବର୍ଷା ସମ୍ମାନ-୨୦୨୬' ଘୋଷଣା କରାଯାଇଛି । ଆସନ୍ତା ଅଗଷ୍ଟ ମାସ ୨ ତାରିଖରେ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହେବାକୁ ଥିବା 'ଚତୁର୍ଥ ବର୍ଷା ଉତ୍ସବ'ରେ ଏହା ପ୍ରଦାନ କରାଯିବ । ବର୍ଷା ପବ୍ଲିକେସନ୍, ସବୁବେଳେ ଗୁଣାତ୍ମକ ମାନ ଥିବା ବହିର ସମ୍ମାନ କରିବା ସହିତ ଏହାର ପ୍ରକାଶ, ପ୍ରଚାର, ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ଲେଖକ ଅପେକ୍ଷା ଲେଖାକୁ ବା ସେମାନଙ୍କ କଳାତ୍ମକ କୃତିକୁ ଅଧିକ ସମ୍ମାନ ଦେବାରେ ବିଶ୍ୱାସ ରଖେ ବର୍ଷା ପବ୍ଲିକେସନ୍ । ସେହି କ୍ରମରେ ଚଳିତ ବର୍ଷର ଯେଉଁ ତିନୋଟି ପୁସ୍ତକକୁ ସମ୍ମାନୀତ କରାଯିବ,




ସେଗୁଡ଼ିକ ହେଲା ଯଥାକ୍ରମେ; 'ବର୍ଷା ନାଟକ ସମ୍ମାନ-୨୦୨୬' ପାଇଁ ବିଖ୍ୟାତ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ନାଟକ ପୁସ୍ତକ 'କବିଙ୍କ ନାମ ବେଦବ୍ୟାସ', ବର୍ଷା କବିତା ସମ୍ମାନ ପାଇଁ ବିଶିଷ୍ଟ କବି ରମାକାନ୍ତ ସାମନ୍ତରାୟଙ୍କ କବିତା ପୁସ୍ତକ 'ଅସରନ୍ତି ରେଖାଚିତ୍ର' ଏବଂ ବର୍ଷା ଉନ୍ମେଷ ସମ୍ମାନ ପାଇଁ ଯୁବ ପ୍ରାବନ୍ଧିକ ଦିପୁନ୍ ପୁହାଣଙ୍କ ପ୍ରବନ୍ଧ ପୁସ୍ତକ 'ଦେହ ଦେହଳୀର ପଦ୍ୟ'କୁ ନିର୍ବାଚିତ କରାଯାଇଛି । ଆଗାମୀ ଅଗଷ୍ଟ ୨ ତାରିଖ ଦିନ ଗୀତଗୋବିନ୍ଦ ସଦନରେ ହେବାକୁ ଥିବା ଏକଦିନବ୍ୟାପୀ କାର୍ଯ୍ୟକ୍ରମ 'ଚତୁର୍ଥ ବର୍ଷା ଉତ୍ସବ'ରେ ଏହା ପ୍ରଦାନ କରାଯିବ । ଏଥି ସହିତ ବର୍ଷା ପବ୍ଲିକେସନ୍ ପ୍ରକାଶିତ ଦଶରୁ ଊର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚନ, 'ପିଲାଦିନ' ଶୀର୍ଷକ ଏକ ଆଲୋଚନା ଚକ୍ର, କବି ବାଦଲ ମହାନ୍ତିଙ୍କ ଦୀର୍ଘ କବିତା 'ଆଖି'ର ଆଭାଷୀ ନାଟକ ପରିବେଷଣ, 'ପିଲାଦିନ' ଉପରେ ପର୍ଯ୍ୟବେସିତ ଓ ନିର୍ବାଚିତ ୧୨ଟି ମନୋଜ୍ଞ କବିତା ପାଠ, 'ପିଲାଦିନ' ସମ୍ପର୍କିତ ୫ଟି ଗଳ୍ପର ମୁଖ୍ୟାଂଶ ପାଠ । ଏବଂ ଶେଷରେ ଯୁବ ସିନେ ନିର୍ଦ୍ଦେଶକ ବିଶ୍ୱନାଥ ନାୟକଙ୍କ 'ପିଲାଦିନ' ବିଷୟବସ୍ତୁ ଆଧାରିତ ଦୁଇଟି କ୍ଷୁଦ୍ର ଚଳଚ୍ଚିତ୍ର ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ।
ଉକ୍ତ ଉତ୍ସବରେ ସାହିତ୍ୟାନୁରାଗୀ ବ୍ୟକ୍ତିବିଶେଷଙ୍କୁ ବିପୁଳ ସଂଖ୍ୟାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶ୍ରଦ୍ଧାଳୁ ପାଇଲେ ଆଡ଼ପ...

ଅଧର ପୋଛା ନୀତି ସମ୍ପାଦିତ ହୋଇଥିଲା । ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ଏଥି ପାଇଁ ରାତି ୯ଟାରୁ ରାତି ୩ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଖରା ଓ ପ୍ରବଳ ଗୁଳୁଗୁଳିକୁ ଖାତିର ନ କରି ଶରଧାବାଲିରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି । ଭକ୍ତ ଶ୍ରଦ୍ଧାଳୁ ବ୍ୟାରିକେଡ଼ରେ ପ୍ରବେଶ କରି ଗୁଣ୍ଡିଚା ମନ୍ଦିର ଭିତରକୁ ଯାଇ ଜନ୍ମବେଦୀରେ ମହାପ୍ରଭୁଙ୍କର ଦର୍ଶନ କରୁଛନ୍ତି । ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ହଠାତ୍ ପାଗରେ ପରିବର୍ତ୍ତନ ଯୋଗୁଁ ରବିବାର ପ୍ରବଳ ଖରା ଓ ଗୁଳୁଗୁଳି ହେଉଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ସହିତ ଠାକୁରଙ୍କ ନୀତି କାନ୍ତି କିଭଳି ଶୃଙ୍ଖଳିତ ଭାବେ ପରିଚାଳନା କରାଯାଇପାରିବ ସେନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ । ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ଜାରି ରହିଥିବାବେଳେ ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ଓ ସେବାୟତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଥିଲେ ମଧ୍ୟ ନୀତି କାନ୍ତିରେ ବିଳମ୍ବ ଘଟୁଛି । ସୋମବାର ହେରାପଞ୍ଚମୀ ଥିବାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି । ଏଣୁ ରବିବାର ଠାକୁରଙ୍କର ବନକଲାଗି ନୀତି ଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ପରେ ରାତ୍ର ୯ଟାରୁ ମଧ୍ୟରାତ୍ର ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ଗୁଣ୍ଡିଚା ମନ୍ଦିରରେ...

ହେବା ସହିତ ପ୍ରତ୍ୟେକ ଭକ୍ତଙ୍କ ପାଇଁ ସହଜ ଓ ସୁବିଧାଜନକ ଦର୍ଶନ ବ୍ୟବସ୍ଥା ନିଶ୍ଚିତ କରିବାକୁ ପୋଲିସ ପକ୍ଷରୁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

### ଜମ୍ମୁରେ ବନ୍ୟା...

ନୌଗାମ, କୁମକାଡିର ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକ ଏବଂ ବିଭିନ୍ନ ନାଳ, ନଦୀ ଓ ପାର୍ବତ୍ୟ ଅଞ୍ଚଳର ଆଖପାଖରେ ରହୁଥିବା ଲୋକମାନଙ୍କୁ ବାହାରକୁ ନ ଯିବା ପାଇଁ ପରାମର୍ଶ ଦେଇଛି ।

### ଭାରତ-ବାଂଲାଦେଶ ସୀମାରେ ସୀମା...

ଏକ 'ଇନଫ୍ରାରେଡ୍ ଆଲାର୍ମ ସିଷ୍ଟମ୍' ଏବଂ ସୀମାନ୍ତ ବାସିନ୍ଦା ଓ ଚାଷୀଙ୍କ ପାଇଁ ଗେଟ୍ ମ୍ୟାନେଜମେଣ୍ଟ ସିଷ୍ଟମର ମଧ୍ୟ ସେ ସମୀକ୍ଷା କରିଛନ୍ତି । ନରେନ୍ଦ୍ର ମୋଦୀ ସରକାର ଅନୁପ୍ରବେଶ, ନିଶାଦ୍ରବ୍ୟ ଚୋରା ଚାଲାଣ ଓ ଆର୍ଥିକ ଅପରାଧ ବିରୁଦ୍ଧରେ 'ଜିରୋ ଟଲରାନ୍ସ' ନୀତି ଆପଣାଇଛନ୍ତି ବୋଲି ଶାହ ପ୍ରକାଶ କରିଛନ୍ତି । ଏହି ଗସ୍ତ ସମୟରେ ଗୃହମନ୍ତ୍ରୀ ଭର୍ଚ୍ୟୁଆଲ୍ ମାଧ୍ୟମରେ ୪୭ କୋଟି ଟଙ୍କାର ତିନୋଟି ବିଏସଏଫ୍ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ୩୦ କୋଟି ଟଙ୍କା ବ୍ୟୟରେ ୪ କିଲୋମିଟର ଦୀର୍ଘ ସୀମା ବାଡ଼ ନିର୍ମାଣର ଶୁଭାରମ୍ଭ କରିଛନ୍ତି । ଆଗାମୀ ଦିନରେ ସୀମାକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିବା ପାଇଁ ଭୂତଳ ରାଡାର ବ୍ୟବସ୍ଥା, ଆଣ୍ଟି-ଡ୍ରୋନ୍ ଡିଭାଇସ୍ ଏବଂ ଅତ୍ୟାଧୁନିକ ଡ୍ରୋନ୍ ସର୍ଭେଲାନ୍ସ ସିଷ୍ଟମ୍ ମଧ୍ୟ ସୀମାନ୍ତରେ ମୁତୟନ କରାଯିବାର ଯୋଜନା ରହିଛି ।

### ପରୀକ୍ଷା ବ୍ୟବସ୍ଥା...

କହିଛନ୍ତି, 'ଦେଶର କୋଟି କୋଟି ପିଲାଙ୍କ ପାଇଁ ଶିକ୍ଷା ହେଉଛି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଏକମାତ୍ର ଭରସା । ବିଶ୍ୱର ପ୍ରତ୍ୟେକ ବିକଶିତ ରାଷ୍ଟ୍ରର ପ୍ରଗତି ପଛରେ ରହିଛି ଏକ ସୁଦୃଢ଼ ଶିକ୍ଷା ବ୍ୟବସ୍ଥା ଏବଂ ସ୍ୱଚ୍ଛ, ନିରପେକ୍ଷ ଓ ବିଶ୍ୱସନୀୟ ପରୀକ୍ଷା ପ୍ରଣାଳୀ । ଭାରତ ମଧ୍ୟ ଏହି ଶିକ୍ଷା ବ୍ୟବସ୍ଥାର ଶକ୍ତି ବଳରେ ଅନେକ ପିଢ଼ିର ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ଶିକ୍ଷକ ଓ ନବପ୍ରବର୍ତ୍ତକଙ୍କୁ ସୃଷ୍ଟି କରିଛି । ସେମାନଙ୍କ ଅବଦାନ ହିଁ ଆଧୁନିକ ଭାରତ ବିକାଶର ମୂଳ ଭିତ୍ତି । ବର୍ତ୍ତମାନ ପରିସ୍ଥିତିରେ ଏହି ସମଗ୍ର ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ଗୁରୁତର ଭାବେ କ୍ଷୁଣ୍ଣ ହୋଇଛି । ଏହା କେବଳ ଗୋଟିଏ ପରୀକ୍ଷାର ବିଫଳତା ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ ପ୍ରତି ଲୋକଙ୍କ ଆସ୍ଥାକୁ ଦୋହଲାଇ ଦେଇଛି । ଏଭଳି ଘଟଣା ପରିଶ୍ରମୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ମନରେ ଏହି ଧାରଣା ସୃଷ୍ଟି କରୁଛି ଯେ, କଠିନ ପରିଶ୍ରମର ଆଉ କୌଣସି ମୂଲ୍ୟ ନାହିଁ । ନବୀନ ଆହୁରି ମଧ୍ୟ କହିଛନ୍ତି, 'ଆର୍ଥିକ ଭାବେ ପଛୁଆ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ହିଁ ଦାରିଦ୍ର୍ୟରୁ ମୁକ୍ତି ପାଇବାର ସବୁଠୁ ବଡ଼ ସୋପାନ । ସେହି ସୁଯୋଗକୁ ଦୁର୍ବଳ କରିବା ଅର୍ଥ ଦେଶର ଭବିଷ୍ୟତକୁ ବିପଦ ମୁହଁକୁ ଠେଲି ଦେବା ସହ ସମାନ । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ ସହ ଜଡ଼ିତ ଏଭଳି ଗମ୍ଭୀର ପ୍ରସଙ୍ଗକୁ ସଂସଦରେ ସର୍ବାଧିକ ଗୁରୁତ୍ୱ ଦେଇ ଆଲୋଚନା କରାଯିବା ଉଚିତ । ପ୍ରଶ୍ନପତ୍ର ଲିକ୍, ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଓ ପରୀକ୍ଷା ପରିଚାଳନାରେ ଥିବା ବ୍ୟବସ୍ଥାଗତ ଦୁର୍ବଳତାର ପୁନରାବୃତ୍ତି ଯେପରି ନ ଘଟେ, ସେଥିପାଇଁ ଦୃଢ଼ ଓ ସ୍ଥାୟୀ ସଂସ୍କାର ଅତ୍ୟାବଶ୍ୟକ । ଏହା ସହିତ ଏଭଳି ବିଶ୍ୱାସଘାତ ପାଇଁ ଦାୟୀ ବ୍ୟକ୍ତି ଓ ସଂସ୍ଥାଙ୍କ ବିରୋଧରେ ଉତ୍ତରଦାୟିତ୍ୱ ମଧ୍ୟ ନିର୍ଦ୍ଧାରଣ କରାଯିବା ଦରକାର ।' ନବୀନ ଆହୁରି ମଧ୍ୟ କହିଛନ୍ତି, 'ଏହି ପ୍ରସଙ୍ଗକୁ ରାଜନୀତିର ସୀମା ମଧ୍ୟରେ ବନ୍ଦୀ କରି ନ ରଖି ସରକାର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ଖୋଲାମନରେ ଆଲୋଚନା ଆରମ୍ଭ କରିବା ଉଚିତ । ସେମାନଙ୍କ ମତାମତ ଓ ଅଭିଯୋଗ ରଖିବା ପାଇଁ ଉପଯୁକ୍ତ ମଞ୍ଚ ଯୋଗାଇ ଦିଆଯିବା ଆବଶ୍ୟକ । ଏକ ସୁସ୍ଥ ଓ ସଜୀବ ଗଣତନ୍ତ୍ରରେ ନୀରବତା ନୁହେଁ, ବରଂ ସଂଳାପ ହିଁ ସମାଧାନର ପଥ । ବିଶେଷକରି ଯେତେବେଳେ ଏହି ସଂଳାପ ଦେଶର ଯୁବପିଢ଼ିଙ୍କ ସହ ଜଡ଼ିତ, ସେତେବେଳେ ଏହାର ଗୁରୁତ୍ୱ ଆହୁରି ବଢ଼ିଯାଏ । ଦେଶର ଯୁବପିଢ଼ି ଓ ଛାତ୍ରସମାଜ ନେତୃତ୍ୱଙ୍କଠାରୁ ଦିଗ୍‌ଦର୍ଶନ ଓ ନ୍ୟାୟସଙ୍ଗତ ପଦକ୍ଷେପ ଆଶା କରୁଛନ୍ତି । ସେମାନଙ୍କ ବିଶ୍ୱାସକୁ ଭାଙ୍ଗିବାର ସୁଯୋଗ ଆମେ ଦେଇପାରିବା ନାହିଁ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ସହ ଆନ୍ତରିକ ଓ ସକାରାତ୍ମକ ସଂଳାପ ହିଁ ଗଣତନ୍ତ୍ର, ଶିକ୍ଷା ବ୍ୟବସ୍ଥା ଏବଂ ଦେଶର ନେତୃତ୍ୱ ପ୍ରତି ଯୁବପିଢ଼ିଙ୍କ ବିଶ୍ୱାସକୁ ପୁନଃ ସୁଦୃଢ଼ କରିପାରିବ ।' ନବୀନ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି, 'ଦେଶର ଯୁବକ ଓ ଛାତ୍ରଛାତ୍ରୀଙ୍କ ନ୍ୟାୟ ସଙ୍ଗତ ସ୍ୱାର୍ଥ ସୁରକ୍ଷା ପାଇଁ ବିଜେଡି ସଦା ସେମାନଙ୍କ ସହ ଦୃଢ଼ତାର ସହ ଛିଡ଼ା ହୋଇଛି ।' ଯନ୍ତରମନ୍ତରରେ ଚାଲିଥିବା ଆନ୍ଦୋଳନକୁ ନବୀନଙ୍କ ବାର୍ତ୍ତା ଏକ ପ୍ରକାର ସମର୍ଥନ ବୋଲି ଆକଳନ କରାଯାଉଛି । ସେହିପରି ବିଜେଡି ଉକ୍ତ ଆନ୍ଦୋଳନରେ ସାମିଲ ହେବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

### ରାଜ୍ୟରେ ନୀଳ ଅର୍ଥନୀତିକୁ ...

କୁଳପତି ଓ ବିଭାଗୀୟ ମନ୍ତ୍ରୀଙ୍କୁ ମହାବିଦ୍ୟାଳୟର ଡିନ୍ ତଥା କନକ୍ଲେଭର ସଂଯୋଜକ ପ୍ରଫେସର ନିତ୍ୟାନନ୍ଦ ଦାସ ସାଧୁବାଦ ଜଣାଇଥିଲେ । ବର୍ତ୍ତମାନ ଆମେ ଅଗଭୀର ସମୁଦ୍ର ମଧ୍ୟକୁ ଯାଇପାରିବା ଓ ଏଥିପାଇଁ ନୀତି ନିର୍ଦ୍ଧାରଣ ହୋଇ ସାରିଥିବା କହିଛନ୍ତି ମନ୍ତ୍ରୀ । ଏହାରି ମାଧ୍ୟମରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିପାରିବା । ଓଡ଼ିଶାରୁ ପ୍ରତ୍ୟେକ ବର୍ଷ ପାଖାପାଖି ୫୫୦୦କୋଟି ଟଙ୍କାର ମାଛ ବାହାରକୁ ରପ୍ତାନୀ ହେଉଛି । ଆଗାମୀ ଦିନରେ ଏହି ସଂଖ୍ୟାକୁ ୨୫ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ରଖାଯାଇଛି । ପୂର୍ବରୁ ଦୁଇ କିଲୋମିଟର ମଧ୍ୟରେ ଚିଙ୍ଗୁଡ଼ି ଚାଷ କରାଯାଇପାରୁଥିଲା ତାହା ବର୍ତ୍ତମାନ କ୍ୟାବିନେଟ ଅନୁମତି ପରେ ସମୁଦ୍ରର ହାଇଟାଇଡ୍ ଅଞ୍ଚଳର ୧୦ କିଲୋମିଟର ପର୍ଯ୍ୟନ୍ତ କରାଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ଡବଲ ଇଞ୍ଜିନ ସରକାରରେ ମତ୍ସ୍ୟଜୀବୀଙ୍କ ପାଇଁ ଡବଲ ପଲିସି ରହିଥିବା ମନ୍ତ୍ରୀ କହିଛନ୍ତି । 'ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା ଆସିଛି । ଏହି ଦୁଇ ଯୋଜନାରେ ଚାଷୀଙ୍କ ପାଇଁ ପୋଖରୀ ଖୋଳିବା ଠାରୁ ଆରମ୍ଭ କରି ଯାଆଁଳା ପ୍ରଦାନ, ମାଛ ଖାଦ୍ୟ ପ୍ରଦାନ ଠାରୁ ନେଇ ବଜାରରେ ବିକ୍ରି କରି ଭାଲ୍ୟୁ ଆଡିସନ କରିବା ପର୍ଯ୍ୟନ୍ତ ସବ୍-ସିଡିର ବ୍ୟବସ୍ଥା କରାଯାଇଛି । ଯାହାକି ମାଛଚାଷ ପାଇଁ ସମସ୍ତଙ୍କ ଆଗ୍ରହ ବୃଦ୍ଧି ପାଉଛି,' ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟରେ ଦୁଇ ଦିନିଆ ଜାତୀୟ କନକ୍ଲେଭ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଭାରତ ସରକାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରଫେସର ଜି. ଜୟସୀକରନ ଯୋଗ ଦେଇ ମତ୍ସ୍ୟ ଉଦ୍ୟୋଗିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ନିଜ ବକ୍ତବ୍ୟରେ ମତ୍ସ୍ୟ ଯୋଜନା ପ୍ରଣୟନ ଦ୍ୱାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ବାଖ୍ୟା କରିବା ସହିତ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ହେବା ଦ୍ୱାରା ଆତ୍ମନିଯୁକ୍ତି ସୃଷ୍ଟି ହୋଇପାରୁଥିବା କହିଥିଲେ । 'ଅଭିନବ ଉପାୟରେ ମତ୍ସ୍ୟ ସମ୍ପଦକୁ ବ୍ୟବହାର କରି ଭିନ୍ନ ପ୍ରକାର ମୂଲ୍ୟ ଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ କରିବା ଦ୍ୱାରା ମାଛର ଚାହିଦା ବଢ଼ିବା ସହିତ ମତ୍ସ୍ୟ ଉଦ୍ୟୋଗୀ ସୃଷ୍ଟି ହୋଇପାରିବ' ବୋଲି ମହାବିଦ୍ୟାଳୟର ଡିନ୍ ତଥା କନକ୍ଲେଭର ସଂଯୋଜକ ପ୍ରଫେସର ନିତ୍ୟାନନ୍ଦ ଦାସ କହିଥିଲେ । ଏହି କାର୍ଯ୍ୟକ୍ରମରେ ଦେଶର ଭିନ୍ନ ଭିନ୍ନ ରାଜ୍ୟ ଯଥା ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବିହାର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ଗୁଜୁରାଟରେ ରହିଥିବା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ଓ ଦେଶର ଭିନ୍ନ ଭିନ୍ନ ସ୍ଥାନରୁ ମତ୍ସ୍ୟବିଜ୍ଞାନୀ, ଅଧ୍ୟାପକ, ମତ୍ସ୍ୟ ବ୍ୟବସାୟୀ, ପ୍ରଶାସକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

### ମହାପ୍ରଭୁଙ୍କ ଦୁର୍ଲଭ ଶ୍ରୀଅଙ୍ଗ...

କାର୍ଯ୍ୟ କରାଯାଇଛି । ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଝୋବା କଣ୍ଠୀର ଗଣତି ମଣତି କାର୍ଯ୍ୟ ହୋଇ ହୋଇପାରିନାହିଁ । ନୀଳାଦ୍ରି ବିଜେ ପୂର୍ବରୁ ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗି ୯ଟି ଅଳଙ୍କାରର ଗଣତି ଓ ମେଳକ କରାଯାଇଛି । ଶ୍ରୀଜୀଉଙ୍କ ଅଣ୍ଟା ପଟି ବା ରୂପାରସିକ ଶୁଆ ଥଣ୍ଟିଆ ତିନୋଟି, ରାହୁ ରେଖା ୩ଟି, ରତ୍ନ ଚିତା ତିନୋଟିର ଗଣତି ଓ ମେଳକ ହୋଇଛି । ସମସ୍ତ ଅଳଙ୍କାରର ଓଜନ ମାପ ପରେ, ଥ୍ରୀଡି ମ୍ୟାପିଂ, ଭିଡିଓଗ୍ରାଫି ସହ ରତ୍ନ ବିଶାରଦମାନଙ୍କ ଦ୍ୱାରା ମୂଲ୍ୟବାନ ରତ୍ନ ଗୁଡ଼ିକର ଚିହ୍ନଟ କରାଯାଇଥିଲା । ଖଟଶେଯ ଘରେ ଏହି ମୂଲ୍ୟବାନ ଅଳଙ୍କାର ସବୁର ଗଣତି ଓ ମେଳକ କାର୍ଯ୍ୟ ହୋଇଥିଲା । ଏ ସମସ୍ତ ଅଳଙ୍କାର ଚଳନ୍ତି ଭଣ୍ଡାରର ଅଂଶ ବିଶେଷ ହୋଇଥିଲେ ହେଁ ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି କରାଯାଇ ପାରିନଥିଲା । ତେବେ ସ୍ନାନ ପୂର୍ଣ୍ଣିମା ପରେ ରାହୁ ରେଖା, ଚିତା, ଅଣ୍ଟା ପଟି ଓଲାଗି ହୋଇଥିବା ବେଳେ ନୀଳାଦ୍ରି ବିଜେ ପୂର୍ବରୁ ଏହି ଅଳଙ୍କାର ସବୁର ଗଣତି କାର୍ଯ୍ୟ ହୋଇଛି । ତେବେ ଶ୍ରୀଜୀଉଙ୍କ ଝୋବାକଣ୍ଠୀ ଏବେ ବି ଶ୍ରୀଅଙ୍ଗରେ ଲାଗି ହୋଇଥିବାରୁ ଏହାର ଗଣତି ହୋଇ ପାରିନାହିଁ । ରବିବାର ପୂର୍ବାହ୍ନ ୧୧ଟା ୩୧ରୁ ଗଣତି କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ଣ ୧ଟା ୫୮ ମିନିଟ୍ ପର୍ଯ୍ୟନ୍ତ ହୋଇଥିଲା । ପ୍ରାୟ ୨ ଘଣ୍ଟା ୨୭ ମିନିଟ୍ ଗଣତି ମଧ୍ୟରେ ୯ଟି ଯାକ ଅଳଙ୍କାରର ଗଣତି, ଓଜନ, ଭିଡିଓ ଗ୍ରାଫି, ଥ୍ରୀଡି ମ୍ୟାପିଙ୍ଗ କାର୍ଯ୍ୟ ଶେଷ ହୋଇଥିଲା । ତେବେ ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭୮ ଘଣ୍ଟା ୩ ମିନିଟର ଗଣତି କାର୍ଯ୍ୟ ହୋଇଛି । ରବିବାର ଗଣତି ମଣତି କାର୍ଯ୍ୟ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ, ଜେମୋଲୋଜିଷ୍ଟ, ଛତିଶା ନିଯୋଗ ନାୟକ, ଦେଉଳକରଣ, ତଢଉକରଣ, ଭଣ୍ଡାର ମେକାପଙ୍କ ସହିତ ପ୍ରାଧିକୃତ ସେବାୟତ ଉପସ୍ଥିତ ଥିଲେ ।

### ଓଡ଼ିଶାରେ ୧୩% ଛାତ୍ରଛାତ୍ରୀ...

(୯-୧୦) ସ୍ତରରେ ଡ୍ରପ୍ ଆଉଟ୍ ହାର ୧୩.୭% ଥିବାବେଳେ ଛାତ୍ରଙ୍କ ଡ୍ରପ ଆଉଟ ହାର ୧୬.୧% ଏବଂ ଛାତ୍ରୀଙ୍କ ଡ୍ରପ୍ ଆଉଟ୍ ହାର ୧୧.୨%. ରହିଛି । ଦେଶର ଅନ୍ୟାନ୍ୟ ରାଜ୍ୟର ସ୍ଥିତି ଦେଖିଲେ ଜଣାଯାଏ, ଅରୁଣାଚଳ ପ୍ରଦେଶରେ ମାଧ୍ୟମିକ ଶିକ୍ଷାରେ ଡ୍ରପ୍ ଆଉଟ୍ ହାର ୧୩.୦%, ଆସାମରେ ୧୪.୩%, ଛତିଶଗଡ଼ରେ ୧୬.୧%, ଡାମନ ଡିୟୁରେ ୧୨.୪%, ଗୁଜୁରାଟରେ ୧୫.୭%, ଜମ୍ମୁକାଶ୍ମୀରରେ ୧୧.୬%, କର୍ଣ୍ଣାଟକରେ ୧୮.୧%, ଲଦାଖରେ ୧୬.୮%, ମଧ୍ୟପ୍ରଦେଶରେ ୧୩.୦%, ନାଗାଲାଣ୍ଡରେ ୧୩.୩%, ସିକିମରେ ୧୩.୧% ଏବଂ ତ୍ରିପୁରାରେ ଡ୍ରପ୍ ଆଉଟ୍ ହାର ୧୦.୪% ରହିଛି । ସେହିପରି ଓଡ଼ିଶାରେ ୬୧,୫୯୪ ସ୍କୁଲ ରହିଥିବା ବେଳେ ସେଥିମଧ୍ୟରୁ ୪୮,୬୦୩ ସରକାରୀ ସ୍କୁଲ ରହିଛି । ୪୧,୨୪୩ ସ୍କୁଲରେ କମ୍ପ୍ୟୁଟର କାର୍ଯ୍ୟକ୍ଷମ ରହିଛି । ସେହିପରି ଓଡ଼ିଶାରେ ଇଣ୍ଟରନେଟ କଥା ଦେଖିଲେ ୪୮,୬୦୩ ସ୍କୁଲ ମଧ୍ୟରୁ ୩୯,୬୯୩ ସ୍କୁଲରେ ଇଣ୍ଟରନେଟ ବ୍ୟବସ୍ଥା ରହିଛି । ସ୍କୁଲମାନଙ୍କରେ ବର୍ଷା ଜଳ ସଂରକ୍ଷଣ ବାବଦରେ ୪୮,୬୦୩ ସ୍କୁଲ ମଧ୍ୟରେ ମାତ୍ର ୨୬,୨୨୮ ସ୍କୁଲରେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ରିପୋର୍ଟରେ ରାଜ୍ୟରେ ଶିକ୍ଷାଦାନର ବିକଳ ଚିତ୍ର ନଜରକୁ ଆସିଛି । ୨୦୨୪-୨୫ ୟୁଡିଆଇଏସଇ+ର ତଥ୍ୟ ଅନୁସାରେ, ଓଡ଼ିଶାରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ୨୩ ରହିଛି । ବିଦ୍ୟାଳୟ ପିଛା ହାରାହାରି ଶିକ୍ଷକ ସଂଖ୍ୟା ୬ ଥିବାବେଳେ ହାରାହାରି ନାମଲେଖା ୧୨୬ ରହିଛି । ୧୪୫୮ଟି ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକରେ ପାଠ ପଢ଼ା ଚାଲିଛି । ୨୦୨୪ -୨୫ରେ ଏହି ସଂଖ୍ୟା ଥିଲା ୧୦୮୯ । ଜଣେ ଲେଖାଏଁ ଶିକ୍ଷକରେ ପରିଚାଳିତ ହେଉଥିବା ବିଦ୍ୟାଳୟରେ ୨୦୨୪-୨୫ରେ ୫୭ ହଜାର ୯୪୦ ପିଲାଙ୍କ ନାମଲେଖା ହୋଇଥିବା ବେଳେ ୨୦୨୫-୨୬ରେ ଏହି ସଂଖ୍ୟା ୪୯ ହଜାର ୬୭୨ରେ ପହଞ୍ଚିଛି । ଶିକ୍ଷାବିତ୍ ଜଲିଲ ଖାଁ କହିଛନ୍ତି, ଆର୍ଥିକ ସମସ୍ୟା, ପରିବାରର ଦାୟିତ୍ୱ, ବାଲ୍ୟ ବିବାହ, ଶିଶୁ ଶ୍ରମ, ସ୍କୁଲର ଦୂରତା, ଯାତାୟାତ ସୁବିଧାର ଅଭାବ ଏବଂ ସାମାଜିକ କାରଣ ଏହି ଡ୍ରପ୍-ଆଉଟ୍ ହାର ବଢ଼ିବାର ପ୍ରମୁଖ କାରଣ । ବିଶେଷ କରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ଏହି ସମସ୍ୟା ଅଧିକ ଦେଖାଯାଉଛି । ଯଦିଓ ସରକାର ମାଗଣା ପାଠ୍ୟପୁସ୍ତକ, ଛାତ୍ରବୃତ୍ତି, ମଧ୍ୟାହ୍ନ ଭୋଜନ, ସାଇକେଲ ବଣ୍ଟନ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ସ୍କୁଲ ଛାଡ଼ିବା ପ୍ରବଣତା କମାଇବାକୁ ପଦକ୍ଷେପ ନେଉଛନ୍ତି, ତଥାପି ଏହି ରିପୋର୍ଟ ଦର୍ଶାଉଛି ଯେ ଆହୁରି ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି । ଡ୍ରପ୍-ଆଉଟ୍ ହାର କମାଇବା ପାଇଁ ପରିବାର, ବିଦ୍ୟାଳୟ, ସମାଜ ଓ ସରକାରଙ୍କ ସମନ୍ୱିତ ପଦକ୍ଷେପ ଅତ୍ୟନ୍ତ ଜରୁରୀ' ବୋଲି ସେ ମତ ପ୍ରକାଶ କରିଛନ୍ତି ।

### ଇଣ୍ଡିଆନ ଷ୍ଟାଣ୍ଡାର୍ଡ ଟାଇମ୍...

ଭୌତିକ ପ୍ରୟୋଗଶାଳା ଓ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଙ୍ଗଠନ (ଇସ୍ରୋ)ଙ୍କ ଏକ ମିଳିତ ଉପକ୍ରମ । ମନ୍ତ୍ରଣାଳୟ କହିଛନ୍ତି ଯେ ଏହି ପ୍ରଣାଳୀ ପ୍ରିସିଜନ ଟାଇମ୍ ପ୍ରୋଟକଲ ଆଧାରିତ ହ୍ୱାଇଟ୍ ରାବିଟ ଟେକ୍ନୋଲଜି ମାଧ୍ୟମରେ ଭାରତୀୟ ମାନକ ସମୟ (ଆଇଏସଟି)ର ପ୍ରସାର କରୁଛି, ଯାହା ଜାତୀୟ ସମୟ ନିର୍ଦ୍ଧାରଣ ସଂସ୍ଥା ୟୁଟିସି ସହିତ ସଂଯୁକ୍ତ । ଏହି ପ୍ରଯୁକ୍ତି ବ୍ୟାଙ୍କିଙ୍ଗ ଦୂରସଞ୍ଚାର, ବିଦ୍ୟୁତ ଗ୍ରୀଡ୍, ପରିବହନ ଓ ଡିଜିଟାଲ ପ୍ରଶାସନ ଭଳି କ୍ଷେତ୍ରରେ ଅତ୍ୟଧିକ ସଠିକ ସମୟ ସମନ୍ୱୟ ଉପଲବ୍ଧ କରାଉଛି । ମନ୍ତ୍ରଣାଳୟ କହିଛନ୍ତି ଯେ ସିଏସଆଇଆର-ଏନପିଏଲ ସହିତ ମିଶି ଉପଭୋକ୍ତା ବ୍ୟାପାର ବିଭାଗ, ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି), ଏନଏସଇ ଓ ସରକାରୀ ଦୂରସଞ୍ଚାର କମ୍ପାନୀ ବିଏସଏନଏଲ ବେଙ୍ଗାଲୁରୁ ପ୍ରୟୋଗଶାଳା ଓ ଏନଏସଇର ଚେନ୍ନାଇ ୟୁନିଟ୍ ମଧ୍ୟରେ ସୁରକ୍ଷିତ ସମୟ ପ୍ରସାରଣର ସତ୍ୟାପନ ପରୀକ୍ଷଣ ମଧ୍ୟ ପୂରା କରିଛି ।

## ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଲୋକସେବା ଭବନ ପ୍ରବେଶ କଟକଣାକୁ ଘୋର ବିରୋଧ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଚୟନ ହୋଇଥିବା ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ବିରୋଧ କରି ଏକ ଜରୁରୀକାଳୀନ ବୈଠକ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି ।
ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବ ବିଜେଡ଼ି ସରକାରରେ କରୋନା ମହାମାରୀକୁ ପାଥେୟ କରି ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଲୋକସେବା ଭବନ ପ୍ରବେଶ ଉପରେ ରୋକ ଲଗାଯାଇଥିଲା । କରୋନା ମହାମାରୀ ପରେ ମଧ୍ୟ ଏହି କଟକଣା ବଳବତ୍ତର ରହିଥିଲା । ଏହା ଓଡ଼ିଶାର ସାମ୍ବାଦିକମାନଙ୍କ ମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଥିଲା । ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କର୍ତ୍ତବ୍ୟରତ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ବିଭାଗ ଦ୍ୱାରା ପ୍ରଦତ୍ତ ପରିଚୟ



ପତ୍ରକୁ ଧରି ଲୋକସେବା ଭବନ ଖବର ସଂଗ୍ରହ ପାଇଁ ଯାଉଥିଲେ । ଗତ ବିଜେଡ଼ି ସରକାର ଏହି ଲୋକସେବା ଭବନ ବାରଣ ଦଳର ନିର୍ବାଚନ ପରାଜୟର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ସାରା ରାଜ୍ୟରେ ଆଲୋଚନା ହୋଇଥିଲା । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ଓଡ଼ିଶାରେ ଶାସନ କ୍ଷମତାକୁ ଆସିଲା । ଏହାରି ଭିତରେ ଦୁଇବର୍ଷ ଅତିକ୍ରାନ୍ତ ହୋଇସାରିଲାଣି । ପୂର୍ବ ବିଜେଡ଼ି ସରକାର ଯେଉଁ ସାମ୍ବାଦିକ ମାରଣ ନୀତି ଆପଣେଇଥିଲା ଏବେ ବିଜେପି ସରକାର ମଧ୍ୟ ସମାନ ନୀତି ଆପଣେଇଛି । କର୍ତ୍ତବ୍ୟରତ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ଲୋକସେବା ଭବନ ସହିତ ଅନ୍ୟାନ୍ୟ ସରକାରୀ ସଂସ୍ଥାକୁ ପ୍ରବେଶ ଉପରେ ରୋକ ଲଗାଯାଇଛି । ଏହାକୁ ସାମ୍ବାଦିକମାନେ ଘୋର ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରତିବାଦ ଲେଖା ପଠାଯିବା ସହିତ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଉକ୍ତ ବୈଠକରେ ଏକ ଚିଠା ପ୍ରସ୍ତାବ ପାରିତ ହୋଇଥିଲା । ବୈଠକରେ ସାମ୍ବାଦିକ ବିଭୂତି ଭୂଷଣ କର, ପାର୍ଥସାରଥୀ ଜେନା, ରମେଶ ମହାନ୍ତି, ଦେବକାନ୍ତ ମହାପାତ୍ର, ସନ୍ଦୀପ ମିଶ୍ର, ପ୍ରିୟରଞ୍ଜନ ସାହୁ, ବିବେକାନନ୍ଦ ଜେନା, ଅବିନାଶ ମିଶ୍ର, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ଡଃ ମାଧବାନନ୍ଦ ବେହୁରା, ପ୍ରସନ୍ନ ମହାନ୍ତି, ମହେଶ୍ୱର ରଥ, ସନାତନ ଦଳବେହେରା ଓ ଅନ୍ୟ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

## ପେଶାଦାର ଠକକୁ ଗିରଫ କଲା ମଙ୍ଗଳାବାଗ ଥାନା ପୋଲିସ୍



**କଟକ, ନ୍ୟୁଜ ବ୍ୟୁରୋ**
ବିଶ୍ୱାସରେ ବିଷ ଦେଇ ଠକି ନେଇଛି ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା । କେବେ ସରକାରୀ ଅଧିକାରୀ ତ କେବେ ସମାଜସେବୀ ଆଉ କେବେ ଶଶଧର ସାଜିଥିଲା ପ୍ରତିଷ୍ଠିତ ବ୍ୟବସାୟୀ । ଭଲ ଭାବରେ ଦେଖନ୍ତୁ ଭଦ୍ରମୁଖା ପିନ୍ଧା ଶଶଧର ପଣ୍ଡାଙ୍କୁ । ସରଳ ଓ ଶିକ୍ଷିତ ଭଳି ଦିଶୁଥିବା ଶଶଧର ବାସ୍ତବରେ ବଡ଼ ୪୨୦ । ଭଦ୍ରକ ଜିଲ୍ଲା ଧୁଷୁରୀ ଅଞ୍ଚଳର ଶଶଧର ପଣ୍ଡା କଟକ ସିଡ଼ିଏ ଅଞ୍ଚଳରେ ରହୁଥିଲା । ବିଭିନ୍ନ ସ୍ଥାନରେ ନିଜକୁ ବିଇଓ, ରେଲୱେ ଅଧିକାରୀ, ବଡ଼ ବ୍ୟବସାୟୀ କିମ୍ବା ସମାଜସେବୀ ବୋଲି ପରିଚୟ ଦେଇ ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଉଥିଲା । ଆଉ ଲୋକେ ବିଶ୍ୱାସ କରିବା ପରେ 'ମୁଙ୍ଗେରୀ ଲାଲ୍ କି ହସିନ ସପନେ' ଦେଖାଇ କୋଟି କୋଟି ଟଙ୍କା ଚଳୁ କରୁଥିଲା । ଏକ ଜମି ବାବଦକୁ ୨୦ ଲକ୍ଷ ଟଙ୍କା ଠକେଇ ନେଇ କଟକ ମଙ୍ଗଳବାଗ ଥାନାରେ ଅଭିଯୋଗ ପରେ ଶଶଧର ପଣ୍ଡାଙ୍କୁ ଗିରଫ କରିଛି ପୋଲିସ । ଆଉ ଶଶଧର ଗିରଫ ହେବା ପରେ ଗୋଟିଏ ପରେ ଗୋଟିଏ କଳା ଚିଠା ସାମ୍ନାକୁ ଆସିଛି । ବାଲିଅନ୍ତାରୁ ବାଲେଶ୍ୱର, ପୁରୀରୁ ପାରାଦ୍ୱୀପ ଚାରିଆଡ଼େ ଲମ୍ବିଛି ଶଶଧରର ଠକେଇ ଚେର । ଶଶଧର ପଣ୍ଡାର ଠକେଇ ତାଲିକା ବି ବେଶ୍ ଲମ୍ବା । ବାଲିଅନ୍ତାରୁ ୨ କୋଟି ୨୪ ଲକ୍ଷ, ଭଦ୍ରକ ରୁରାଲ ଥାନା ଅଞ୍ଚଳରେ ୬୪ ଲକ୍ଷ, ନିମାପଡ଼ାରେ ୫୮ ଲକ୍ଷ ଠକିଛି । ଭଦ୍ରକ ଟାଉନ ଥାନା, ବନ୍ଧ ମୁଣ୍ଡା ଥାନାରେ ଠକେଇ ଅଭିଯୋଗ ସହ ଇଓଡବ୍ଲୁ ରେ ୩ କୋଟି ୫୦ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ରହିଛି । ତେବେ ଏକାଧିକ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ ମଧ୍ୟ ନିଜ ପ୍ରକୃତି ଛାଡ଼ି ନାହିଁ ଶଶଧର । ଠକେଇର ବୁଡ଼ି ଆଣି ଜାଲ ବୁଣି ଜଣଙ୍କ ପରେ ଜଣଙ୍କୁ ଠକିଛି । ଶଶଧର ନାଁରେ ମାଳମାଳ ଅଭିଯୋଗ, ଥାନାରେ ଅଭିଯୋଗକାରୀଙ୍କ ଲମ୍ବା ଲାଇନ । ଯଦି ଆଉ କେହି ଠକେଇର ଶିକାର ହୋଇଛନ୍ତି, ତେବେ ପୋଲିସର ସହାୟତା ନେବାକୁ ଅପିଲ କରିଛନ୍ତି କଟକ ଡିସିପି ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଭକ୍ତି ଓ ଆଧାତ୍ମିକତାରେ ଭରପୂର 'ଗୁହାରି-୨୦୨୬'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏବଂ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି-୨୦୨୬'ର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ରଥଯାତ୍ରାର ମାହାତ୍ମ୍ୟକୁ ଆଧାର କରି ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ଗୁଣ୍ଡିଚା ଯାତ୍ରା ଅବସରରେ ଆୟୋଜିତ ଏହି ସଙ୍ଗୀତ ସନ୍ଧ୍ୟା ବିଶ୍ୱର ଲକ୍ଷ ଲକ୍ଷ ଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭକ୍ତିଭାବକୁ ସଙ୍ଗୀତ ମାଧ୍ୟମରେ ଜୀବନ୍ତ କରିଥିଲା । ଭକ୍ତିମୟ ପରିବେଶ ଓ ଆଧାତ୍ମିକ ଆବେଗରେ ପୂର୍ଣ୍ଣ ଏହି ସନ୍ଧ୍ୟା ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଦ୍ୱିତୀୟ ସନ୍ଧ୍ୟାର ପ୍ରଥମ ଗାୟିକା ଥିଲେ ଆଶାଲତା ଷଡଙ୍ଗୀ ସେ ପରିବେଷଣ କରିଥିଲେ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ମାନ ଉଦ୍ଧାରଣ କର ହେ କାରଣ ଓ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ରଚିତ ମଣିମା ସୁଣିମା ହେଉ । ପରେ ପରେ ପ୍ରଫୁଲ୍ଲ ଚରଣ ବେହେରା ସାରିଆ ଭାଇଙ୍କ ରଚିତ ଥକା ମନ ଚାଲ ଯିବା ଓ ସାଲବେଗଙ୍କ ରଚିତ ମିଛ ମାୟାକୁ ବାନ୍ଧିଛୁ ଶୂନ୍ୟ ବେଳା ଗାୟନ କରିଥିଲେ । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଶ୍ରୀ କୃଷ୍ଣଙ୍କ ବଂଶୀ ଧ୍ୱନୀ ଓ ଏହି କଥାରେ ମୋ ମନ ଯାହାକୁ ଗାୟନ କରିଥିଲେ ହରପ୍ରିୟା ସ୍ୱାଇଁ । ତା ପରେ ବିଶ୍ୱନାଥ ମିଶ୍ର ପରିବେଷଣ କରିଥିଲେ ବନମାଳୀଙ୍କ ରଚିତ ମଣିମା ହେ ଏତିକି ମାଗୁଣି ଓ ଦୀନକୃଷ୍ଣ ଦାସଙ୍କ ଦ୍ୱାରା ରଚିତ ଜଗବନ୍ଧୁ ପରି ଜଣେ ସାମନ୍ତ । ପରେ ପରେ ମନ୍ଦାକିନୀ ଶ୍ରେୟାଙ୍କ ପ୍ରସ୍ତୁତିରେ ଥିଲା ପ୍ରଭୁ କି ସୁନ୍ଦର ଦିଶ ଓ ଆହେ ନୀଳାଦ୍ରି ବିହାରି । ପରବର୍ତ୍ତୀ ଗାୟକ ଥିଲେ ଶରତ ବାରିକ ସେ ପ୍ରଥମେ ବୀରକିଶୋରଙ୍କ ରଚିତ ପତିତପାବନ ବାନା ଓ ପରେ ପରେ ଗୌରଚରଣ ଅଧିକାରୀଙ୍କ ରଚିତ ରାଧେ ଗୋବିନ୍ଦ ଭଜ ଗାୟନ କରିଥିଲେ । ପରବର୍ତ୍ତୀ ସଙ୍ଗୀତଟି ଥିଲା ଦୀନକୃଷ୍ଣ ଦାସଙ୍କ ରଚିତ ଜୟ ଜୟ ଜଗନ୍ନାଥ ନିଳଗିରି ପତି ଓ ସାଲବେଗଙ୍କ ରଚିତ ଏକ ତ ଭକତ ଜୀବନକୁ ପରିବେଷଣ କରିଥିଲେ ଲିପ୍ସା ମହାପାତ୍ର । ପରେ ପରେ ଶିବ ଶଙ୍କର ଷଡଙ୍ଗୀ ଗାୟନ କରିଥିଲେ ଗୋପାଳକୃଷ୍ଣଙ୍କ ରଚିତ ଜଗବନ୍ଧୁ ଦୟାଳୁ ଓ ଆହେ ପ୍ରଭୁ ପଙ୍କଜ ଆଖୀ । ଦ୍ୱିତୀୟ ସନ୍ଧ୍ୟାର ଅନ୍ତିମ ପରିବେଷଣରେ ଥିଲା ଶର୍ମିତା ଗୁରୁଙ୍କ ଦ୍ୱାରା ବନମାଳୀଙ୍କ ରଚିତ ଜଗନ୍ନାଥ ହୋ କିଛି ମାଗୁନାହିଁ ଓ ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ । ସେମାନଙ୍କୁ ତବଲାରେ ଅଜୟ କୁମାର ଚୌଧୁରୀ, ଢୋଲକରେ ଅବନିକାନ୍ତ ଦାସ, ବଂଶୀରେ ରତିକାନ୍ତ ଗୋଛାୟତ, ଅକ୍‌ଟୋପ୍ୟାଡ଼ରେ ବସନ୍ତ କୁମାର ତିହାଡି, କିବୋର୍ଡ଼ରେ ରମେଶ ଚନ୍ଦ୍ର ବେହେରା ଏବଂ ହାରମୋନିୟମରେ ମୁରଲୀଧର ସ୍ୱାଇଁ ସହଯୋଗ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାର ଅତିଥିମାନେ ଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ଶ୍ୟାମାମଣି ଦେବୀ (ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତା), ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ସିକତା ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ଦେବଯାନୀ ଭୂୟାଁ ଓ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ସୁଚିସ୍ମିତା ମନ୍ତ୍ରୀ । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡକ୍ଟର ବିଜୟ ମଲ୍ଲ ଓ ମୋହନ ମାଜିଠିଆ ।



ଭୁବନେଶ୍ୱର, ୨୦ ଜୁଲାଇ, ସୋମବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜନ୍ମବେଦିରେ ବିଜେ ମହାବାହୁ : ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼

**ପୁରୀ,୧୯/୦୭ ନ୍ୟୁଜ ବ୍ୟୁରୋ**

ଜନ୍ମବେଦିରେ ବିଜେ ହୋଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ସେବକମାନେ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଗୋଟି ପହଣ୍ଡିରେ ନେଇ ଆଡ଼ପ ମଣ୍ଡପରେ ଅଧିଷ୍ଠିତ କରିଛନ୍ତି । ରବିବାରଠାରୁ ଭକ୍ତମାନେ ଠାକୁରଙ୍କ ଆଡ଼ପ ଦର୍ଶନ ପାଇବାର ସୌଭାଗ୍ୟ ଲଭିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନୀତି ନିର୍ଘଣ୍ଟ ଅନୁସାରେ ଠାକୁରଙ୍କ ସକାଳ ଧୂପ ପୂର୍ବାହ୍ନ ସାଢ଼େ ୧୦ଟାରୁ ୧୨ଟା ଓ ଭୋଗମଣ୍ଡପ ସାଢ଼େ ୧୨ଟାରୁ ସାଢ଼େ ୧ଟା ମଧ୍ୟରେ ହୋଇଥିଲା। ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଶୁକ୍ରବାର ଅପରାହ୍ନରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରଥ ଚାରିପଟେ ଚାଲିଥିଲା ଭାବଭକ୍ତିର ଖେଳ । ଲକ୍ଷାଧିକ ଭକ୍ତଙ୍କ ଗହଣରେ ରହିଥିଲା ରଥ ତ୍ରୟ । ଠାକୁରଙ୍କ ସମ୍ମୁଖକୁ ଯାଇ ଭକ୍ତମାନେ ଭକ୍ତି ନିବେଦନ କରୁଥିଲେ । ଶନିବାର କିଛି





ସମୟ ଝିପି ଝିପି ବର୍ଷା ହେବାରୁ ପାଗ ମୋଟାମୋଟି ଅନୁକୂଳ ଥିଲା । ଏଣୁ ଦର୍ଶନ ପାଇଁ ଶରଧାବାଲିକୁ ଭକ୍ତଙ୍କ ସୁଅ ଛୁଟିଥିଲା । ସଂକୀର୍ତ୍ତନ ମଣ୍ଡଳୀ ଭଜନ କୀର୍ତ୍ତନ କରୁଥିଲେ । ସୁରକ୍ଷାଦୃଷ୍ଟିରୁ ପୁଲିସକର୍ମୀ ରଥ ଚାରିପଟେ କର୍ଡନ କରିଥିଲେ । ଗୋଟି ପହଣ୍ଡି କ୍ରମେ ଶ୍ରୀଜିଉ ଗୁଣ୍ଡିଚାଘର ଆଡ଼ପମଣ୍ଡପରେ ବିଜେ ହୋଇଥିଲେ । ଦଇତାପତି ସେବକମାନେ ସିଂହାସନରେ ଶ୍ରୀବିଗ୍ରହଙ୍କୁ ରୁନ୍ଧିଥିଲେ । ପରେ ବିଳମ୍ବିତ ରାତିରେ ଠାକୁରଙ୍କ ସ୍ୱତନ୍ତ୍ର ନୀତି ହୋଇଥିଲା । ରବିବାର ଠାରୁ ଶ୍ରଦ୍ଧାଳୁମାନେ ଶ୍ରୀଗୁଣ୍ଡିଚାଘରେ ଠାକୁରଙ୍କ ଆଡ଼ପମଣ୍ଡପ ଦର୍ଶନ ସମେତ ଆଡ଼ପ ଅବଢ଼ା ପାଉଛନ୍ତି। ଆସନ୍ତା ୨୦ ତାରିଖ ସୋମବାର ହେରାପଞ୍ଚମୀ ନୀତି ହେବ । ୨୧ ତାରିଖ ମଙ୍ଗଳବାର ତିନି ରଥ ଦକ୍ଷିଣମୋଡ଼ ହେବ । ୨୩ ତାରିଖ ଗୁରୁବାର ସନ୍ଧ୍ୟା ଦର୍ଶନ ହେବ । ସେହିଦିନ ପର୍ଯ୍ୟନ୍ତ ଭକ୍ତମାନେ ଠାକୁରଙ୍କୁ ଆଡ଼ପମଣ୍ଡପରେ ଦର୍ଶନ କରିବେ । ୨୪ ତାରିଖ ଶୁକ୍ରବାର ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ କରିବେ । ୨୫ ତାରିଖ ଶନିବାର ଦାରୁବ୍ରହ୍ମଙ୍କ ସୁନାବେଶ ଓ ଶ୍ରୀହରି ଶୟନ ଏକାଦଶୀ ନୀତି । ୨୬ ତାରିଖ ରବିବାର ରଥରେ ଅଧର ଓ ଗରୁଡ଼ ଶୟନ ନୀତି ହୋଇ ୨୭ ତାରିଖ ସୋମବାର ନୀଳକନ୍ଦରକୁ ବିଜେ କରିବେ ନୀଳାଦ୍ରିନାଥ ।

# ଅପମାନଜନକ ଭାଷା ସବୁବେଳେ ଅଶ୍ଳୀଳ ନୁହେଁ: ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୧୯/୦୭**

କେବଳ ଅପମାନଜନକ ଭାଷା ବ୍ୟବହାର କରାଯିବା ମାତ୍ରେ ତାହାକୁ ଆଇନ ଅନୁସାରେ 'ଅଶ୍ଳୀଳ' ବୋଲି କୁହାଯାଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଛନ୍ତି । ଅଦାଲତ କହିଛନ୍ତି, ଏଫ୍-ୱାର୍ଡ ପରି ଅପମାନଜନକ ଶବ୍ଦ ଅନ୍ୟମାନଙ୍କୁ ଆଘାତ ପହଞ୍ଚାଇପାରେ, କିନ୍ତୁ ସେଥିପାଇଁ ତାହା ସ୍ୱତଃସିଦ୍ଧ ଭାବେ ଅଶ୍ଳୀଳ ଭାଷା ଶ୍ରେଣୀରେ ଆସିଯାଏ ନାହିଁ। ବିଚାରପତି ସଞ୍ଜୟ କାରୋଲ ଓ ବିପୁଲ ଏମ୍ ପଲଞ୍ଚୋଲିଙ୍କ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ ଏହି ରାୟ ଦେଇଛନ୍ତି। ତାମିଲନାଡୁରେ ୨୦୧୭ ମସିହାରେ କୃଷିଜମିକୁ କେନ୍ଦ୍ର କରି ହୋଇଥିବା ବିବାଦରୁ ଏହି ମାମଲାର ଆରମ୍ଭ



ହୋଇଥିଲା। ସେହି ଘଟଣାରେ ଜଣେ ୭୦ ବର୍ଷୀୟ ବ୍ୟକ୍ତିଙ୍କୁ ଅପମାନଜନକ ଶବ୍ଦ ବ୍ୟବହାର କରିବା ଅଭିଯୋଗରେ ଅଶ୍ଳୀଳତା ସମ୍ପର୍କିତ ଧାରାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସୁପ୍ରିମ୍‌କୋର୍ଟ କହିଛନ୍ତି, ଆଇନ ଦୃଷ୍ଟିରୁ 'ଅଶ୍ଳୀଳତା' ଓ 'ଅଶାଳୀନତା' ଏକ କଥା ନୁହେଁ। କୌଣସି ଶବ୍ଦକୁ ଅଶ୍ଳୀଳ ବୋଲି ଧରାଯିବା ପାଇଁ ତାହା କାମୁକ ପ୍ରବୃତ୍ତିକୁ ଉସକାଇବା, ଯୌନ ଆକର୍ଷଣ ସୃଷ୍ଟି କରିବା କିମ୍ବା ଏହାକୁ ଶୁଣୁଥିବା ବ୍ୟକ୍ତିଙ୍କ ନୈତିକତାକୁ ବିପଥଗାମୀ କରିବାର ପ୍ରବୃତ୍ତି ଥିବା ଆବଶ୍ୟକ। କେବଳ ଅଶାଳୀନ, କଟୁ କିମ୍ବା ଗାଳିଗୁଲଜପୂର୍ଣ୍ଣ ଶବ୍ଦ ବ୍ୟବହାର କରାଗଲେ ସେଥିରେ ଅଶ୍ଳୀଳତାର ଅପରାଧ ହୁଏ ନାହିଁ। ତେବେ ଅଦାଲତ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଗୁରୁତର ଆଘାତ ପହଞ୍ଚାଇବା ନେଇ ଦୋଷୀ ସାବ୍ୟସ୍ତ ରାୟକୁ ବଜାୟ ରଖିଛନ୍ତି। ମାମଲାରେ ଅଭିଯୁକ୍ତ ଆକ୍ରମଣ କରି ଅଭିଯୋଗକାରୀଙ୍କ ନାକର ହାଡ଼ ଭାଙ୍ଗିଦେଇଥିବା ପ୍ରମାଣିତ ହୋଇଥିଲା। କିନ୍ତୁ ତାଙ୍କ ବୟସ ଓ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ ସୁପ୍ରିମ୍‌କୋର୍ଟ ଦଣ୍ଡରେ କିଛି କୋହଳ କରିଛନ୍ତି ଏବଂ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# କଟକରେ ସାର୍ବଜନିନ ସ୍ଥାନରେ ଅଗ୍ନି ନିରାପତ୍ତା ସୁଦୃଢ଼ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ, ୧୯/୦୭**
**ନ୍ୟୁଜ ବ୍ୟୁରୋ**

ଦିଲ୍ଲୀ ଓ ଲକ୍ଷ୍ନୌରେ ସମ୍ପ୍ରତି ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (କେଏମସି) ଅଞ୍ଚଳରେ ଥିବା ସାର୍ବଜନିନ ସ୍ଥାନଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱ ପ୍ରକାଶ କରିଛନ୍ତି। ହାଇକୋର୍ଟ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଫିସର କମଲଜିତ ଦାସଙ୍କୁ କୋଚିଂ ସେଣ୍ଟର, ହୋଟେଲ ଏବଂ ଅନ୍ୟାନ୍ୟ ସାର୍ବଜନିନ ସ୍ଥାନରେ ଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସମୀକ୍ଷା କରି ଏହା ସମ୍ପର୍କରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ବିଷୟରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଶ୍ରୀ ଦାସ କୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ସମସ୍ତ ସମ୍ପୃକ୍ତ ବିଭାଗ ଓ ଅଂଶୀଦାରଙ୍କଠାରୁ ତଥ୍ୟ ସଂଗ୍ରହ କରି ଏକ ସମନ୍ୱିତ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟରେ ବିଭିନ୍ନ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନିୟମର ପାଳନ ସ୍ଥିତି, ନିୟମ ଉଲ୍ଲଂଘନ କରୁଥିବା ପ୍ରତିଷ୍ଠାନଗୁଡ଼ିକୁ କେତେ ସମୟ ମଧ୍ୟରେ ଅନୁପାଳନ କରାଯିବ ଏବଂ ଅନୁପାଳନ ନ ହେଲେ କେଉଁ ପଦକ୍ଷେପ ଗ୍ରହଣ କରାଯିବ, ସେ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିବ। ଜିଲ୍ଲା ପ୍ରଶାସନର ଆଭିମୁଖ୍ୟ ନେଇ ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ ଶ୍ରୀ ଦାସଙ୍କ ସକ୍ରିୟ ପଦକ୍ଷେପକୁ ଜଷ୍ଟିସ କେ. ଆର. ମହାପାତ୍ର ଓ ଜଷ୍ଟିସ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶଂସା କରିଛନ୍ତି। ପ୍ରସ୍ତାବିତ ପଦକ୍ଷେପଗୁଡ଼ିକ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମୂଲ୍ୟବାନ ମାନବ ଜୀବନର ସୁରକ୍ଷାରେ ଫଳପ୍ରଦ ହେବ ବୋଲି ନ୍ୟାୟାଳୟ ଆଶା ପ୍ରକାଶ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୩୦ ଜୁଲାଇ ୨୦୨୬ରେ ହେବ।

# ଅଗଷ୍ଟରୁ ଲାଗିବ ପ୍ରିପେଡ୍ ସ୍ମାର୍ଟ ମିଟର : ଉପଭୋକ୍ତାଙ୍କୁ ମିଳିବ ମାସିକ ୪ ପ୍ରତିଶତ ରିହାତି

**ଭୁବନେଶ୍ୱର, ୧୯/୦୭**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଆଧୁନିକ ଓ ଦକ୍ଷ କରିବା ପାଇଁ ସରକାର ନେଇଛନ୍ତି ବଡ଼ ପଦକ୍ଷେପ। ରାଜ୍ୟର ଚାରିଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀର କାର୍ଯ୍ୟଦକ୍ଷତାର ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ବୈଠକରେ ସୌର ଶକ୍ତି, ସ୍ମାର୍ଟ ମିଟର, ବିଦ୍ୟୁତ ଭିତ୍ତିଭୂମି ସୁଦୃଢ଼ୀକରଣ ଓ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥି ସହିତ ସ୍ମାର୍ଟ ମିଟରିଂକୁ ଆହୁରି ପ୍ରୋତ୍ସାହନ ଦେବାକୁ ଆସନ୍ତା ଅଗଷ୍ଟ ୨୦୨୬ରୁ ସମସ୍ତ ସରକାରୀ ବିଦ୍ୟୁତ ସଂଯୋଗକୁ ପୋଷ୍ଟପେଡ୍‌ରୁ ପ୍ରିପେଡ୍ ସ୍ମାର୍ଟ ମିଟରରେ ପରିବର୍ତ୍ତନ କରାଯିବ ବୋଲି ନିଷ୍ପତ୍ତି ନିଆ ଯାଇଛି । ପ୍ରିପେଡ୍ ସ୍ମାର୍ଟ ମିଟର ବ୍ୟବହାର କରୁଥିବା ସରକାରୀ ଉପଭୋକ୍ତାଙ୍କୁ ମାସିକ ବିଦ୍ୟୁତ ବିଲ୍‌ରେ ୪ ପ୍ରତିଶତ ରିହାତି ମଧ୍ୟ ମିଳିବ ବୋଲି



କୁହାଯାଇଛି । ଭୁବନେଶ୍ୱରରେ ଆୟୋଜିତ ଡିସ୍କମ୍ ବୋର୍ଡ ବୈଠକରେ ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ ଓ ଟିପିଡବ୍ଲୁଓଡିଏଲ୍‌ର କାର୍ଯ୍ୟଦକ୍ଷତାର ସମୀକ୍ଷା କରିଥିଲେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରୀଡ୍‌କୋର ସିଏମ୍‌ଡି ଏବଂ ସମସ୍ତ ଡିସ୍କମ୍‌ର ଏମ୍‌ଡି, ସିଇଓ ଓ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟତଃ ନବୀକରଣଯୋଗ୍ୟ ଶକ୍ତି, ନେଟୱାର୍କ ସୁଦୃଢ଼ୀକରଣ, ସ୍ମାର୍ଟ ମିଟରିଂ ଓ କାର୍ଯ୍ୟକୁଶଳତା ଉପରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାରେ ଓଡ଼ିଶାର ସଫଳତାକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଛନ୍ତି। ରାଜ୍ୟରେ ଏପର୍ଯ୍ୟନ୍ତ ୧ ଲକ୍ଷ ୫୬ ହଜାର ୬୦୬ଟି ରୁଫଟପ୍ ସୋଲାର ସଂଯୋଗ ସ୍ଥାପିତ ହୋଇଛି। ସେଥିରୁ ୯୨ ହଜାର ୨୮୦ଟି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଏବଂ ୬୪ ହଜାର ୩୨୬ଟି ୟୁଏଲଏ ଯୋଜନା ଅଧୀନରେ ହୋଇଛି। ଏହି ସଫଳତା ଯୋଗୁଁ ଦେଶର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇଛି। ସେହିପରି ପିଏମ୍-କୁସୁମ ୨.୦ ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ମନ୍ଥ ଅଫ୍ ସୋଲାର କ୍ୟାମ୍ପେନ୍'ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ କେନ୍ଦ୍ରର ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଡିସ୍କମ୍‌ମାନେ ପୁରସ୍କୃତ ହୋଇଥିବାବେଳେ, ବୈଠକରେ ଏହାକୁ ସ୍ୱାଗତ କରାଯାଇଛି। ସେହିପରି ବିଦ୍ୟୁତ ବଣ୍ଟନ କ୍ଷେତ୍ରର ଏଟି ଆଣ୍ଡ ସି କ୍ଷତି ଲଗାତାର କମୁଥିବାରୁ ଏହା ବିଦ୍ୟୁତ ବିତରଣ ବ୍ୟବସ୍ଥାର ଆର୍ଥିକ ଓ କାର୍ଯ୍ୟଦକ୍ଷତାରେ ସୁଧାର ଆସିଥିବାର ସୂଚନା ଦେଉଛି। ରଥଯାତ୍ରା-୨୦୨୬ ସମୟରେ ନିରବଚ୍ଛିନ୍ନ ଓ ସୁରକ୍ଷିତ ବିଦ୍ୟୁତ ଯୋଗାଣ, ସର୍ବାଧିକ ବିଦ୍ୟୁତ ଚାହିଦାର ସଫଳ ପରିଚାଳନା ଏବଂ ଶୂନ୍ୟ ପାୱାର ଟ୍ରାନ୍ସଫର୍ମର ବିଫଳତା ହାସଲ କରିଥିବାରୁ ଡିସ୍କମ୍‌ମାନଙ୍କୁ ପ୍ରଶଂସା କରାଯାଇଛି। ଗତ ପାଞ୍ଚ ବର୍ଷରେ ପୁଞ୍ଜି ବିନିଯୋଗ ଫଳରେ ବିଦ୍ୟୁତ ଭିତ୍ତିଭୂମି, ସୁରକ୍ଷା ଓ ସେବାର ଗୁଣାତ୍ମକ ଉନ୍ନତି ଘଟିଥିବା ବୈଠକରେ ମତ ପ୍ରକାଶ ପାଇଥିଲେ । ସୌର ଶକ୍ତିର ପ୍ରସାର, ସ୍ମାର୍ଟ ମିଟରିଂର ବ୍ୟାପକ ବ୍ୟବହାର ଏବଂ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ ମାଧ୍ୟମରେ ଓଡ଼ିଶା ବିଦ୍ୟୁତ କ୍ଷେତ୍ରରେ ନୂଆ ମାନଦଣ୍ଡ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ, ସୁରକ୍ଷିତ ଓ ଡିଜିଟାଲ୍ ବିଦ୍ୟୁତ୍ ସେବା ଯୋଗାଇବାରେ ସହାୟକ ହେବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

# ନବୀନଙ୍କ ପ୍ରଶଂସାରେ ଶତମୁଖ ବ୍ୟାଡମିଣ୍ଟନ ସୁପରଷ୍ଟାର ପି.ଭି. ସିନ୍ଧୁ

**ଭୁବନେଶ୍ୱର, ୧୯/୦୭**
**ନ୍ୟୁଜ ବ୍ୟୁରୋ**

ଜାପାନ ଓପନ୍-୨୦୨୬ର ମହିଳା ସିଙ୍ଗଲ୍ସ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଛନ୍ତି ଭାରତୀୟ ବ୍ୟାଡମିଣ୍ଟନ ସୁପରଷ୍ଟାର ପି.ଭି. ସିନ୍ଧୁ । ଟାଇଟଲ ହାସଲ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସରେ ସିନ୍ଧୁଙ୍କୁ ଶୁଭେଚ୍ଛା ଜଣେଇଥିଲେ । ଏହି ବାର୍ତ୍ତାର ଉତ୍ତରରେ ନବୀନ ପଟ୍ଟନାୟକଙ୍କୁ ସେ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶା ସହ ନିଜର ଆତ୍ମୀୟ ସମ୍ପର୍କର କଥା ଉଲ୍ଲେଖ କରିଛନ୍ତି । ନବୀନଙ୍କ ପ୍ରଶଂସାରେ ମଧ୍ୟ ଶତମୁଖ ହୋଇଛନ୍ତି ବ୍ୟାଡମିଣ୍ଟନ ଆଇଡ଼ଲ ସିନ୍ଧୁ । ଖୁବ୍‌ଶୀଘ୍ର ପୁରୀ ଆସି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଇଚ୍ଛା ପ୍ରକାଶ ମଧ୍ୟ କରିଛନ୍ତି । ଭାରତୀୟ ବ୍ୟାଡମିଣ୍ଟନ ତାରକା ପି.ଭି ସିନ୍ଧୁ ଜାପାନ ଓପନ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି । ଘରୋଇ ଖେଳାଳି ତଥା ତିନିଥର ବିଶ୍ୱ ଚାମ୍ପିଅନ୍ ଆକାନେ ୟାମାଗୁଚିଙ୍କୁ ସିଧାସଳଖ ସେଟରେ ପରାସ୍ତ କରି ସିନ୍ଧୁ ପ୍ରଥମ ଭାରତୀୟ



ଭାବେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟର ମୁକୁଟ ହାସଲ କରିଛନ୍ତି । ଫାଇନାଲ ମ୍ୟାଚରେ ଆକାନେ ୟାମାଗୁଚିଙ୍କୁ ସିଧାସଳଖ ଗେମରେ ୨୧-୧୭, ୨୧-୧୭ରେ ସିନ୍ଧୁ ପରାସ୍ତ କରିଛନ୍ତି । ପ୍ରାୟ ୫୦ ମିନିଟ ଧରି ଚାଲିଥିବା ଏହି ରୋମାଞ୍ଚକର ମୁକାବିଲାରେ ସିନ୍ଧୁ ଦମଦାର ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି । ଏହି ଐତିହାସିକ ସଫଳତା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋସିଆଲ ମିଡିଆ ଏକ୍ସ ଜରିଆରେ ସିନ୍ଧୁଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ନିଖୁଣ ପ୍ରଦର୍ଶନର ପ୍ରଶଂସା କରିଛନ୍ତି। ଜବାବରେ ନବୀନ ଜଣାଇଥିବା ଶୁଭେଚ୍ଛା ବାର୍ତ୍ତା ପାଇଁ ସିନ୍ଧୁ ଧନ୍ୟବାଦ ଜଣାଇଛନ୍ତି । ନବୀନଙ୍କ ବାର୍ତ୍ତାର ଉତ୍ତରରେ ସିନ୍ଧୁ କହିଛନ୍ତି, 'ତାଙ୍କ ଶ୍ୱଶୁର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି । ଶ୍ୱଶୁର ସବୁବେଳେ ନବୀନଙ୍କ ନେତୃତ୍ୱ ଏବଂ ଓଡ଼ିଶାର ଶାସନ ବ୍ୟବସ୍ଥାର ଉଚ୍ଚ ପ୍ରଶଂସା କରିଆସିଛନ୍ତି । ନବୀନଙ୍କ ଶୁଭେଚ୍ଛା ତାଙ୍କ ପାଇଁ ଅତ୍ୟନ୍ତ ସ୍ୱତନ୍ତ୍ର ଓ ପ୍ରେରଣାଦାୟକ' ବୋଲି ସିନ୍ଧୁ ଉଲ୍ଲେଖ କରିଛନ୍ତି । ସିନ୍ଧୁ ଆହୁରି ମଧ୍ୟ ଲେଖିଛନ୍ତି, 'ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ସମୟରେ ଏହି ବିଜୟ ହାସଲ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ । ଖୁବଶୀଘ୍ର ପୁରୀ ଆସି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ନେବେ' ବୋଲି ଆଶା ପ୍ରକାଶ କରିଛନ୍ତି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୯/୦୭/୨୦୨୬
୨,୭୧,୯୭୫/- ଟଙ୍କା
ସୁନା:- ୦୨ଗ୍ରାମ୍ ୬୦୦ ମିଲିଗ୍ରାମ
ରୂପା:- ୨୭ଗ୍ରାମ୍ ୦୦୦ ମିଲିଗ୍ରାମ

# ବର୍ଷାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ନନ୍ଦନକାନନରେ ଲାଗୁହେଲା ସ୍ପେଶାଲ୍ ଏସ୍‌ଓପି

**ଭୁବନେଶ୍ୱର, ୧୯/୦୭**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବର୍ଷା ଋତୁର ଆଗମନ ସହିତ ପ୍ରବଳ ବର୍ଷା, ଅତ୍ୟଧିକ ଆର୍ଦ୍ରତା ଏବଂ ସାମୟିକ ବାତ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ୩.୨ ବର୍ଗ କିଲୋମିଟର ପରିମିତ ପ୍ରାକୃତିକ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ୧୭୯ଟି ପ୍ରଜାତିର ୪,୦୦୦ରୁ ଅଧିକ ଜୀବଜନ୍ତୁ ରହୁଥିବା ଏହି ପ୍ରାଣୀ ଉଦ୍ୟାନରେ ଏକ ବୈଜ୍ଞାନିକ ପଦ୍ଧତିରେ ପ୍ରସ୍ତୁତ 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜ୍ୟୋର' ଅନୁସରଣ କରାଯାଉଛି। ଏଥିରେ ରହିଛି ପ୍ରତିଷେଧକ ପଶୁ ଚିକିତ୍ସା, ବାସସ୍ଥଳୀ ପରିଚାଳନା, ଭିତ୍ତିଭୂମି ରକ୍ଷଣାବେକ୍ଷଣ ଏବଂ ଜରୁରୀକାଳୀନ ପ୍ରସ୍ତୁତିକୁ ସାମିଲ କରାଯାଇଛି । ଯାହାଦ୍ୱାରା ବର୍ଷାଋତୁ ସାରା ଜୀବଜନ୍ତୁଙ୍କ ନିରବଚ୍ଛିନ୍ନ ଯତ୍ନ ଓ ରକ୍ଷଣାବେକ୍ଷଣ ସୁରୁଖୁରୁରେ କରାଯାଇପାରିବ। ଜୀବଜନ୍ତୁଙ୍କ ଖୁଆଡ଼ ଗୁଡ଼ିକୁ ସ୍ୱଚ୍ଛ, ଶୁଖିଲା ଏବଂ ସ୍ୱାସ୍ଥ୍ୟକର ରଖିବା, ବର୍ଷା ଆରମ୍ଭ ହେବା ପୂର୍ବରୁ ପଶୁମାନଙ୍କ ଆଶ୍ରୟସ୍ଥଳୀ, ଖାଦ୍ୟ ଗ୍ରହଣ କୋଠରୀ ଏବଂ ନାଇଟ୍ ହାଉସ୍ ଗୁଡ଼ିକର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଓ ମରାମତି କରାଯାଇଛି। ଛାତରୁ ପାଣି ଗଳିବା ସମସ୍ୟାର ସମାଧାନ କରାଯିବା ସହ ନଷ୍ଟ ହୋଇଯାଇଥିବା ଛାତ ସାମଗ୍ରୀ ବଦଳାଯାଇଛି ଏବଂ ଜଳବନ୍ଦୀ ସମସ୍ୟା ଏଡ଼ାଇବା ପାଇଁ ଡ୍ରେନେଜ୍ ଚ୍ୟାନେଲ୍, କଲଭର୍ଟ ଓ ପ୍ରାକୃତିକ ଜଳାଶୟ ଗୁଡ଼ିକୁ ସଫା କରାଯାଇଛି । ଜଳ ନିଷ୍କାସନକୁ ସହଜ କରିବା ପାଇଁ ଆବଶ୍ୟକ ସ୍ଥଳେ ଖୁଆଡ଼ର ଚଟାଣକୁ ବାଲି କିମ୍ବା ଗୋଡ଼ି ଦ୍ୱାରା ସମତୁଲ କରାଯାଇଛି । ବିଶେଷ କରି ସଂକ୍ରାମକ ରୋଗର ଆଶଙ୍କା କମାଇବା ଏବଂ ଜୀବାଣୁ ବଂଶବୃଦ୍ଧି ରୋକିବା ପାଇଁ ତୃଣଭୋଜୀ ପ୍ରାଣୀମାନଙ୍କ ଖୁଆଡ଼ରେ ନିୟମିତ ବ୍ୟବଧାନରେ ଚୂନ ସିଞ୍ଚନ କରାଯାଉଛି । ବାହାରେ ଥିବା ଜଳାଶୟ, ପିଇବା ପାଣି କୁଣ୍ଡଗୁଡ଼ିକୁ ନିୟମିତ ଭାବେ ସଫା କରାଯିବା ସହ ପ୍ରତି ସପ୍ତାହରେ ଚୂନ ଧଉଳା କରାଯାଉଛି । ମାଟିର ପିଇବା ପାଣି ପାତ୍ର ବଦଳରେ ଷ୍ଟେନଲେସ୍-ଷ୍ଟିଲ୍ ପାତ୍ର ବ୍ୟବହାର କରାଯାଉଛି । ଯାହାକୁ ଜୀବାଣୁ ସଂକ୍ରମଣରୁ ମୁକ୍ତ ରଖିବା ପାଇଁ ପଶୁ-ସୁରକ୍ଷିତ ବିଶୋଧକ ଦ୍ୱାରା ଦୈନିକ ସଫା କରାଯାଉଛି । ଜନ୍ତୁ ଓ ପର୍ଯ୍ୟଟକ ମାନଙ୍କର ସୁରକ୍ଷାକୁ ଧ୍ୟାନରେ ରଖି ସମସ୍ତ ପାଣି



ଟାଙ୍କି ଓ ଜଳ ଯୋଗାଣ ସୂତ୍ରରୁ ଜଳର ବିଶୁଦ୍ଧତା ଯାଞ୍ଚ ପାଇଁ ନମୁନା ସଂଗ୍ରହ କରାଯାଇ ନିୟମିତ ଯାଞ୍ଚ କରାଯାଉଛି। ପଶୁ ରକ୍ଷକମାନଙ୍କୁ ପଶୁମାନଙ୍କ ରୋଗର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ କରିବା, ଖୁଆଡ଼ର ସ୍ୱଚ୍ଛତା ରକ୍ଷା କରିବା ଏବଂ ବନ୍ୟା କିମ୍ବା ପ୍ରତିକୂଳ ପାଣିପାଗ ସମୟରେ ପ୍ରଭାବଶାଳୀ ପଦକ୍ଷେପ ନେବା ପାଇଁ ପ୍ରଶିକ୍ଷଣ ଦିଆଯାଇଛି । ବର୍ଷାଋତୁ ପୂର୍ବରୁ ବିଦ୍ୟୁତ ବ୍ୟବସ୍ଥା, ପମ୍ପ, ଜେନେରେଟର ଏବଂ ଜଳ ଯୋଗାଣ ନେଟୱାର୍କର ଯାଞ୍ଚ କରାଯାଇଛି । ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ମଧ୍ୟ ସମାନ ଭାବେ ଗୁରୁତ୍ୱ ଦିଆଯାଇଛି । ପର୍ଯ୍ୟଟକ ଚଲାପଥ, ବସିବା ସ୍ଥାନଗୁଡ଼ିକର ସଫା ରଖାଯିବା ସହ ଖସଡା ନହେବା ପାଇଁ ପ୍ରତିକାର କରାଯିବା ସହ ନିୟମିତ ଯାଞ୍ଚ କରାଯାଉଛି । ଏହା ସହିତ ପ୍ରବଳ ବର୍ଷା ସମୟରେ ସୁରକ୍ଷା କର୍ମୀମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାଣିପାଗ ଅଧିକ ଖରାପ ହେଲେ ପର୍ଯ୍ୟଟକମାନଙ୍କ ଗମନାଗମନକୁ ସାମୟିକ ଭାବେ ନିୟନ୍ତ୍ରିତ କରାଯାଉଛି ବୋଲି କହିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

**ଏସ୍‌ସିଇଆରଟିରେ ଘାଣ୍ଟୁଛି କ୍ରାଇମ୍‌ବ୍ରାଞ୍ଚ**

# ମୂଳ ପାଣ୍ଡୁଲିପି ଜବତ, ଯାଞ୍ଚ୍ କରିବେ ବିଶେଷଜ୍ଞ

**କଟକ,ଭୁବନେଶ୍ୱର, ୧୯/୦୭ ନ୍ୟୁଜ ବ୍ୟୁରୋ**

ପାଠ୍ୟପୁସ୍ତକ ତ୍ରୁଟିର ମୂଳ କାରଣ କ'ଣ ? ଏହାର ଚେର କେଉଁଠି ଲମ୍ବିଛି? ଏସବୁକୁ ତନ୍ନତନ୍ନ କରି ଯାଞ୍ଚ କରୁଛି କ୍ରାଇମ୍‌ବ୍ରାଞ୍ଚ । ତଦନ୍ତ ଦାୟିତ୍ୱ ନେବାଠୁ କ୍ରାଇମ୍‌ବ୍ରାଞ୍ଚ ଲଗାତର ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆରଟି)କୁ ଘାଣ୍ଟୁଛି । ଏବେ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ମାରାଥନ ଜେରା କରୁଛି । ଏସ୍‌ସିଇଆରଟିରୁ ସମସ୍ତ ବହିର ମୂଳ ପାଣ୍ଡୁଲିପି ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଛି । ଦିନ ତମାମ ଏସ୍‌ସିଇଆରଟି କାର୍ଯ୍ୟାଳୟରେ ଖୋଳତାଡ଼ କରିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ନୂଆ ପାଠ୍ୟପୁସ୍ତକ ଜବତ କରାଯାଇଛି । ଷଡ଼ଯନ୍ତ୍ରର ଗୁମର ଖୋଲିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ୨୫୦ଜଣ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରିଛି । ସମସ୍ତଙ୍କୁ ଗୋଟି ଗୋଟି କରି ଜେରା କରାଯିବ। ପ୍ରଥମେ ପାଠ୍ୟପୁସ୍ତକ ପ୍ରସ୍ତୁତ ପାଇଁ ସମସ୍ତ ବହିର ହାତଲେଖା ପାଣ୍ଡୁଲିପି, ଏହାପରେ ସମୀକ୍ଷକଙ୍କ



ଦ୍ୱାରା ସଂଶୋଧିତ ହୋଇଥିବା କପିକୁ ଜବତ କରିଥିଲେ । ସଂଶୋଧନ ପରେ ଡିଟିପି ପାଇଁ ଯାଇଥିବା କପି ସହ ଡିଟିପି ହୋଇଆସିଥିବା ସମସ୍ତ କପିକୁ ଜବତ କରିଥିଲେ । ଏତେ ସବୁ ଡକ୍ୟୁମେଣ୍ଟ, ହାତଲେଖା, ଡିଟିପି ଆଦି ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା କ୍ରାଇମ୍‌ବ୍ରାଞ୍ଚର ଟିମ୍। ସେମାନେ ପ୍ରଶ୍ନ କରିଥିଲେ, ଏସବୁ କାର୍ଯ୍ୟ କିପରି ଅଳ୍ପ ସୀମିତ ସମୟ ମଧ୍ୟ କରିଛ ? କିପରି ସମ୍ଭବ ହେଲା ଏସବୁ ପ୍ରସ୍ତୁତ କରିବା, ତାହା ବାରମ୍ବାର ପ୍ରଶ୍ନ କରିଥିଲେ । ଏହାପରେ କେଉଁ ବହି କିଏ ସଂପାଦନା କରିଥିଲେ ? କିଏ ସମୀକ୍ଷା କରିଥିଲା ? କେତେ ଥର ସମୀକ୍ଷା ହୋଇଥିଲା ? କିଏ ବହିକୁ ବିକଶିତ କରିଛନ୍ତି ? ବିଷୟବସ୍ତୁ କିଏ ପ୍ରସ୍ତୁତ କରିଥିଲେ ? କିଏ ମୁଦ୍ରଣ ପାଇଁ ଅନୁମତି ଦେଇଥିଲା ? ପ୍ରତ୍ୟେକ ସୋପାନରେ କ'ଣ କରାଯାଇଛି ? କେଉଁ ସ୍ତରରେ କାହାର କ'ଣ ଭୂମିକା ଥିଲା ? ତାହାର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ଏସ୍‌ସିଇଆରଟି ପରିସରରେ କିଛି ସମୀକ୍ଷକ, କୋର୍ କମିଟିର ସଦସ୍ୟଙ୍କ ସହ ଭର୍ଚ୍ୟୁଆଲ ମାଧ୍ୟମରେ ଆଲୋଚନା କରିଛି । ଆଗକୁ ନିଲମ୍ବିତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଥିବା ସହକାରୀ ନିର୍ଦ୍ଦେଶକଙ୍କୁ ସମନ ହୋଇପାରେ ବୋଲି ସୂଚନା ରହିଛି ।

ଏସ୍‌ସିଇଆରଟିରୁ ଜବତ ମୂଳ ପାଣ୍ଡୁଲିପିରେ ଯେଉଁ ସିଲାବସ୍ ରହିଛି ତାହା ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ କି ନୁହେଁ ତାହାକୁ ବରିଷ୍ଠ ଶିକ୍ଷକଙ୍କର ଏକ ବିଶେଷଜ୍ଞ ଟିମ୍ ତଦାରଖ କରିବେ । ଏହି ଟିମ୍‌ରେ କେତେ ଜଣ ବିଷୟ ବିଶେଷଜ୍ଞ ଅବସରପ୍ରାପ୍ତ ଶିକ୍ଷକ ଓ କିଛି ବରିଷ୍ଠ ଶିକ୍ଷକ ସାମିଲ ହେବେ । ସବୁ ବିଭାଗର ଶିକ୍ଷକଙ୍କୁ ଏଥିରେ ରଖାଯିବ । କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ଉପସ୍ଥିତିରେ ଏହାର ଯାଞ୍ଚ ହେବ । ଏଥିସହିତ ମୂଳ ପାଣ୍ଡୁଲିପିରୁ କରାଯାଇଥିବା ଡିଟିପି ସ୍କ୍ରିପ୍ଟ, ପିଡିଏଫ୍ ଓ ଛପା ବହି ସହିତ ମେଳାଇବା କାମ ବିଶେଷଜ୍ଞ ଟିମ୍ କରିବ । ଅନ୍ୟପଟେ ସ୍କୁଲ୍ ବହି ଛପା ତ୍ରୁଟି ଷଡ଼ଯନ୍ତ୍ରର ଗୁମର ଖୋଲିବା ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ଏଯାବତ କରିଥିବା ତଦନ୍ତରେ ପ୍ରାୟ ୨୫୦ ଜଣ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କର ଏକ ତାଲିକା ପ୍ରସ୍ତୁତ କରିଛି । ବହି ପ୍ରସ୍ତୁତି ପ୍ରକ୍ରିୟା ଅର୍ଥାତ୍ ପାଣ୍ଡୁଲିପିରୁ ଡିଟିପି ହେବା, ତା'ର ପିଡିଏଫ୍ ପ୍ରସ୍ତୁତ ହେବା, ଉକ୍ତ ପିଡିଏଫ୍‌କୁ ଯାଞ୍ଚ କରାଯିବା, ଏଗୁଡ଼ିକୁ ଛାପିବା ପାଇଁ ଅନୁମୋଦନ କରିବା, ଅନୁମୋଦିତ ପାଠ୍ୟକ୍ରମକୁ ଛାପିବା, ଛାପିବା ପରେ ତାହାକୁ ବଣ୍ଟନ କରିବା ଭଳି ପ୍ରକ୍ରିୟାରେ ଏହି ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ। ଏପରିକି ଛପା ଫାର୍ମର କିଛି ବରିଷ୍ଠ ଅଧିକାରୀ ମଧ୍ୟ ଏହି ପ୍ରକ୍ରିୟାରେ ଯୋଡ଼ିହୋଇଥିଲେ । ସମଗ୍ର ପ୍ରକ୍ରିୟା ଭିତରେ ତ୍ରୁଟି ଜାଣି ମଧ୍ୟ କେଉଁମାନେ ସଂପୂର୍ଣ୍ଣ ଭାବେ ଆଖି ବୁଜିଦେଇଥିଲେ ବା ଚୁପ୍ ରହିଥିଲେ ତାଲିକାରୁ ସେମାନଙ୍କ ନାମକୁ ଗୋଟି ଗୋଟି କରି ଛାନ୍‌ଭିନ୍ କରିବ ତଦନ୍ତକାରୀ ଟିମ୍ । ଖାଲି ଯେ ବରିଷ୍ଠ ଅଧିକାରୀ ଏହି ତ୍ରୁଟିକୁ ଦେଖି ଅଣଦେଖା କରିଥିଲେ ତାହା ନୁହେଁ, ବହୁ ତଳିଆ କର୍ମଚାରୀ ବି ପ୍ରତ୍ୟକ୍ଷ ଭାବେ ଏହା ଦେଖି ତ୍ରୁଟିକୁ ଅଣଦେଖା କରିଥିବା ତଦନ୍ତକାରୀ ଟିମ୍ ଆଶଙ୍କା କରୁଛି । ତେଣୁ କେବଳ ବଡ଼ବଡ଼ିଆ ନୁହେଁ ଉତ୍ତରଦାୟୀ ଥିବା ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମବ୍ରାଞ୍ଚର ଜଣେ ଏସ୍‌ପି ସୂଚନା ଦେଇଛନ୍ତି । ଏପରିକି ଓସେପା ପକ୍ଷରୁ ଖର୍ଚ୍ଚ ସଂପର୍କିତ ତଥ୍ୟ ସହ ଅନ୍ୟ ଆନୁସଙ୍ଗିକ ତଥ୍ୟ ମଧ୍ୟ କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରାଯାଇଛି। ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟା, କେତେ ପିଲାଙ୍କ ପାଇଁ ବହି ଛପା ଯାଇଛି, ଏନେଇ ଦିଆଯାଇଥିବା ଟଙ୍କା, ଟଙ୍କା ପୈଠର ତାରିଖ ଓ ପରିମାଣ, କେଉଁ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର କାଗଜପତ୍ର ଓସେପା ପକ୍ଷରୁ କ୍ରାଇମବ୍ରାଞ୍ଚକୁ ପ୍ରଦାନ କରାଯାଇଛି । ଏଥିସହିତ ଏସବୁର କିଛି ବ୍ୟାଙ୍କ୍ ଟ୍ରାନ୍‌ଜାକ୍‌ସନ୍ ତଥ୍ୟ ଓ ବିଲ୍ ମଧ୍ୟ ଦିଆଯାଇଛି । ଏହି ତଥ୍ୟକୁ ରବିବାର ଜଣେ ବରିଷ୍ଠ ଇନ୍ସପେକ୍ଟରଙ୍କ ଟିମ୍ ତଦାରଖ କରିଛନ୍ତି ବୋଲି ସୂଚନା ମିଳିଛି।